R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୧
ତିଥି : ତୃତୀୟା
୨୬ ଏପ୍ରିଲ ୨୦୨୪, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 201
26 April 2024, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଦୁଇଦିନ ଆକାଶରୁ ବର୍ଷିବ ନିଆଁ

ଭୁବନେଶ୍ୱର, ୨୫।୪ (ସବ୍ୟୁ) : ଆକାଶରୁ ଖସିବ ନିଆଁ । ଦିନ, ରାତି ଏକ ହୋଇଯିବ । ପାରଦ ୪୫° ପାର କରିବ । ଗୋଟିଏ କି ଦୁଇଟି ସ୍ଥାନ ନୁହେଁ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଭୟଙ୍କର ସ୍ଥିତି ହେବ । କେତେକ ସ୍ଥାନରେ ଦିନ ତାପମାତ୍ରା ୪୬° ବି ଟପିପାରେ । ଯାହାକୁ ନେଇ ଆଗୁଆ ସତର୍କ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବା ଅନୁସାରେ, ଗୁରୁବାର ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ୨୨ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୨° କିମ୍ବା ତା'ଠାରୁ ଅଧିକ ରହିଛି । ଆଉ ୧୧ଟି ସ୍ଥାନରେ ତାପମାତ୍ରା ୪୦° ରେକର୍ଡ଼ ହୋଇଛି । ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଏଠାରେ ତାପମାତ୍ରା ୪୩.୮° ଅନୁଭୂତ ହୋଇଛି । କେବଳ





ଆଭ୍ୟନ୍ତର ନୁହେଁ ଉପକୂଳରେ ମଧ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ନାକେଦମ କରିଛି । ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୩.୬° ରେକର୍ଡ଼ ହୋଇଥିବାବେଳେ ନୂଆପଡ଼ା ୪୩.୫°, ତାଳଚେରରେ ୪୩.୪°, ବୌଦ୍ଧରେ ୪୩.୨°, କେନ୍ଦ୍ରାପଡ଼ା, କଟକ ଓ ବଲାଙ୍ଗୀରରେ ୪୩°, ଅନୁଗୁଳରେ ୪୨.୯° ଓ ଭୁବନେଶ୍ୱରରେ ୪୨.୨° (୯ ପୃଷ୍ଠାରେ)

**୨୨ ସହରରେ ୪୨° ଉପରେ ତାପମାତ୍ରା**
**ଆଜିଠୁ ୧୫ ଜିଲ୍ଲାକୁ ରେଡ୍ ଆଲର୍ଟ**
**୪୫° ପାର କରିପାରେ ପାରଦ**
**ସପ୍ତାହେ ଯାଏଁ ଜନଜୀବନ କଲବଲ**

# ଆଜି ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍

ନୂଆଦିଲ୍ଲୀ, ୨୫।୪ : ଆସନ୍ତାକାଲି ଲୋକସଭା ନିର୍ବାଚନ ଲାଗି ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ କରାଯିବ । କଂଗ୍ରେସ ନେତା ରାହୁଲ ଗାନ୍ଧି, ଶଶି ଥରୁର, ଅଭିନେତାରୁ ନେତା ବନିଥିବା ଅରୁଣ ଗୋଗୋଇ, ହେମା ମାଳିନୀ, ଓମ୍ ବିର୍ଲା ଓ ଗଜେନ୍ଦ୍ର ସିଂ ଶିଖାୟତଙ୍କ ଭଳି ବରିଷ୍ଠ ନେତାମାନଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ । ଗତ ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ଭୋଟ୍ ୨୧ ରାଜ୍ୟର ୧୦୨ ଆସନରେ ହୋଇଥିଲା । ଆସନ୍ତାକାଲି ୧୨ ରାଜ୍ୟର ୮୮ ନିର୍ବାଚନ ମଣ୍ଡଳି ଲାଗି ଭୋଟ୍ ଗ୍ରହଣ କରାଯିବ । ୧୨ ରାଜ୍ୟରେ ମୋଟ୍ ୧୨୦୬ ପ୍ରାର୍ଥୀ ଏଥର ନିର୍ବାଚନ ମୈଦାନରେ ଅଛନ୍ତି ।

କେରଳର ୨୦ ଆସନ ପାଇଁ ମତଦାନ ହେଉଥିବାବେଳେ କର୍ଣ୍ଣାଟକର ୨୮ ଆସନରୁ ୧୪, ରାଜସ୍ଥାନର ୧୩, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮, ମଧ୍ୟପ୍ରଦେଶର ୭, ଆସାମ ଓ ବିହାରର ୫, ଛତିଶଗଡ ଓ ପଶ୍ଚିମବଙ୍ଗର ୩, ମଣିପୁର-ତ୍ରିପୁରା ଓ ଜମ୍ମୁକାଶ୍ମୀରର ଗୋଟିଏ ଲେଖା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଆସନ୍ତାକାଲି କେରଳର ଓ୍ୱେନାଡ୍ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ । ୨୦୧୯ ନିର୍ବାଚନରେ ରାହୁଲ ଏହି ଆସନରୁ ସିପିଆଇ ପ୍ରାର୍ଥୀ ପିପି ସୁନୀରଙ୍କ ଠାରୁ ୭ ଲକ୍ଷରୁ ଅଧିକ

**ରାହୁଲଙ୍କ ସମେତ ବହୁ ବରିଷ୍ଠ ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ**

ଭୋଟ୍‌ରେ ନିର୍ବାଚିତ ହୋଇଥିଲେ । ସେହିଭଳି ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ତିରୁବନନ୍ତପୁରମ୍‌ରୁ ଚତୁର୍ଥ ଥର ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ହେମା ମାଳିନୀ ମଥୁରାରୁ ନିର୍ବାଚନ ଲଢୁଛନ୍ତି । ସେ ୨୦୧୪ରୁ ଏଠାରେ ଜିତି ଆସୁଛନ୍ତି । ସେହିଭଳି ଲୋକସଭା ବାଚସ୍ପତି ଓମ୍ ବିର୍ଲା କୋଟାରୁ ଲଢୁଛନ୍ତି । ସେହିଭଳି ପୂର୍ବତନ ଛତିଶଗଡ (୯ ପୃଷ୍ଠାରେ)

# ହତାଶ ରାଜ୍ୟ ବିଜେପି ନେତାଙ୍କୁ ଉତ୍ସାହିତ କରିବାକୁ ଶାହାଙ୍କ ପ୍ରୟାସ : ବିଜେଡି

ଭୁବନେଶ୍ୱର, ୨୫।୪ (ସବ୍ୟୁ) : ଗୃହମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହା ଜାଣନ୍ତି ଯେ ଓଡ଼ିଶା ବିଜେପି ନେତାମାନେ ସେମାନଙ୍କ ଅପାରଗତା ଏବଂ ସେମାନଙ୍କ ଉପରେ ଲୋକଙ୍କ ବିଶ୍ୱାସର ଅଭାବ ଯୋଗୁଁ ନିୟମିତ ବିଫଳ ହେଉଛନ୍ତି । ଏହି ନିର୍ବାଚନରେ ହାରିବା ପ୍ରାୟ ନିଶ୍ଚିତ ଥିବା ଜାଣି ଅତ୍ୟଧିକ ନିରାଶ ହୋଇପଡିଥିବା ଓଡିଶାର ବିଜେପି ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାକୁ ସେ ଆସିଥିବା କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର ।

ଶ୍ରୀ ବକ୍ସିପାତ୍ର ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଗତ ୨୪ ବର୍ଷ ରେ ସମଗ୍ର ଦେଶରେ ବିକାଶର ମଡେଲ ପାଲଟିଛି । ବିପର୍ଯ୍ୟୟ ପରିଚାଳନାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସୁରକ୍ଷା, ରୋଜଗାର, ଶିକ୍ଷା ଓ କୃଷକ

**୨୪ ବର୍ଷରେ ଓଡିଶା ପାଲଟିଛି ବିକାଶର ରୋଲ୍ ମଡେଲ**
**ଅନେକ ଯୋଜନାର ସଫଳତା ପାଇଁ କେନ୍ଦ୍ର କରିଛି ପୁରସ୍କୃତ**
**ବିଏସକେୱାଇ ବନ୍ଦ ପାଇଁ ବିଜେପି ନେତା କରୁଛନ୍ତି ଷଡଯନ୍ତ୍ର**
**ମିଶନଶକ୍ତି ମା'ଙ୍କ ବିଦେଶ ଯାତ୍ରାକୁ ଅଟକାଇଛନ୍ତି ବିଜେପି ନେତା**

କଲ୍ୟାଣ ପର୍ଯ୍ୟନ୍ତ ଓଡ଼ିଶା ଶାସନ ମଡେଲକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଇଛି ।

କେନ୍ଦ୍ର ସରକାର ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିଶନ, ଗ୍ରାମୀଣ ଗୃହ ନିର୍ମାଣ, ବିତ୍ତୀୟ ପରିଚାଳନା ଏବଂ ଜଳ ଯୋଗାଣ ଭଳି ଅନେକ ଲୋକାଭିମୁଖୀ ଯୋଜନା ପାଇଁ ଓଡିଶାକୁ (୯ ପୃଷ୍ଠାରେ)

## ସୋନପୁରରୁ ବିଜେପିର ବିଜୟ ସଙ୍କଳ୍ପ ସମାବେଶ

# ରାଜ୍ୟରେ ବିଜେପି ସରକାର ଗଠନ ଲାଗି ଶାହାଙ୍କ ଆହ୍ୱାନ

ସୋନପୁର, ୨୫।୪ (ସବ୍ୟୁ) : ସୋନପୁରରୁ ଆଗାମୀ ନିର୍ବାଚନ ଲାଗି ବିଜେପିର ପ୍ରଚାର ଅଭିଯାନ ଆଜିଠୁ ଆରମ୍ଭ ହୋଇଛି । କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଏହି ଅଭିଯାନକୁ ଆରମ୍ଭ କରିବା ଅବସରରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ସହ ଡବଲ ଇଞ୍ଜିନ୍‌ର ନାରା ଚିରାଚରିତ ଭାବେ ଦେଇଛନ୍ତି । ଆଗାମୀ ଦିନରେ ଓଡ଼ିଶାରେ ବିଜେପି ସରକାର ଗଠନ ପାଇଁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେବାସହ ୨୦ରୁ ଅଧିକ ଲୋକସଭା ଆସନ ଜିତିବା ଉପରେ ଗୁରୁତ୍ୱ ଦେଇଛନ୍ତି । ସୋନପୁର ସଭାରେ କର୍ମୀମାନଙ୍କ ମଧ୍ୟରେ ଜୋସ୍ ଭରିବା ଲାଗି ଶ୍ରୀ ଶାହା ଭରପୁର ଉଦ୍ୟମ କରିଛନ୍ତି ।



କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସୋନପୁର ସଭାରେ ଶ୍ରୀ ଜଗନ୍ନାଥଙ୍କ ନାମ ନେବାସହ ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି । ଶ୍ରୀ ଶାହା କହିଥିଲେ ଯେ ଓଡ଼ିଶାରେ ଖଣିଜ ସମ୍ପଦ ଭରପୁର ରହିଛି। ସବୁଠାରୁ ଅଧିକ ଜଳସମ୍ପଦ ରହିଛି । ତଥାପି ଓଡ଼ିଶାର ବିକାଶ ହୋଇପାରୁ ନାହିଁ। ଓଡ଼ିଶାର ଜନତା ମୁମ୍ବାଇ, ଗୁଜରାଟ, ଦିଲ୍ଲୀ, ବେଙ୍ଗାଲୁରୁ ଦାଦନ ଖଟିବାକୁ ଯାଉଛନ୍ତି। ଓଡ଼ିଶାରେ ବିଜେପି ସରକାର ଆସିଲେ ଲୋକଙ୍କୁ ପେଟ ପାଇଁ ଆଉ ଦାଦନ ଖଟିବାକୁ ଯିବାକୁ ପଡ଼ିବ ନାହିଁ । ବିଜେପି ମାତ୍ର ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିପାରିବ। ଆମେ ଲୁଗା କାରଖାନା କରି ପଶ୍ଚିମ ଓଡ଼ିଶାର କପାଚାଷୀଙ୍କ ବିକାଶ କରିବୁ। ଲୋକଙ୍କୁ ଘର ପାଖରେ ନିଜ ଭିଟାମାଟିରେ ରୋଜଗାର ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ଦୋହରାଇଛନ୍ତି । ବିଜେପି ସରକାର ଆସିଲେ ବଲାଙ୍ଗିର ସଂସଦୀୟ କ୍ଷେତ୍ରରେ ଟେକ୍ସଟାଇଲ

**ଭାଷା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଲାଗି ଲଢ଼େଇ**

ମିଲ୍, ଆୟୁର୍ବେଦ ଔଷଧ କାରଖାନା ଓ ଫିସରି କଲେଜ ସ୍ଥାପନ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା । ଓଡ଼ିଶାର ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ବିଜେପି ସରକାର (୯ ପୃଷ୍ଠାରେ)

# ପୋଲିସ ଗୁଳିରେ ୨ ମାଓ ନିହତ

ବୌଦ୍ଧ, ୨୫।୪ (ସବ୍ୟୁ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପାଢେଲ ଡେମ୍ ନିକଟ ଜଙ୍ଗଲରେ ମାଓବାଦୀ- ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଫଳରେ ଦୁଇ ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ଏଥିସହିତ କିଛି ମାଓବାଦୀ ଆହତ ହୋଇଥିବା ମଧ୍ୟ ପୋଲିସ ସୂଚନା ଦେଇଛି । ଏନେଇ ଗୁରୁବାର ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍ ପି ରାଜପ୍ରସାଦ ସୂଚନା ଦେଇଛନ୍ତି । ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିବା ଦୁଇ ହାର୍ଡକୋର୍ ମାଓବାଦୀ ସନ୍ତୁ ଏବଂ ସୁନିଲ ବୋଲି ଚିହ୍ନଟ କରାଯାଇଛି । ଉଭୟେ କେକେବିଏନ ମାଓ ସଂଗଠନର ୮ କମ୍ପାନୀର ସଦସ୍ୟ ହୋଇଥିବାବେଳେ ସୁନିଲ ଛତିଶଗଡ ସୁକୁମା ଜିଲ୍ଲାର ଏବଂ ସନ୍ତୁ ଛତିଶଗଡ ବିଜାପୁର ଅଞ୍ଚଳର ହୋଇଥିବା ସୂଚନା ମିଳିଛି ।

ସେହି ଜଙ୍ଗଲ ଏବଂ ନିକଟର୍ତ୍ତୀ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ଦ୍ୱାରା କୁମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ବେଳେ ଉକ୍ତ ସ୍ଥାନରେ ଅଧିକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ସେଠାରୁ ଗୋଟିଏ ମାଓ କ୍ୟାମ୍ପ ମଧ୍ୟ ଠାବ କରିବାରେ ସୁରକ୍ଷାକର୍ମୀମାନେ ସଫଳ ହୋଇଛନ୍ତି । ସେହି ମାଓ କ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ, ଗୋଳା ବାରୁଦ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି । ମାଓ କ୍ୟାମ୍ପରୁ ଗୋଟିଏ ରାଇଫଲ୍, ୧୭ ରାଉଣ୍ଡ ଗୁଳି, ୭ ରାଉଣ୍ଡ ଗ୍ରେନେଡ, ହାତ ବୋମା ୫ ଟି ଏବଂ ୬ ଟି ଆଇଇଡିଏସ ଲ୍ୟାଣ୍ଡମାଇନ (୯ ପୃଷ୍ଠାରେ)

# ପୋଖରୀରେ ବୁଡି ୨ ଭଉଣୀ ମୃତ

ଗୋପ, ୨୫।୪ (ସବ୍ୟୁ) : ଗୁରୁବାର ପୂର୍ବାହ୍ନରେ ଗୋପ ଥାନା ଅଧିନ ଡଭାର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ନିକଟସ୍ଥ ଏକ ପୋଖରୀକୁ ଗାଧୋଇବାକୁ ଯାଇ ଦୁଇ ନାବାଳିକା ଭଉଣୀଙ୍କ ସଲିଳ ସମାଧି ହୋଇଛି। ଯାହାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନାକୁ ପଠାଯାଇଛି।

ଡଭାର ଗ୍ରାମର ଶରତ ବରାଳଙ୍କ ଝିଅ ସ୍ମୃତିରେଖା ବରାଳ (୧୨)ଏବଂ ତାଙ୍କ ସାନ ଭାଇ ପାପୁନି ବରାଳଙ୍କ ଝିଅ ଶୁଭଶ୍ରୀ ବରାଳ (୯)ଗୁରବାର ପୂର୍ବାହ୍ନ ପ୍ରାୟ ୧୧ଟା ରେ ତାଙ୍କ ପରିବାର ଲୋକଙ୍କ ଅଜାଣତରେ ଗ୍ରାମ ନିକଟସ୍ଥ ନୂଆ ପାଳଘାଇ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । (୯ ପୃଷ୍ଠାରେ)

# ଭାରତରେ ମାନବ ଅଧିକାର ଉଲ୍ଲଙ୍ଘନ କଥା କହିଲା ଆମେରିକା

ନୂଆଦିଲ୍ଲୀ, ୨୫।୪ : ଆମେରିକାର ୨୦୨୩ କଣ୍ଟ୍ରି ରିପୋର୍ଟ ଅନ୍ ହ୍ୟୁମାନ୍ ରାଇଟ୍ ପ୍ରାକ୍ଟିସେସ୍ : ଇଣ୍ଡିଆ ରିପୋର୍ଟରେ ଭାରତରେ ମାନବ ଅଧିକାର ଉଲ୍ଲଂଘନ ନେଇ ତଥ୍ୟ ପ୍ରକାଶ ପାଇଛି । ମଣିପୁର ଘଟଣା ଅଧିକ ମାତ୍ରାରେ ମାନବିକ ଅଧିକାରର ଉଲ୍ଲଂଘନ ବୋଲି ରିପୋର୍ଟ ଦର୍ଶାଇଛି । ସେହିଭଳି ବିବିସି ଉପରେ ଟିକସ କର୍ତ୍ତୃପକ୍ଷଙ୍କ ଚଢ଼ାଉ, ଖଲିସ୍ତାନୀ ଆତଙ୍କବାଦୀ ହରଦ୍ୱୀପ ସିଂ ନିଜାରକୁ କାନାଡାରେ ହତ୍ୟା ନେଇ ରିପୋର୍ଟରେ ଉଲ୍ଲେଖ

**ମାନବ ଅଧିକାର ରିପୋର୍ଟ**

ରହିଛି । ଯାହା ଭାରତରେ ମାନବ ଅଧିକାର ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ରିପୋର୍ଟକୁ ଖଣ୍ଡନ କରାଯାଇଛି ଓ ଏହା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ସମ୍ପର୍କରେ ରିପୋର୍ଟରେ ଯାହା ଅବଗତ କରାଯାଇଛି ତାହା ଭାରତ ସମ୍ପର୍କରେ ଠିକ୍ ଭାବେ ଜଣାନଥିବା ସ୍ପଷ୍ଟ ହୋଇଛି । ଏହାକୁ ଆମେ ଆଦୌ ଗୁରୁତ୍ୱ ନେଉନାହୁଁ । ଆଶା କରୁଛୁ ଯେ ଆପଣମାନେ ସମାନ ପଦକ୍ଷେପ ନେବେ । (୯ ପୃଷ୍ଠାରେ)

## ପଟାଙ୍ଗୀ, ଲକ୍ଷ୍ମୀପୁରରେ କାର୍ତ୍ତିକ ପାଣ୍ଡିଆନ ଆରମ୍ଭ କଲେ ପ୍ରଚାର

# ବିଏସ୍‌କେୱାଇ ବନ୍ଦ କରିବାକୁ ଚାହୁଁଛନ୍ତି ବିରୋଧୀ : ପାଣ୍ଡିଆନ

ଭୁବନେଶ୍ୱର, ୨୫।୪ (ସବ୍ୟୁ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି କୋରାପୁଟ ଜିଲ୍ଲା ପଟାଙ୍ଗୀ ଓ ଲକ୍ଷ୍ମୀପୁରର ଦଶମନ୍ତପୁର ରୁ ନିର୍ବାଚନ ପ୍ରଚାର ଆରମ୍ଭ କରି ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି । ଏହି ସଭାରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ରହି ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଉଭୟ ସଭାରେ ଅନେକ କଂଗ୍ରେସ ନେତା ଓ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ।



ବିରୋଧୀଙ୍କୁ ନିଜ ଭାଷଣରେ ଶାଣିତ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ କହିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲକ୍ଷ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଉଥିବା ବେଳେ, ଜଣେ କେନ୍ଦ୍ରମନ୍ତ୍ରୀ ଏହାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି । ଏପରିକି ମା'ମାନଙ୍କୁ ଆମେ ଦୁବାଇ ପଠାଉଛୁ । ତାକୁ ବି ସେମାନେ

**ମୁଖ୍ୟମନ୍ତ୍ରୀଙ୍କ କାମ ଦେଖି ବିରୋଧୀଙ୍କ ନିଦ ହଜିଛି**
**ନିର୍ବାଚନ ସରିଲେ ଦେଖା ଦିଅନ୍ତିନି ବିଜେପି ନେତା**
**ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି**
**୨୧ ସାଂସଦ ପ୍ରାର୍ଥୀରୁ ବିଜେଡିର ୭ ମହିଳା**

ସହିପାରୁ ନାହାନ୍ତିଛ ସେ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ । ଜନତା ତାଙ୍କୁ ଉଚିତ ଜବାବ ଦେବେ । ଏଠାରେ ଅନ୍ୟ ଦଳରୁ ଜଣେ ସାଂସଦ ହୋଇଛନ୍ତି । ଗତ ୫ ବର୍ଷ ମଧ୍ୟରେ ସେ କଣ କରିଛନ୍ତି, କେହି ଜାଣନ୍ତି ନାହିଁ ।

ମୁଖ୍ୟମନ୍ତ୍ରୀଙ୍କ ଜୋରଦାର ରୂପାନ୍ତର କାମ ଦେଖି ବିରୋଧୀଙ୍କ ନିଦ ହଜିଯାଇଛି ବୋଲି ମତଦେଇ ସେ କହିଥିଲେ (୯ ପୃଷ୍ଠାରେ)

## ମୋଦିଙ୍କୁ ଖଡ୍‌ଗେଙ୍କ ଚିଠି

# ସାକ୍ଷାତ କରି କଂଗ୍ରେସ ଇସ୍ତାହାର ବାବଦରେ ବୁଝାଇଦେବି

ନୂଆଦିଲ୍ଲୀ, ୨୫।୪ : କଂଗ୍ରେସ ନ୍ୟାୟ ପତ୍ରରେ କ'ଣ ଲେଖା ହୋଇଛି ଆପଣଙ୍କୁ ଭେଟି ବୁଝାଇ ଦେବାକୁ ଚାହୁଁଛି । ଏହାର ବାସ୍ତବତା ବୁଝିବା ପରେ ଆପଣ ଆଉ କୌଣସି ମିଛ ବୟାନ ଦେବେନାହିଁ ବୋଲି କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଖୋଲା ଚିଠି ଲେଖି ଏଭଳି ପ୍ରସ୍ତାବ ଦେଇଛନ୍ତି ।



**ବାସ୍ତବତା ଜାଣିବା ପରେ ଆଉ ମିଛ କହିବେ ନାହିଁ**

କଂଗ୍ରେସର ଇସ୍ତାହାରକୁ ନେଇ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେଶ୍ ମୁଖର ଅଛନ୍ତି । କଂଗ୍ରେସ ଅପେକ୍ଷା ଇସ୍ତାହାର ବାବଦରେ ବେଶି ମୋଦି ପ୍ରଚାର କରୁଛନ୍ତି । ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ଫେରିବାକୁ ଯାଇ ନ୍ୟାୟପତ୍ରରେ ଯାହା ଉଲ୍ଲେଖ କରାଯାଇଛି ତା'ର ଭୁଲ୍ ତଥ୍ୟ ଅବତାରଣା କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଆସୁଛି । ପ୍ରଧାନମନ୍ତ୍ରୀ ସମ୍ପତ୍ତିକୁ ପୁଣି ବାଣ୍ଟିବା, ମଙ୍ଗଳସୂତ୍ର ନେଇଯିବା, ଗହଣାଗାଣ୍ଠି ନେଇ ଅଳ୍ପ ସଂଖ୍ୟକଙ୍କୁ ଦେବା ଆଦି ବୟାନ ଦେଉଛନ୍ତି । ଏପରିକି ବିବାହିତ ମହିଳାଙ୍କର (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ଶାହରୁଖ ଜଣେ ଭଲ ଅଭିନେତା ସହିତ ଖୁବ ଭଲ ଲୋକ ମଧ୍ୟ । ଏତେ ବଡ ଷ୍ଟାର ହେଲେ ମଧ୍ୟ ତାଙ୍କର ଟିକିଏ ବି ଗର୍ବ ନାହିଁ । ସେ ସବୁବେଳେ ତଳେ ବସି ଚା' ପିଇଥାଆନ୍ତି ।

ମନୀଷା କୋଇରାଲା, ଅଭିନେତ୍ରୀ



ଦିଲ୍‌ଜୀତ ଖୁବ ଶାନ୍ତ ସ୍ୱଭାବର ଲୋକ । ତାଙ୍କୁ ସେଟ୍‌ରେ କେହି ରାଗିବାର ଦେଖି୍ ନାହାନ୍ତି । ସେ ଖୁବ ଶାନ୍ତ ରହି ନିଜ କାମ କରୁଥାଆନ୍ତି ।

ସାହିବା ବଲି, ଅଭିନେତ୍ରୀ



ମୁଁ ଏବେ ବହୁତ ୟଙ୍ଗ ଅଛି ହେଲେ ମଧ୍ୟ ମୋତେ ଭଉଣୀ କ୍ୟାରେକ୍ଟର ଅଫର ହେଉଛି ସବୁବେଳେ । ସିମ୍ବା ଫିଲ୍ମରେ ଭଉଣୀ ଚରିତ୍ରରେ ଅଭିନୟ କରିବା ପରେ କେବଳ ଏଭଳି ଚରିତ୍ର ହିଁ ଅଫର ହେଉଛି ।

ଉଲକା ଗୁପ୍ତା, ଅଭିନେତ୍ରୀ

## ଇତିହାସ

୧୬୫୪ – ଇହୁଦିଙ୍କୁ ବ୍ରାଜିଲରୁ ବାହାର କରାଯାଇଥିଲା ।
୧୮୪୧ – ବମ୍ବେ ଗ୍ୟାଜେଟ୍ ପତ୍ରିକା ପ୍ରଥମଥର ରେଶମ କପଡାରେ ପ୍ରକାଶିତ ।
୧୯୦୩ – ଦକ୍ଷିଣ ଆଫ୍ରିକାରେ ମହାତ୍ମାଗାନ୍ଧିଙ୍କର ଓକିଲାତି ଆରମ୍ଭ ।
୧୯୨୦ – ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ନିଧନ ।
୧୯୨୬ – ଜର୍ମାନୀ ଏବଂ ଋଷ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
୧୯୬୨ – ଚନ୍ଦ୍ରପୃଷ୍ଠରେ ଆମେରିକାର ପ୍ରଥମ ମହାକାଶଯାନ ।
୧୯୭୫ – ଭାରତର ୨୨ତମ ରାଜ୍ୟ ଭାବେ ସିକ୍କିମ୍‌କୁ ମାନ୍ୟତା ।
୧୯୯୦ – ଲଗାତର ୪୬୩ ସେକେଣ୍ଡ ଡିସ୍କୋ ଡ୍ୟାନ୍ସ କରି ବିଆର୍‌ପି ମେନନ୍‌ଙ୍କର ବିଶ୍ୱ ରେକର୍ଡ ।

# ବୋଟୁଲିଜମ୍



ଏହା ଏକପ୍ରକାର ବିରଳ ତଥା ଗମ୍ଭୀର କଣ୍ଡିସନ ଯାହା ଟକ୍ସିନ୍ କାରଣରୁ ଦେଖି୍ବାକୁ ମିଳିଥାଏ । ଯେତେବେଳେ ଟକ୍ସିନ୍ ଆମ ଶରୀରର ସ୍ନାୟୁକୁ ଆକ୍ରମଣ କରିଥାଏ, ସେହି ସମୟରେ ଏଭଳି ପରିସ୍ଥିତି ଦେଖି୍ବାକୁ ମିଳିଥାଏ । କ୍ଲୋଷ୍ଟ୍ରିଡିୟମ ବୋଟୁଲିନିୟମ ନାମକ ଏକ ବ୍ୟାକ୍ଟେରିଆ ଏହି ଟକ୍ସିନ୍‌କୁ ଉତ୍ପାଦନ କରିଥାଏ । ଏହାର ପ୍ରାଥମିକ କାରଣ ଭାବେ ଖାଦ୍ୟ କିମ୍ବା ଶରୀରରେ କୌଣସି ସ୍ଥାନରେ ହୋଇଥିବା କ୍ଷତ ସଂକ୍ରମଣ କାରଣରୁ ହୋଇଥାଏ । ସେହିଭଳି ଯଦି ଏହି ବ୍ୟାକ୍ଟେରିଆ ଶିଶୁଙ୍କ ଶରୀରରେ ପ୍ରବେଶ କରେ ତେବେ ଏହି ସମସ୍ୟା ସେମାନଙ୍କ ହେବାର ଆଶଙ୍କା ରହିଛି । ତେଣୁ ଏହାକୁ ତିନିଭାଗରେ ବିଭକ୍ତ କରାଯାଇଛି, ଫୁଡ୍ ବର୍ଣ୍ଣ ବୋଟୁଲିଜମ୍, ଉଣ୍ଡବର୍ଣ୍ଣ ବୋଟୁଲିଜମ୍, ଇନ୍‌ଫାଣ୍ଟ ବୋଟୁଲିଜମ୍ । ସେହିଭଳି ଏହାର ବିଭିନ୍ନ ପ୍ରକାରର ଭିନ୍ନଭିନ୍ନ ଲକ୍ଷଣ ଦେଖି୍ବାକୁ ମିଳିଥାଏ । ଫୁଡ୍‌ବର୍ଣ୍ଣ ବୋଟୁଲିଜମରେ ପ୍ରଭାବ ଆମ ଶରୀରରେ ଟକ୍ସିନ୍ ପ୍ରବେଶ କରିବାର ୧୨ ରୁ ୩୬ ଘଣ୍ଟା ମଧ୍ୟରେ ଦେଖି୍ବାକୁ ମିଳିଥାଏ । ତେବେ ପ୍ରଭାବ ଟକ୍ସିନ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହାର ଲକ୍ଷଣ ଭାବେ ଖାଦ୍ୟ ଗିଳିବା, ପାଟି ଶୁଖି୍ଲା ଲାଗିବା, ମୁହଁ ଶୁଖି୍ଲା ଲାଗିବା, ଦୃଷ୍ଟି ଶକ୍ତି ହ୍ରାସ, ଆଖି୍ ପତା ବାରବାର ମୁଜି ହେବା, ବାନ୍ତି ହେବା ଆଦି ଦେଖି୍ବାକୁ ମିଳିଥାଏ । ସେହିଭଳି ଉଣ୍ଡବର୍ଣ୍ଣ ବୋଟୁଲିଜମ (କ୍ଷତରୁ ଯାହା ସୃଷ୍ଟି ହୁଏ)ରେ ଟକ୍ସିନ ଆମ ଶରୀରରେ ପ୍ରବେଶ କରିବାର ୧୦ଦିନ ପରେ ପ୍ରଭାବ ଦେଖି୍ବାକୁ ମିଳିଥାଏ । ଏଥି୍ରେ ମଧ୍ୟ ଫୁଡ୍ ବର୍ଣ୍ଣ ବୋଟୁଲିଜମ୍ ଭଳି ଲକ୍ଷଣ ଦେଖି୍ବାକୁ ମିଳିଥାଏ । ଶିଶୁଙ୍କ କ୍ଷେତ୍ରରେ ଏହି ସମସ୍ୟା ୧୮ ରୁ ୩୬ ଘଣ୍ଟା ପରେ ଦେଖି୍ବାକୁ ମିଳିଥାଏ । ସେମାନଙ୍କ କ୍ଷେତ୍ରରେ ଲକ୍ଷଣ ଭାବେ



କୋଷ୍ଠକାଠିନ୍ୟ, ଅଧି୍କ କାନ୍ଦିବା, ଚିଡ୍‌ଚିଡାପଣ, ଦୁର୍ବଳ ଲାଗିବା, ଖାଦ୍ୟ ନଖାଇବା, ଆଖି୍ ପତା ବାରମ୍ବାର ପକାଇବା ଆଦି ଦେଖି୍ବାକୁ ମିଳିଥାଏ । ଯଦି ଉପରୋକ୍ତ କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ଅଶୋକା ମେକଅପ୍ ଟ୍ରେଣ୍ଡ୍

୨୦୦୧ରେ ରିଲିଜ୍ ହୋଇଥି୍ବା ଫିଲ୍ମ 'ଅଶୋକା' ସେତେବେଳେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥି୍ଲା । ଏଥି୍ରେ ଦର୍ଶକ ସ୍କ୍ରିନ୍‌ରେ କରୀନା କପୁର ଓ ଶାହରୁଖ ଖାନ୍‌ଙ୍କ ଯୋଡିକୁ ଦେଖି୍ଥି୍ଲେ । ତେବେ ସବୁଠାରୁ ହିଟ୍ ହୋଇଥି୍ଲା କରୀନାଙ୍କର ଗେଟ୍‌ଅପ୍ । ଏହା ଭାରତୀୟ ସଂସ୍କୃତିର ପୁରାତନ ପୋଷାକ ପିନ୍ଧା ଶୈଳୀକୁ ରିପ୍ରେଜେଣ୍ଟ କରିଥି୍ଲା, ଯାହା ଦର୍ଶକଙ୍କୁ ପସନ୍ଦ ଆସିଥି୍ଲା । ଏହି ଫିଲ୍ମରେ କରୀନାଙ୍କ ଚରିତ୍ରର ପୋଷାକ ଠାରୁ ଆରମ୍ଭ କରି ମେକଅପ୍ ସବୁକିଛି ୟୁନିକ୍ ଥି୍ଲା । ତେବେ କେବଳ ଭାରତୀୟ ନୁହେଁ ବର୍ତ୍ତମାନ ୨୩ ବର୍ଷ ପରେ ଏହାର କ୍ରେଜ ବିଦେଶରେ ଦେଖି୍ବାକୁ ମିଳିଛି । ବର୍ତ୍ତମାନ ଋଷିଆ ଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ସବୁ ସ୍ଥାନରେ ଏହି ମେକଅପ୍‌ର ଟ୍ରେଣ୍ଡ୍ ଜାରି ରହିଛି । ଏହି ଗେଟଅପ୍‌ର ଭିଡିଓ ଉଭୟ ଟିକ୍‌ଟକ୍ ଓ ଇନ୍‌ଷ୍ଟାଗ୍ରାମରେ ଦେଖି୍ବାକୁ ମିଳୁଛି । ସମସ୍ତେ କରୀନାଙ୍କ ଭଳି ଡ୍ରେସ ପିନ୍ଧିବା ସହିତ ମେକଅପ ନେଇ ଭିଡିଓ କରି ପୋଷ୍ଟ କରୁଛନ୍ତି । ଏହି ଭିଡିଓ ଗୁଡିକ ମିଲିଅନ ଭ୍ୟୁ ମଧ୍ୟ ହେଉଥି୍ବାର ସୂଚନା ରହିଛି । ଏହି ଟ୍ରେଣ୍ଡର ନାଁ ରହିଛି 'ଅଶୋକା ମେକଅପ୍ ଟ୍ରେଣ୍ଡ୍' ।



# ମୁଡ୍ ହିସାବରେ ବଦଳିଥାଏ ମୁହଁ



ପଶୁମାନଙ୍କର ବି ଖରାପ ମୁଡ୍ ଭଲ ମୁଡ୍ ରହିଥାଏ । ଏଭଳି ଏକ ରିପୋର୍ଟ ଦେଇଛନ୍ତି ଆଇଏନ୍‌ଆର୍‌ଏଇ ରିସର୍ଚ୍ଚ ଟିମ୍ । ଟିମ୍‌ର ତଥ୍ୟ ଅନୁସାରେ କୁକୁଡା ମାନଙ୍କର ମୁଡ ହିସାବରେ ମୁହଁର ରଙ୍ଗରେ ପରିବର୍ତ୍ତନ ହୋଇଥାଏ । ଯେପରି ମଣିଷଙ୍କ ମୁହଁ ରାଗରେ ଲାଲ ପଡୁଥି୍ବାବେଳେ ଦୁଃଖରେ ଝାଉଁଳି ପଡେ, ସେହିଭଳି କୁକୁଡାଙ୍କର ମଧ୍ୟ ଦେଖି୍ବାକୁ ମିଳିଥାଏ । ରିପୋର୍ଟ ଅନୁସାରେ ଏମାନଙ୍କର ନିଜ ମନର ଭାବ ପ୍ରକାଶ କରିବାର ଏହା ହେଉଛି ଏକ ବାଟ । ସେମାନେ ମଧ୍ୟ ନିଜର ରାଗ, ରୁଷା ଓ ଦୁଃଖକୁ ମୁହଁ ସାହାଯ୍ୟରେ ପ୍ରକାଶ କରିଥାଆନ୍ତି । ତେବେ କୁକୁଡାଙ୍କର ନିଜ ମନ କଥା ପ୍ରକାଶ କରିବାର ଉପାୟ ନିଆରା ହୋଇଥାଏ । ଗବେଷକଙ୍କ ଅନୁସାରେ ଯେତେବେଳେ କୁକୁଡା ଖୁସି ଥାଏ ଏହାର ମୁହଁର ରଙ୍ଗ ପିଙ୍କ ଥାଏ । ତେବେ ଏହି ପରିବର୍ତ୍ତନ ସେମାନଙ୍କ ରକ୍ତ ପ୍ରବାହ କାରଣରୁ ହୋଇଥାଏ । ସେମାନଙ୍କ ମୁହଁ ପାଖରେ ଥି୍ବା ସ୍କିନ୍ ବହୁତ ସେନ୍ସିଟିଭ୍ ହୋଇଥାଏ ତେଣୁ ଏହି ପରିବର୍ତ୍ତନ ସଙ୍ଗେସଙ୍ଗେ ଜଣା ପଡିଥାଏ । ଯେତେବେଳେ ସେମାନେ ଦୁଃଖ, ଡର ଅନୁଭବ କରନ୍ତି, ସେତେବେଳେ ସେମାନଙ୍କ ମୁହଁ ଗାଢ ଲାଲ ରଙ୍ଗରେ ପରିବର୍ତ୍ତନ ହୋଇଥାଏ । ଏହି ଗବେଷଣା ପାଇଁ କିଛି କୁକୁଡାଙ୍କୁ ଗୋଟିଏ ସ୍ଥାନରେ ରଖାଯାଇ ପରୀକ୍ଷଣ କରାଯାଇଥି୍ଲା । ଏମାନଙ୍କ ସମସ୍ତ ଇମୋସନର ଫଟୋ ନିଆଯାଇ ସେଗୁଡିକୁ ପରୀକ୍ଷା କରାଯାଇଥି୍ଲା, ଯାହାପରେ ଏଭଳି ତଥ୍ୟ ସାମନାକୁ ଆସିଥି୍ଲା ।

## ହାଃ ହାଃ

ପତ୍ନୀ – ତୁମେ ମୋର କେବେ ବି ଯତ୍ନ ନେଉନ ।
ପତି – ଏମିତି କୁହ ନାହିଁ । ତୁମେ ହେଉଛ ଜଣେ ଯିଏ କି ମୋ ଘରକୁ ସ୍ୱର୍ଗ କରିପାରିବ ।
ପତ୍ନୀ – କିପରି ?
ପତି – ନିଜ ବାପ ଘରକୁ ଯାଇ ।
୨ ମିନିଟ୍ ସବୁ ନିରବ



# ସ୍ମାର୍ଟ ଲଗେଜ୍

ବୁଲିବାକୁ ବାହାରିଲେ ଆଗ ଖୋଜା ପଡିଥାଏ ଲଗେଜ୍ । ଯେତେଦିନର ରହଣି ସେହି ହିସାବରେ ପ୍ୟାକ୍ ହୋଇଥାଏ ଲଗେଜ୍ । ତେବେ ମାର୍କେଟରେ ଆଜିକାଲି ବିଭିନ୍ନ ଧରଣର ଲଗେଜ୍ ମିଳୁଛି । ସେଥି୍ରେ ଯୋଡି ହୋଇଛି ସ୍ମାର୍ଟ ଲଗେଜ୍ ,ଯାହାର ଫିଚର ବର୍ତ୍ତମାନ ଟ୍ରାଭେଲକୁ ପସନ୍ଦ କରୁଥି୍ବା ଲୋକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି । ଏହି ଲଗେଜ୍ ଗୁଡିକ ହାଇଟେକ୍ ଲଗେଜ୍ । ଏଗୁଡିକରେ ଜିପିଏସ୍ ଟ୍ରାକିଂ, ବାୟୋମେଟ୍ରିକ୍, ବିଲ୍ଟଇନ୍ ଚାର୍ଜର ସହିତ କନେକ୍ଟିଭିଟିର ଅପସନ୍ ରହୁଛି । ଏହାର ଏହି ଫିଚର ଗୁଡିକ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରୁଛି । ବାୟୋମେଟ୍ରିକ୍ କାରଣରୁ ଲଗେଜ୍‌ର ସୁରକ୍ଷା ବଢିଛି । ସେହିଭଳି ଲଗେଜ୍‌ରେ ହିଁ ପାୱାରବ୍ୟାଙ୍କର ସୁବିଧା ମିଳୁଛି । ମୋବାଇଲ ଚାର୍ଜ କରିବା ପାଇଁ ଆଉ ହଇରାଣ ହେବାକୁ ପଡୁ ନାହିଁ । କୌଣସି ଯାହାକୁ ଗଲେ ଲଗେଜ୍ ସୁରକ୍ଷା ନେଇ ଚିନ୍ତା କରିବାକୁ ମଧ୍ୟ ପଡୁନାହିଁ । ଏହା ଏକ ଟେସନ୍‌ଫ୍ରି ଭ୍ୟାକେସନ ଦେବାରେ ବେଶ୍ ସହାୟକ ହେଉଛି । ଏହି ଲଗେଜ୍ ଗୁଡିକ ବ୍ୟାଟେରୀ ଦ୍ୱାରା ପରିଚାଳିତ ହୋଇଥାଏ ।



# ଡେଟିଂକୁ ନେଇ ଚର୍ଚ୍ଚାରେ



ବଲିଉଡ୍ ଟାଲେଣ୍ଟେଡ୍ ଆକ୍ଟ୍ରେସଙ୍କ ଭିତରେ କୋଙ୍କଣା ସେନ୍ ଶର୍ମାଙ୍କ ନାଁ ଆଗରେ ଆସିଥାଏ । ସବୁବେଳେ ନିଜର ନିଖୁଣ ଅଭିନୟ ପାଇଁ ସେ ଚର୍ଚ୍ଚାରେ ରହିଥାଆନ୍ତି । ତେବେ ବର୍ତ୍ତମାନ ସେ ନିଜର ରିଲ୍ ନୁହେଁ ବରଂ ରିଅଲ ଲାଇଫ୍ ପାଇଁ ଚର୍ଚ୍ଚାରେ ଅଛନ୍ତି । ୨୦୨୦ରେ ଅଭିନେତ୍ରୀଙ୍କର ରଣବୀର ସୌରେଙ୍କ ସହିତ ବିବାହ ବିଚ୍ଛେଦ ଘଟିଥି୍ଲା । ଏହାପରେ ସିଙ୍ଗଲ ଅଛନ୍ତି କୋଙ୍କଣା । ହେଲେ ନିକଟରେ ତାଙ୍କ ନାଁକୁ ଅମୋଲ ପାରଶରଙ୍କ ସହ ଯୋଡା ଯାଉଛି । ଅନେକ ସମୟରେ ସୋସିଆଲ ମିଡିଆରେ ଉଭୟଙ୍କ ରିଲେସନସିପକୁ ନେଇ ଦର୍ଶକ ଚର୍ଚ୍ଚା କରୁଛନ୍ତି । ତେବେ ବର୍ତ୍ତମାନ କୋଙ୍କଣାଙ୍କ ଏକ୍ସ-ହଜ୍‌ବ୍ୟାଣ୍ଡ୍ ରଣବୀରଙ୍କ କମେଣ୍ଟ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଜଣେ ୟୁଜର୍ସଙ୍କ କମେଣ୍ଟର ଉତ୍ତର ଦେବାକୁ ଯାଇ ରଣବୀର କୋଙ୍କଣା ଅମୋଲଙ୍କୁ ଡେଟ୍ କରୁଥି୍ବାକୁ ସ୍ୱୀକାର କରିଛନ୍ତି ରଣବୀର । ତେବେ ବର୍ତ୍ତମାନ ରଣବୀରଙ୍କ ଏହି ଉତ୍ତର ଭାଇରାଲ ହେବାରେ ଲାଗିଛି । ତେବେ ଏନେଇ କୋଙ୍କଣା କିମ୍ବା ଅମୋଲଙ୍କର କୌଣସି ଷ୍ଟେଟମେଣ୍ଟ ମିଳି ନାହିଁ । କୋଙ୍କଣାଙ୍କୁ ଶେଷଥର ପାଇଁ ୱେବ୍ ସିରିଜ୍ 'କିଲର ସୁପ୍'ରେ ଦେଖି୍ବାକୁ ମିଳିଥି୍ଲା । ଏହା ବ୍ୟତିତ ତାଙ୍କୁ ଅନୁରାଗ ବାସୁଙ୍କର ମେଟ୍ରୋ ଇନ୍ ଦିନୋରେ ମଧ୍ୟ ଦେଖି୍ବାକୁ ମିଳିବ । ଏହାଛଡା କୋଙ୍କଣା ଲଷ୍ଟ ଷ୍ଟୋରୀ -୨ ଜରିଆରେ ନିର୍ଦ୍ଦେଶକ ଭାବେ ଡେବ୍ୟୁ ମଧ୍ୟ କରିଛନ୍ତି ।

# ନଡ଼ିଆ ରାବିଡି

**ସାମଗ୍ରୀ–** ଏକ ଲିଟର ଫୁଲ୍ କ୍ରିମ ମିଲ୍କ, ଅଧା କପ୍ କୋରା ନଡିଆ, ଅଧା କପ ଖୋୟା, ଚିନି, କାଜୁ, ଗୁଜୁରାତି ଗୁଣ୍ଡ, କଟା ଡ୍ରାଏଫ୍ରୁଟ୍ସ, କେଶର, ଗୋଲାପ ପାଖୁଡା ।

**ପ୍ରଣାଳୀ–** ପ୍ରଥମେ ଛୋଟିଆ ପାତ୍ରରେ କାଜୁ ବଟୁରାଇ ନିଅନ୍ତୁ । ଏହାପରେ ଗୋଟିଏ ପ୍ୟାନରେ ଖୀର ଗରମ କରନ୍ତୁ । ଏହାକୁ ଅଧି୍କ ସମୟ ଫୁଟାଇ ସିଝିବାକୁ ଛାଡି ଦିଅନ୍ତୁ । ଏହାକୁ ମଝିରେ ମଝିରେ ଗୋଳାନ୍ତୁ । ସିଝିବା ପରେ ଏଥି୍ରେ ଖୋୟା ଓ କେଶର ମିଶାନ୍ତୁ । କିଛି ସମୟରେ ଏଥି୍ରେ ନଡିଆ କୋରା ଓ ଚିନି ମିଶାନ୍ତୁ । ଏହାପରେ କାଜୁ ବଟା ମିଶାନ୍ତୁ । ମଝିରେ ମଝିରେ ଏହି ମିଶ୍ରଣକୁ ଗୋଳାନ୍ତୁ । କିଛି ସମୟରେ ପରେ ଏଥି୍ରେ ଗୁଜୁରାତି ଗୁଣ୍ଡ ପକାଇ ଫ୍ଲେମକୁ ବନ୍ଦ କରି ଦିଅନ୍ତୁ । ଏହାକୁ ଥଣ୍ଡା ହେବା ପାଇଁ ଛାଡି ଦିଅନ୍ତୁ । ଥଣ୍ଡା ହେବାପରେ ଏହାକୁ ଫ୍ରିଜ୍‌ରେ ରଖି୍ ଥଣ୍ଡାଥଣ୍ଡା ପରଷନ୍ତୁ ନଡ଼ିଆ ରାବିଡି ।









କୋରାପୁଟ ଜିଲ୍ଲାର ପଟାଙ୍ଗି, ଲକ୍ଷ୍ମୀପୁର, ବିଷମ କଟକ ଓ ଗୁଣୁପୁରରେ କାର୍ତ୍ତିକ ପାଣ୍ଡିଆନ୍ ବିଜେଡି ଲାଗି ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି ।

## ବିଷମକଟକ, ଗୁଣୁପୁରରେ ପ୍ରଚାର କଲେ ପାଣ୍ଡିଆନ

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସବୁ କାମର ହିସାବ ଦେବାକୁ ଆସିଛି : କାର୍ତ୍ତିକ

ଭୁବନେଶ୍ୱର (ସବ୍ୟୁ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କୋରାପୁଟ ଜିଲ୍ଲା ବିଷମକଟକ ଓ ଗୁଣୁପୁର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ବିଜେଡି ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତେଇବାକୁ ନିବେଦନ କରିଛନ୍ତି । ଏହି ସଭାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଆମ କାମର ହିସାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆପଣଙ୍କ ଅନୁରୋଧରେ ଆମେ ଯେଉଁ ସବୁ କାମ ପାଇଁ ପଦକ୍ଷେପ ନେଇଛୁ, ସେସବୁ କାମର ହିସାବ ଦେବା ପାଇଁ ଆସିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ବିରୋଧୀଙ୍କୁ ନିଜ ଭାଷଣରେ ଶାଣିତ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ, ଲୋକଙ୍କ ଉତ୍ସାହ ଓ ସେମାନଙ୍କ ବିଶାଳ ସମାବେଶ ଦେଖି ବିରୋଧୀଙ୍କ ନିଦ ହଜି ଯାଇଛି । ସେମାନେ ଲୋକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ନିର୍ବାଚନ ସମୟରେ ସେମାନେ ମିଠା ମିଠା କଥା କୁହନ୍ତି । ନିର୍ବାଚନ ସରିଗଲେ ଖୋଜିଲେ ବି ମିଳନ୍ତି ନାହିଁ। ଓଡିଶା ପାଇଁ ସେମାନେ ଟଙ୍କାକର କାମ କରିନାହାନ୍ତି । ନିର୍ବାଚନ ସରିଲେ ମୁଁ ଆପଣମାନଙ୍କ ପାଖକୁ ଧନ୍ୟବାଦ ଦେବାକୁ ଆସିବି। ଜନଜାତିଙ୍କ କଳା




ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ଏଥିରେ ଜନଜାତିଙ୍କ ଭାଷା, କଳା, ସଂସ୍କୃତି, ପୂଜାସ୍ଥଳୀ, ଜାହିରା ଆଦିର ବିକାଶ କରାଯାଉଛି । କେଉଁ ରାଜ୍ୟରେ ବି ଏଭଳି ପଦକ୍ଷେପ ନିଆଯାଇନାହିଁ ବୋଲି ସେ କହିଥିଲେ । ବିଷମକଟକରେ ୧୬୦ କୋଟି ଟଙ୍କାର କାମ ଚାଲିଛି । ବିଷମକଟକ ଓ ମୁନିଗୁଡା ଏନଏସି ହୋଇଛି । ଡଙ୍ଗରିଆ କନ୍ଧଙ୍କ ପାଇଁ ଘର, ହଷ୍ଟେଲ, ଡ୍ୟାମ ଆଦି ମଞ୍ଜୁର ହୋଇଛି। ସେହିପରି ସଉରା ମନ୍ଦିର ସହିତ ୧୦୦ଟି ମନ୍ଦିର, ମସଜିଦ, ଚର୍ଚ୍ଚ ପାଇଁ ଅର୍ଥ ମଞ୍ଜୁର ହୋଇଛି । ଗୁଣୁପୁର ପାଇଁ ୧୩୭୦ କୋଟି ଟଙ୍କାର କାମ ଚାଲିଛି । କେବଳ ଜଳସେଚନ ପାଇଁ ୧୨୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି । ହରଭଙ୍ଗି ନଦୀ ଓ ବିଶ୍ରା ନାଳି ଉପରେ ଆଡିବନ୍ଧ ଦ୍ୱାରା ଜଳସେଚନ କ୍ଷେତ୍ରରେ ବିଶେଷ ଉନ୍ନତି ହେବ ।

ବଡ ବଡ ହସ୍ପିଟାଲକୁ ଗରିବ ଲୋକ, ଜନଜାତି ଭାଇଭଉଣୀ ଯିବା ପାଇଁ ଭୟ କରନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀ ସେ ଭୟ ଦୂର କରିଛନ୍ତି । ଗୁଣୁପୁରର ୮୦,୫୦୦ ପରିବାର ବିଏସକେୱାଇ କାର୍ଡ ପାଇଛନ୍ତ । ଗୁଣୁପୁରର ଗୋଟିଏ ଛୋଟ ଝିଅର କ୍ୟାନସର ଚିକିତ୍ସା ପାଇଁ ୯.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବର୍ତ୍ତମାନ ସେ ପିଲା ସୁସ୍ଥ ହୋଇଛି ଓ ତା ବାପା, ମାଙ୍କ ମୁହଁରେ ହସ ଫୁଟିଛି। ଏ ହେଉଛି ଆମ ମୁଖ୍ୟମନ୍ତ୍ରୀଙ୍କ କାମର ନମୁନା ।

ଏଠାରେ ଅନ୍ୟ ଦଳରୁ ଜଣେ ସାଂସଦ ହୋଇଛନ୍ତି ଛ ଗତ ୫ ବର୍ଷ ମଧ୍ୟରେ ସେ କଣ କରିଛନ୍ତି, କେହି ଜାଣନ୍ତି ନାହିଁ ? ତେଣୁ ଆପଣମାନେ ଉଭୟ ବିଧାନସଭା ଓ ଲୋକସଭାରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଦୁଇ ଥର ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଟାଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ସଭାରେ ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକ୍କା ଓ ବିଷମକଟକ ବିଧାନସଭା ପ୍ରାର୍ଥୀ ଜଗନ୍ନାଥ ସାରକା ଏବଂ ଗୁଣୁପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କ ସହିତ ବିଜୁ ଜନତା ଦଳର ଅନେକ ନେତା ଅଭିଭାଷଣ ରଖିଥିଲେ ।

**ଲୋକଙ୍କ ଉତ୍ସାହ ଦେଖି ବିରୋଧୀଙ୍କ ନିଦ ହଜିଛି**
**ବିଷମକଟକ ଓ ମୁନିଗୁଡା ଏନଏସି ହୋଇଛି**
**ଗୁଣୁପୁରରେ ୧୩୭୦ କୋଟିର ବିକାଶ କାମ ଚାଲିଛି**
**କୋରାପୁଟର ସାଂସଦ ୫ବର୍ଷରେ କ'ଣ କରିଛନ୍ତି ?**

## ନିଶ୍ଚିତ ମତଦାନ ପାଇଁ ସୁଇପ କାର୍ଯ୍ୟକ୍ରମ

ପୁରୀ (ସବ୍ୟୁ): ଆଗାମୀ ନିର୍ବାଚନରେ ସମସ୍ତ ଭୋଟର ମାନେ ନିଶ୍ଚିତ ମତଦାନ କରିବାକୁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଆମ ଦେଶ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ନିର୍ବାଚନ ଗଣତନ୍ତ୍ରର ମହାପର୍ବଛଏହି ମହାପର୍ବ ରେ ପ୍ରତ୍ୟେକ ଭୋଟର ସାମିଲ ହୋଇ ନିଜର ବିବେକାନୁମୋଦିତ ମୂଲ୍ୟବାନ ଭୋଟକୁ ସାବ୍ୟସ୍ତ କରିବାକୁ ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଅନୁରୋଧ କରିଛନ୍ତି । ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର ନିକଟରୁ ବ୍ଲୁ ଫ୍ଲାଗ ବିଚ ପର୍ଯ୍ୟନ୍ତ ସିଷ୍ଟେମେଟିକ ଭୋଟରସ ଏଡୁକେସନ ଆଣ୍ଡ ଇଲେକ୍ଟରସ ପାର୍ଟିସିପେସନ ପ୍ରୋଗ୍ରାମ ବା ସୁଇପ ମାଧ୍ୟମରେ ମତଦାନ ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟ ରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାକୁ ଉପଜିଲ୍ଲାପାଳ ଶ୍ରୀ କୁଅଁର ଉଦଘାଟନ କରିବା ସହ ନିଜେ ସାଇକେଲରେ ବ୍ଲୁ ଫ୍ଲାଗ ବିଚ ପର୍ଯ୍ୟନ୍ତ ଯାଇଥିଲେଛ ବିଭିନ୍ନ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ନିଶ୍ଚିତ ମତଦାନ ପାଇଁ ଅନୁରୋଧ ପତ୍ରଥିବା ପ୍ଲାକାର୍ଡ ମାନ ଧରି ଶୋଭାଯାତ୍ରାରେ ଯାଇଥିଲେଛନୂତନ ଯୁବ ମତଦାତା ମାନେ ସେମାନଙ୍କ ପ୍ରଥମ ମତଦାନକୁ ଅତ୍ୟନ୍ତ ସ୍ମରଣୀୟ କରିବା ପାଇଁ ନିଶ୍ଚିତ ମତଦାନ କରିବାକୁ ଯୁବ ଭୋଟର ମାନଙ୍କୁ ଏହି ଅବସରରେ ଅନୁରୋଧ କରାଯାଇଥିଲାଛଏହି କାର୍ଯ୍ୟକ୍ରମ ରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଟି ଆର ଓ ସ୍ମରଣିକା ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ନିର୍ବାଚନ ରେ ନିୟୋଜିତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବାତ୍ୟା ଆଶ୍ରୟସ୍ଥଳୀରେ ନିର୍ବାଚନୀ ସଭା କରିଥିଲେ ଛତ୍ରପୁର ବିଜେପି ପାର୍ଥୀ

# କୃଷ୍ଣ ଚନ୍ଦ୍ର ନାୟକଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର(ସବ୍ୟୁ) : ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ନାୟକ ବାତ୍ୟା ଆଶ୍ରୟସ୍ଥଳୀରେ ନିର୍ବାଚନ ସଭା କରିଥିଲେ । ଯାହା ଆଦର୍ଶ ଆଚରଣ ବିଧିର ଉଲ୍ଲଙ୍ଘନ ହୋଇଛି । ଏନେଇ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି ।

ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର କହିଛନ୍ତି ଯେ, ଗତକାଲି(ବୁଧବାର) ରାତିରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ ଆଦର୍ଶ ଅଚରଣ ବିଧିର ଉଲ୍ଲଙ୍ଘନ କରିଛନ୍ତି । କୃଷ୍ଣଚନ୍ଦ୍ର ସାନରାମଚନ୍ଦ୍ରପୁର ପଞ୍ଚାୟତର ମଧୁଚୁଆଁ ଗାଁରେ ବାତ୍ୟା ଆଶ୍ରୟସ୍ଥଳୀରେ ନିର୍ବାଚନ ସଭା କରୁଥିଲେ । ସରକାରୀ ସମ୍ପତ୍ତିରେ ଯେଉଁଭଳି ଭାବେ ସେ ବିଜେପିର କର୍ମକର୍ତ୍ତାଙ୍କୁ ନେଇ ସଭା କରିଥିଲେ ତାହା



ଆଦର୍ଶ ଆଚରଣ ବିଧିର ଉଲ୍ଲଙ୍ଘନ। ଏହା ବିରୋଧରେ ପଦକ୍ଷେପ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛି ବିଜେଡି । ଏହି ପ୍ରତିନିଧି ଦଳରେ ବିଜେଡିର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ସ୍ୱୟଂ ପ୍ରକାଶ ମହାପାତ୍ର, ପ୍ରିୟବ୍ରତ ମାଝୀ, ମଧୁସ୍ମିତା ନାୟକ, ଇପ୍ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡ଼ିରେ ଯୋଗଦେଲେ ରାଜ ଗୋପାଳ ପାଣିଗ୍ରାହୀ, ରଘୁବୀର ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଜିଲ୍ଲା କଂଗ୍ରେସ ଉପସଭାପତି ରାଜଗୋପାଳ ପାଣିଗ୍ରାହୀ ଓ ପୂର୍ବତନ ବିଜେପି ରାଜ୍ୟକିଷାନ ମୋର୍ଚ୍ଚା କୋଷାଧ୍ୟକ୍ଷ ରଘୁବୀର ପାଣିଗ୍ରାହୀଙ୍କ ସହ ବହୁନେତା ଏବଂ କର୍ମକର୍ତ୍ତା ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବା ରାଜଗୋପାଳ ପାଣିଗ୍ରାହୀ ଓ ରଘୁବୀର ପାଣିଗ୍ରାହୀଙ୍କୁ ଡକ୍ଟର




ପାତ୍ର ଓ ଶ୍ରୀ ବେହେରା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ରାଜ ଗୋପାଳ ପାଣିଗ୍ରାହୀ ଓ ରଘୁବୀର ପାଣିଗ୍ରାହୀଙ୍କ ଯୋଗଦାନ ଫଳରେ ବୀରମହାରାଜପୁରରେ ଦଳୀୟ ସଂଗଠନ ଆହୁରି ମଜଭୂତହେବବୋଲିଡକ୍ଟର ପାତ୍ର ଓ ଶ୍ରୀବେହେରାକହିଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାକ୍ ନିର୍ବାଚନୀ ହିଂସା : ବିଜେପି ରାଲିରେ ଗାଡି ଭଙ୍ଗାରୁଜା

ମାହାଙ୍ଗା ,(ସବ୍ୟୁ) :ବୁଧବାର ସଂଧ୍ୟା ସମୟରେ କେନ୍ଦ୍ରାପଡା ସାଂସଦ ବିଜେପି ପ୍ରାର୍ଥୀ ଭାବେ ବୈଜୟନ୍ତ ପଣ୍ଡାଙ୍କୁ ଦଳୀୟ ସ୍ୱୀକୃତୀ ମିଳିବା ପରେ ଏକ ରାଲି ମାହାଙ୍ଗା ବ୍ଲକ ଅଂଚଳରେ ଆୟୋଜିତ ହୋଇଥିଲା । ଏହି ରାଲିରେ ବିଜେପିର ବିଧାନସଭା ଆଶାୟୀ ପ୍ରାର୍ଥୀ ସୁମନ୍ତ ଘଡେଇ ମାହାଙ୍ଗା ବ୍ଲକର କୁରୁଜଙ୍ଗା ପଂଚାୟତରୁ ଏକ ରୋଡଶୋ ଆରମ୍ଭ କରି ଗୋପାଳପୁର, ଭଦ୍ରେଶ୍ୱର, ଗୌଡଗୋପ, ନାହାଙ୍ଗ,ବାଲିପଡା, ଉମର ,ଭଉଁରିଆ, ପଲ୍ଲୀସାହି, ଗୋକନ, ଏରକଣା ଅଂଚଳ ଦେଇ ପୋଡାମୋରାଇ ପର୍ଯ୍ୟନ୍ତ ଯାଇଥିଲା । ପୋଡାମରାଇ ବାସନ୍ତୀ ଦୁର୍ଗା ମଣ୍ଡପ ହାଟପଡିଆଠାରେ ଗାଡି ପାର୍କିଂକୁ ନେଇ ସେଠାରେ ଅସନ୍ତୁଷ୍ଟ ବିଜେପି ଓ ବିଜେଡି ଗୋଷ୍ଠୀର କିଛି ଲୋକଙ୍କ ସହିତ ଧସ୍ତା ଧସ୍ତି ହେବା ସହ ଗଣ୍ଡୋଗଳ ଆରମ୍ଭ ହୋଇଥିଲା । ଫଳରେ ହାଟ ପଡିଆ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟିଥିଲା । ପରସ୍ପର ମଧ୍ୟରେ ମାର୍‌ପିଟ୍ ହେବା ସହ ଢେଲା ପଥର ମାଡ ହୋଇଥିଲା । ଏକ କାର୍‌ର କାଚ ଭଙ୍ଗାଯାଇଥିଲା । ଏହି ଆକ୍ରମଣରେ ତିନି ଜଣ ଗୁରୁତର ହୋଇଥିଲା ବେଳେ କମଳାକାନ୍ତ ସେଠୀଙ୍କ ଗୋଡ ଭାଙ୍ଗିଯାଇଥିଲା । ପରବର୍ତ୍ତୀ ସମୟରେ ମାହାଙ୍ଗା ସାଇ ମନ୍ଦିର ନିକଟରେ ଖଗେଶ୍ୱର ସେଠୀଙ୍କୁ ବିରୋଧି ଗୋଷ୍ଠୀ ଆକ୍ରମଣ କରି କମଳାକାନ୍ତଙ୍କୁ ଛଡାଇ ନେଇଥିଲେ । ଖବର ପାଇ ପୋଲିସ କମଳାକାନ୍ତଙ୍କୁ ଉଦ୍ଧାର କରିଥିଲା । ଏହି ଘଟଣାକୁ ନେଇ ଏବେ ମାହାଙ୍ଗାର ଚର୍ଚ୍ଚାର ବିଷୟ ପାଲଟିଥିଲା ବେଳେ ବୈଜୟନ୍ତଙ୍କ ଶୋଭାଯାତ୍ରା ବେଳେ ପୋଲିସ ଭ୍ୟାନ ପଛରେ ଯାଉଥିଲା । ଗଣ୍ଡୋଗୋଳ ସମୟରେ ପୋଲିସ ସେଠାରେ ଉପସ୍ଥିତ ନଥିଲା । /ଯାହାକୁ ନେଇ ଏବେ ସାଧାରଣରେ ପୋଲିସ କାର୍ଯ୍ୟକୁ ନେଇ ଚର୍ଚ୍ଚା ହେଉଛି । ଅପରପକ୍ଷରେ ଭଦ୍ରେଶ୍ୱର ଥାନାରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଛି । ପୋଲିସ କେଶ୍ ନଂ ୭୮/୭୯ ରେ ମାମଲା ରୁଜୁ କରି ତଦନ୍ତଜାରୀ ରଖିଛନ୍ତି । ନିର୍ବାଚନକୁ ନେଇ ଏବେ ଶାନ୍ତ ମାହାଙ୍ଗା ଅଶାନ୍ତ ହୋଇଉଠୁଛି । ସାଧାରଣ ଜନତା ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟିଲେ ପ୍ରଣବ ଓ ରୋହିତ

# ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ସମ୍ବର୍ଦ୍ଧିତ କଲେ

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ସଙ୍ଗୀତ ସାଧକ, ଗୀତିକାର, କବି ତଥା ନାଟ୍ୟକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟିଛନ୍ତି ବିଜୁଜନତା ଦଳର ସାଂଗଠନିକ ସମ୍ପାଦକ ତଥା



ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ ।

ଗୁରୁବାର ସକାଳେ ଉଭୟେ ଶ୍ରୀ ଦାସ ଓ ଶ୍ରୀ ପୂଜାରୀ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଘରକୁ ଯାଇ ତାଙ୍କୁ ଭେଟିବା ସହିତ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ପ୍ରଣବ ପ୍ରକାଶ । ତାଙ୍କର ଜୀବନ ବ୍ୟାପୀ ସାଧନାକୁ ପ୍ରଣାମ କରିବା ସହିତ ଭାଷା ସାହିତ୍ୟ ପାଇଁ ତାଙ୍କର ଅବଦାନ ଚୀରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ ।

ପଦ୍ମଶ୍ରୀ ବିନୋଦ ପଶାୟତ ବୃତ୍ତିରେ ଜଣେ ବାରିକ ଅଟନ୍ତି । ସମ୍ବଲପୁରୀ ସାହିତ୍ୟ ରଚନା କରିବାର ନିଶା ଆଜି ତାଙ୍କୁ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ଆଣିଦେଇଛି । ପଦ୍ମଶ୍ରୀ ବିନୋଦ ପଶାୟତ ତାଙ୍କର ସେଲୁନ ଦୋକାନରେ ହିଁ ସାହିତ୍ୟ ସାଧନା କରୁଥିଲେ । ବିଶିଷ୍ଟ ସମ୍ବଲପୁରୀ ନାଟକ ମୁଇଁ ନାଇଁ ମରେଁ ତାଙ୍କୁ ଖ୍ୟାତି ଆଣି ଦେଇଥିଲା ।

ତାଙ୍କ ରଚିତ ୧୨ ଗୋଟି ସମ୍ବଲପୁରୀ ନାଟକ ମଧ୍ୟରୁ ଉଖି, ଲିତା, ଚିହ୍ନା, ଭରନା ଆଦି ନାଟକରେ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ସର୍ଜନା ପରିଲକ୍ଷିତ ହୁଏ । ସମର୍ପଣ, ଆଦିବାସୀ ଓ ପରସ୍ତ୍ରୀ ଭଳି ଓଡିଆ ସିନେମାରେ ସେ ମଧ୍ୟ ଗୀତ ଲେଖିଛନ୍ତି । ତାଙ୍କର ଅନେକ କାବ୍ୟ କବିତା ଓ ଗୀତ ଆଜି ଵିଜନମାନସରେ ଚୀରସବୁଜ ହୋଇ ରହିଛି । ତାଙ୍କ ଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସାକ୍ଷାତ କରି ଗର୍ବ ଅନୁଭବ କରୁଥିବା ପ୍ରଣବ ପ୍ରକାଶ ଦାସ କହିଥିଲେ ।

# ସମ୍ ଅଲ୍ଟିମେଟ୍‌କୁ ଜେସିଆଇ ପ୍ରାଇମ୍ ସ୍ୱୀକୃତି

ଭୁବନେଶ୍ୱର (ସବ୍ୟୁ): ଉତମ ସ୍ୱାସ୍ଥ୍ୟସେବା ଓ ରୋଗୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ସମ୍ ଅଲ୍ଟିମେଟ୍ ମେଡିକେୟାର (ସମ୍ମମ୍) ସଫଳତାର ଆଉ ଏକ ପାହାଚରେ ପାଦ ଦେଇଛି। ବୁଧବାର ଏହି ହସ୍ପିଟାଲକୁ ଜଏଂଟ କମିଶନ ଇଣ୍ଟରନ୍ୟାସନାଲ୍ (ଜେସିଆଇ) ପ୍ରାଇମ୍ ମାନ୍ୟତା ପ୍ରାପ୍ତ ହୋଇଛି। ହସ୍ପିଟାଲ ପରିସରରେ ପ୍ରମୁଖ ମେଡିକାଲ୍ ଟେକ୍‌ନୋଲୋଜି କାନୀ ବେକ୍ଟନ୍, ଡିକିନ୍ସନ୍ ଆଣ୍ଡ କୋ (ବିଡି)ର ସହଯୋଗ ରେ ଏହି ମାନ୍ୟତା ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ



କରାଯାଇଥିଲା। ଓଡିଶାର ପ୍ରଥମ ହସ୍ପିଟାଲ ଭାବେ ସମ୍ମମ୍ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପୂରଣ କରିବା ସହ ୯୮.୪ ପ୍ରତିଶତ ଅନୁପାଳନ ରାଶି ହାସଲ କରି ଏହି ମାନ୍ୟତା ପ୍ରାପ୍ତ କରିଛି । ସମ୍ ର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ ହସ୍ପିଟାଲ ପକ୍ଷରୁ ଏହି ସାର୍ଟିଫିକେଟ୍ ଗ୍ରହଣ କରିଥିଲେ ।

# ଅଟୋ ଚଲାଇଲେ ସାଂସଦ ପ୍ରାର୍ଥୀ ମନ୍ମଥ, ବସି ବୁଲିଲେ ବିଧାୟକ ଜିତୁ ମିତ୍ର



ଖୋର୍ଦ୍ଧା (ସବ୍ୟୁ): ପାଖେଇ ଆସୁଛି ସାଧାରଣ ନିର୍ବାଚନ। ନିର୍ବାଚନ ଯେତିକିସ ପାଖଉଛି ଉଷ୍ମତା ମଧ୍ୟ ବଢିବାରେ ଲାଗିଛି । ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ କୌଶଳରେ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରୁଥିବା ଦେଖାଯାଇଛି । ବିଜେଡି ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଭୋଟରଙ୍କ ନିକଟତର ହେବା ଲାଗି ଅହରହ ଉଦ୍ୟମ ଜାରୀ ରଖିଥିବାବେଳେ ଆଜି ଖୋର୍ଦ୍ଧାରେ ଏକ ଅଟୋ ଚଲାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ମନ୍ମଥ ଚଳାଉଥିବା ଅଟୋ ରେ ପଛରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ବସିଥିବାବେଳେ ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏହାକୁ ବହୁ ଯୁବବର୍ଗ ଓ ଲୋକଙ୍କ ସମର୍ଥନ ମିଳିଥିବାବେଳେ ଏହା ଲାଇକ ଓ ସେୟାର କରୁଥିବା ଦେଖାଯାଇଛି ।

# ଶ୍ରୀମାଙ୍କ ଦର୍ଶନ ଦିବସ

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ ଶ୍ରୀଅରବିନ୍ଦ ସାଧନାପୀଠ ଟ୍ରଷ୍ଟ ପକ୍ଷରୁ ଶ୍ରୀମାଙ୍କ ଦର୍ଶନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଉମାକାନ୍ତ ଘଡ଼େଇ,ନରେନ୍ଦ୍ର ମାହାର,ପୟୋଧର ବାରିକ,ମଞ୍ଜୁ ତ୍ରିପାଠୀ,ଅନୁଅପା, ତୃପ୍ତିଅପା,କାମିନୀଅପା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଅରୁଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଜେଡିର ସମନ୍ୱୟ ବୈଠକ

# ଏ ଲଢ଼େଇ ନବୀନ ବାବୁଙ୍କର, ୱାନ ଭଏସ ୱାନ ମାଇଣ୍ଡରେ ନିର୍ବାଚନ ଲଢ଼ିବାକୁ ପରାମର୍ଶ

କଟକ(ସବ୍ୟୁ) ରାଜ୍ୟରେ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକ ହେବେ ମୁଖ୍ୟମନ୍ତ୍ରୀ । ସାରା ରାଜ୍ୟରେ ଆମ ଦଳ ୧୨୦ ସିଟ ପାଇବ । ଲୋକସଭାରେ ମଧ୍ୟ ଆଶା ଠାରୁ ଅଧିକ ସିଟ ହାସଲ କରିବ । ସାରା ରାଜ୍ୟରେ ବିଜୁ ଜନତା ଦଳ ଜିତି ନିଜର ପ୍ରାଧାନ୍ୟ ବିସ୍ତାର କରୁଥିବାବେଳେ ବାରବାଟୀ କଟକ ବିଧାନସଭା ଓ ଲୋକସଭା କ୍ଷେତ୍ରରେ ଯଦି ଆମେ ସଫଳତା ହାସଲ କରି ନ ପାରିବା ତେବେ ଆମେ ମାନେ ମୁହଁ ଦେଖେଇ ପାରିବାତ ବିଜୁ ଜନତା ଦଳର ସମନ୍ୱୟ ବୈଠକରେ ଏଭଳି ପ୍ରଶ୍ନ କରିଛନ୍ତି ଦଳର ମଙ୍ଗଧରିଥିବା ଛାମୁଆ ନେତାମାନେ । ମୁଖ୍ୟମନ୍ତ୍ରୀଙ୍କ ଜନ୍ମଭୂମି କଟକ । କଟକର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ହାତ ଖୋଲି ଦେଇଛନ୍ତି । ତେଣୁ ଚଳିତ ନିର୍ବାଚନରେ ୱାନ ଭଏସ ୱାନ ମାଇଣ୍ଡ ହୋଇ କାର୍ଯ୍ୟ କରିବାକୁ ପଡିବ । ଏଠି ମୁଖ୍ୟମନ୍ତ୍ରୀ ନିଜେ ଲଢୁଛନ୍ତି । ତେଣୁ ସେ ପଠାଇଥିବା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାନ



ସଭା ପ୍ରାର୍ଥୀ ପ୍ରକାଶ ବେହେରାଙ୍କୁ ବିପୁଳ ବ୍ୟବଧାନରେ ଜିତାଇ ତାଙ୍କ ଟେକ ରଖିବାକୁ ପଡିବ ବୋଲି ମେୟର ସୁବାସ ସିଂ ଉପସ୍ଥିତ ୨୮ ଟି ୱାର୍ଡର କର୍ପୋରେଟର ଓ ୩୨ ଟି ୱାର୍ଡର ସଭାପତି ମାନଙ୍କୁ ଶପଥ ନେବାକୁ କହିଥିଲେ ।

ଏଠାରେ କ୍ରାଇସିସ ମ୍ୟାନେଜର ଆର୍ଶୀବାଦ ବେହେରା ଅଛନ୍ତି ସେ ସବୁବେଳେ ଦଳ ସଂକଟରେ ଥିବାବେଳେ ଦଳ ପାଇଁ ତ୍ରାଣକର୍ତ୍ତା ପାଲଟିଛନ୍ତି । ଦେବାଶିଷ ବାବୁ ସଂଗଠନକୁ ମଜବୁତ କରି ରଖିଛନ୍ତି । ଆମ ଭିତରେ ଥିବା ତାରତମ୍ୟକୁ ଭୁଲିଯାଇ ଏକମନ ଏକପ୍ରାଣ ଦେଇ ଲଢ଼ିବାକୁ ପଡିବ ବୋଲି ମେୟର କହିଥିଲେ । ଆର୍ଶୀବାଦ ବେହେରା କହିଲେ ଏ ଲଢ଼େଇ ନବୀନ ବାବୁଙ୍କର,ଏ ଲଢ଼େଇ ଆମକୁ ଜିତିବାକୁ ପଡିବ । ସମସ୍ତ କର୍ପୋରେଟର ଭାଇ, ଯୁବ, ଛାତ୍ର,ମହିଳା ମାନେ ଦଳ ସ୍ରୋତରେ ରହି କାମ କରିବାକୁ ସେ ପରାମର୍ଶ ଦେଇଥିଲେ । ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମନ୍ୱୟ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ନଗର ବିଜେଡି ସଭାପତି ମଧୁସୂଦନ ସାହୁ , ଦଳୀୟ ପର୍ଯ୍ୟବେକ୍ଷକ ଶୋଭନ ମହାନ୍ତି, ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାନ ସଭା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ ।

# ଅନୁଗୋଳ ଓ ଛେଣ୍ଡିପଦା ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

## ଓଡ଼ିଆ ଅସ୍ମିତା ଅର୍ଥ ସମସ୍ତଙ୍କୁ ମୌଳିକ ଓ ନ୍ୟାୟଗତ ଅଧିକାର ପ୍ରଦାନ



ଭୁବନେଶ୍ୱର (ସବ୍ୟୁ): ଡବଲ ଶଙ୍ଖ ଭାରି ଦୁଃଖ । ଡବଲ ଫୁଲ ଭାରି ଭଲ । ଡବଲ ଫୁଲ ସରକାର ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ବିକାଶ ତ୍ୱରାନ୍ୱିତ ହେବ ବୋଲି ବୁଧବାର ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଆୟୋଜିତ ପୃଥକ ପୃଥକ ମିଶ୍ରଣ ପର୍ବରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବିଶିଷ୍ଟ ଶିକ୍ଷାବିତ୍ ମହେଶ ଚନ୍ଦ୍ର ଧଳ, ପୂର୍ବତନ ମ୍ୟୁନିସିପାଲିଟି ଚେୟାରମ୍ୟାନ ଭକ୍ତି ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡନାୟକଙ୍କ ସମେତ ବିଜେଡି ଶତାଧିକ ସମର୍ଥକମାନେ ଦଳରେ ଯୋଗଦେଇଥିଲେ । ସେହିପରି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ତୁବେ ପଞ୍ଚାୟତ ଡେରେଜାଙ୍ଗ ଗାଁରେ ପୃଥକ ମିଶ୍ରଣ ପର୍ବରେ ମଧ୍ୟ ଅନେକ ସାମାଜିକ ସ୍ତରର କର୍ମୀମାନେ ଯୋଗଦେଇଥିଲେ । ସେ କହିଛନ୍ତି ଯେ ଚଳିତ ନିର୍ବାଚନର ଲଢେଇ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଏବଂ ଓଡ଼ିଆ ସଂସ୍କୃତି ପାଇଁ ଲଢେଇ ହେବ । ଓଡ଼ିଆ ଅସ୍ମିତା ଅର୍ଥ ସମସ୍ତଙ୍କୁ ସେମାନଙ୍କ ମୌଳିକ ଓ ନ୍ୟାୟଗତ ଅଧିକାର ପ୍ରଦାନ କରିବା । ଓଡ଼ିଆ ଅସ୍ମିତା ଅର୍ଥ ସମସ୍ତଙ୍କୁ ସ୍ୱଚ୍ଛ ପାନୀୟ ଜଳ ସହ ଉତ୍ତମ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରିବାକୁ ହେବ ।

ବିଜେଡି ନେତାମାନେ କହୁଛନ୍ତି ସେ ନିଜେ କିମ୍ବା ବିଜେପି କ୍ଷମତାକୁ ଆସିଲେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବନ୍ଦ ହୋଇଯିବ । ତେବେ ଓଡ଼ିଶାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ସହ ଆୟୁଷ୍ମାନ ଭାରତ ଯୋଜନାକୁ ମଧ୍ୟ କାର୍ଯ୍ୟକାରୀ କରାଯାଉ । ଏହା ଆମର ଦାବୀ ରହିଛି । ବିଜେପି କ୍ଷମତାକୁ ଆସିଲେ ଦୁଇଟି ମୋଦୀ ସ୍ୱାସ୍ଥ୍ୟ କାର୍ଡ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ଚଳାଇବାର ବ୍ୟବସ୍ଥା କରିବ । ଶେଷରେ ଓଡ଼ିଶା ଓ ଦେଶରେ ଡବଲ ପଦ୍ମ ଫୁଲ ଆଣିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

## ଅନିଶ୍ଚିତ ସ୍ଥିତିରେ ଆମେରିକା ଅର୍ଥନୀତି

ଭୁବନେଶ୍ୱର (ସବ୍ୟୁ): ବଜାର ଆକାଂକ୍ଷା ବିପରୀତରେ ଆମେରିକା ଅର୍ଥନୀତିର ପ୍ରଦର୍ଶନ ଉପରେ ନିଜର ମତାମତ ବ୍ୟକ୍ତ କରି ବନ୍ଧନ ଏଏମ୍‌ସିର ଫିକ୍ସଡ ଇନ୍‌କମ୍ ବିଭାଗର ଅର୍ଥନୈତିଜ୍ଞ ଶ୍ରୀଜିଥ୍ ବାଲାସୁବ୍ରଣ୍ୟନ କହିଛନ୍ତି ଯେ, ଆମେରିକାର ଅର୍ଥନୈତିକ ତଥ୍ୟ ଆକଳନଗୁଡିକୁ ଭୁଲ ପ୍ରମାଣିତ କରିବା ଜାରି ରଖିଛି ଏବଂ ଆର୍ଥିକ ବଜାର ଏହାର ସୁଧ ହାର ହ୍ରାସ ଆକାଂକ୍ଷାକୁ ମଧ୍ୟ ହ୍ରାସ କରିଛି। ଜିଡିପି, ପିଏମ୍‌ଆଇ, ଡ୍ୟୁରେବୁଲ ଗୁଡ୍‌ସ ଅର୍ଡର, ଅଣକୃଷି କ୍ଷେତ୍ରର ନିଯୁକ୍ତି ସଂଖ୍ୟା ଓ ମୁଦ୍ରାସ୍ଫୀତି ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଛି। ଜିଡିପି ୨୦୨୩ର ୩ୟ ତ୍ରୈମାସରେ ୪.୮% କ୍ୟୁ/କ୍ୟୁ ଏସ୍‌ଏଏଆର୍ ରହିଥିବା ବେଳେ ୪ର୍ଥ ତ୍ରୈମାସରେ ଆକଳନକୁ ପଛରେ ପକାଇ ୩.୪% ରହିଛି। ଡ୍ୟୁରାବୁଲ ଗୁଡ୍‌ସ ଅର୍ଡର ମହାମାରୀ ପୂର୍ବର ଟ୍ରେଣ୍ଡ ସ୍ତରରୁ ଉପରେ ରହିଛି। ମୁଦ୍ରାସ୍ଫୀତି ଓ ନିଯୁକ୍ତି ତଥ୍ୟ ମଜଭୁତ ସ୍ଥିତିରେ ରହିଛି। ଅଣ-କୃଷି କ୍ଷେତ୍ରର ନିଯୁକ୍ତି ମାର୍ଚ୍ଚରେ (୩୦୩,୦୦୦) ବଜାରର ଆକାଂକ୍ଷା ତୁଳନାରେ ଅଧିକ ରହିଥିଲା, ଯଦିଓ ଜାନୁଆରୀରୁ ଘଂଟା ପିଛା ଆୟ ମଧ୍ୟମ ରହିଛି ଓ ଶ୍ରମଶକ୍ତି ଅଂଶଗ୍ରହଣ ବୃଦ୍ଧି ପାଇଛି।

# ନିର୍ବାଚନୀ ଭିଡ ଭିତରେ ରକ୍ତଦାନ କଲେ ପ୍ରଣବ ପ୍ରକାଶ




ଭୁବନେଶ୍ୱର (ସବ୍ୟୁ): ଚଳିତ ଗ୍ରୀଷ୍ମ ଋତୁ ତଥା ବର୍ତ୍ତମାନର ନିର୍ବାଚନୀ ମାହୋଲରେ ସବୁ ଦଳ ବ୍ୟସ୍ତ ଥିବା ବେଳେ ସମ୍ବଲପୁରରେ ଉତ୍କଟ ରକ୍ତାଭାବକୁ ଲକ୍ଷ୍ୟ କରି ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ସୌଜନ୍ୟରୁ ଏକ ଜରୁରୀକାଳୀନ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ଏହି ଶିବିରରେ ନିଜେ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ରକ୍ତଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଟି ଜୀବନ ମୁଲ୍ୟବାନ ଉକ୍ତିକୁ ସାର୍ଥକ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜୁ ଜନତା ଦଳ ସବୁ ସମୟ ଅସମୟରେ ଲୋକଙ୍କ ସହ ରହେ ଏହା ଶ୍ରେଷ୍ଠ ପ୍ରମାଣ ।

ଏହି ଶିବିରରେ ଅତିଥି ଭାବେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ, ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲ୍ଲା ଛାତ୍ର ସଭାପତି ସୁଭ୍ରାଂଶୁ ପାଢ଼ୀ, ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜିକା କବିତା ପୁରୋହିତ, ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ, ସମ୍ବଲପୁର ଜୋନ୍ ସାଧାରଣ ସଂପାଦକ ସୁଧୀର ପଣ୍ଡା, ସମ୍ବଲପୁର ନିର୍ବାଚନୀ କୋଅର୍ଡିନେଟର ଦେବୀ ଲେଙ୍କା, ଜିଲ୍ଲା ଯୁବ ଉପସଭାପତି ମଞ୍ଜୁ ଓରାମ, ଜିଲ୍ଲା ଯୁବ ସମ୍ପାଦକ ଉତ୍ତମ ବାଗଙ୍କ ସହ ଅନ୍ୟ ସମସ୍ତ ନେତୃ ବୃନ୍ଦ ସହଯୋଗ କରିଥିଲେ ।

# ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ଭଜନ ଲୋକାର୍ପଣ



ଭୁବନେଶ୍ୱର, (ସବ୍ୟୁ) : ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ସମିତି ପକ୍ଷରୁ 'ଷାଠିଏ ପଉଟି ଭୋଗ ଓ ତୁମେ ଅନନ୍ତ... ତୁମେ ପ୍ରଶାନ୍ତ ଭଜନ ଲୋକାର୍ପଣ କରାଯାଇଛି । ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପୂଜା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ପ୍ରଭାକର ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ପୁରୀ ରାଧାବଲ୍ଲଭ ମଠର ଅଧ୍ୟକ୍ଷ ତଥା ମହନ୍ତ ରାମକୃଷ୍ଣ ଦାଶ ମହାରାଜଙ୍କ କରକମଳରେ ଦୁଇଟି ଭଜନ ଲୋକାର୍ପଣ ହୋଇଛି । ଏହି ଭଜନର ଲେଖକ ସନ୍ତୋଷ ମିଶ୍ର ଓ କଣ୍ଠଦାନ କରିଛନ୍ତି କେ.ଲକ୍ଷ୍ମୀନାରାୟଣ । ଏହି ସମ୍ମିଳନୀରେ ଉପସଭାପତି ବୈକୁଣ୍ଠନାଥ ମହାପାତ୍ର, ଯୁଗ୍ମସମ୍ପାଦକ ନିରଞ୍ଜନ ଦାସ, ସଙ୍ଗଠନ ସମ୍ପାଦକ ନାରାୟଣ ମହାପାତ୍ର, ଉପଦେଷ୍ଟା ରାଧାବଲ୍ଲଭ ସିଂ, ରବିନାରାୟଣ ମହାପାତ୍ର, ଡଃ. ରାମଚନ୍ଦ୍ର ମିଶ୍ର ଓ ଭାରତୀ ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଲୋକନାଥଙ୍କ ହୁଣ୍ଡିରୁ ମିଳିଲା ୫, ୭୯, ୯୩୦ ଟଙ୍କା

ପୁରୀ (ସବ୍ୟୁ): ମହାଶିବରାତ୍ରି ପରେ ଆଜି ପ୍ରଥମ ଥର ପାଇଁ ବାବା ଲୋକନାଥଙ୍କ ହୁଣ୍ଡି ଖୋଲାଯାଇଥିଲା । ଉପଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କ ପରାମର୍ଶ କ୍ରମେ ଆଜି ମାଜିଷ୍ଟ୍ରେଟ ଓ ପୋଲିସଙ୍କ ଉପସ୍ଥିତରେ ହୁଣ୍ଡି ଖୋଲାଯାଇଥିଲା । ହୁଣ୍ଡି ଖୋଲି ଗଣା ପରେ ସେଥିରୁ ମିଳିଛି ୫,୭୯,୯୩୦ ଟଙ୍କା।ଛ ଏଥି ମଧ୍ୟରେ ୫୧ ହଜାର ଟଙ୍କାର କଏନ ସାମିଲ ଅଛି । ମାଜିଷ୍ଟ୍ରେଟ ଓ ପୋଲିସଙ୍କ ଉପସ୍ଥିତି ରେ ସୁରୁଖୁରୁରେ ହୁଣ୍ଡି ଅର୍ଥକୁ ଗଣା ଯାଇଥିଲା।ଛବିଗତ ବର୍ଷ ପରି ଏହି ଅର୍ଥ ବ୍ୟାଙ୍କରେ ଗଛିତ ରହିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଥିଲେ ।

## ସେମିକଣ୍ଡକ୍ଟର କ୍ଷେତ୍ରରେ ସହଯୋଗିତା ନେଇ

# ସୋଆ, କେନ୍ସ ସେମିକନ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର (ସବ୍ୟୁ): ସେମିକଣ୍ଡକ୍ଟର କ୍ଷେତ୍ରରେ ସ୍ୱତନ୍ତ୍ର ପାଠ୍ୟକ୍ରମ ଓ ସାର୍ଟିଫିକେଟ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଗୁରୁବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ମହୀଶୂରରେ ସ୍ଥିତ କେନ୍ସ ସେମିକନ୍ ପ୍ରାଇଭେଟ ଲିମିଟେଡ (କେଟିଆଇଏଲ୍) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । ଦେଶରେ ଆଉଟସୋର୍ସଡ ସେମିକଣ୍ଡକ୍ଟର ଆସେମ୍ବଲି ଆଣ୍ଡ ଟେଷ୍ଟିଂ ୟୁନିଟ୍ ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ କେଟିଆଇଏଲ୍ ଏହି ଉଦ୍ୟମ ଆରମ୍ଭ କରିଛି। ପର୍ସେପ୍ଟିଭ୍ ସଲ୍ୟୁସନ୍ସ ସହ ମିଳିତ ଭାବେ ଏହି କମ୍ପାନୀ ସେମିକଣ୍ଡକ୍ଟର ପ୍ରସ୍ତୁତ କରିବା କ୍ଷେତ୍ରରେ ସେଂଟର୍ସ ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା କରିବା ନିମନ୍ତେ କାର୍ଯ୍ୟ କରୁଛି। ପର୍ସେପ୍ଟିଭ୍ ସଲ୍ୟୁସନ୍ ସହିତ ଅନେକ ଗୁଡ଼ିଏ ବୃହତ ସେମିକଣ୍ଡକ୍ଟର କମ୍ପାନୀ କାର୍ଯ୍ୟ କରୁଛନ୍ତି ।




ଅଟୋମୋଟିଭ୍, ଇଣ୍ଡଷ୍ଟ୍ରିଆଲ୍, ଏରୋସ୍ପେସ୍, ଡିଫେନ୍ସ. ଆଉଟରସ୍ପେସ୍, ମେଡିକାଲ୍, ରେଲୱେ, ଇନ୍‌ଟରନେଟ ଅଫ୍ ଥିଙ୍ଗସ (ଆଇଓଟି), ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ତଥା ଅନ୍ୟାନ୍ୟ କ୍ଷେତ୍ରରେ ଡିଜାଇନ୍, ପ୍ରୋସେସ ଇଞ୍ଜିନିୟରିଂ, ଇନ୍‌ଟିଗ୍ରେଟେଡ୍ ମାନୁଫ୍ୟାକ୍ଚରିଂ ଓ ଲାଇଫ୍ ସାଇକଲ୍ ସପୋର୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏହି କମ୍ପାନୀର ୩ ଦଶନ୍ଧିର ଅଭିଜ୍ଞତା ରହିଛି । ସାରା ଭାରତରେ ଏହାର ୮ଟି ଅତ୍ୟାଧୁନିକ ମାନୁଫ୍ୟାକ୍ଚରିଂ ସୁବିଧା ରହିଛି । ବୁଝାମଣା ଅନୁଯାୟୀ ସୋଆ ଏବଂ କେଟିଆଇଏଲ୍ ମଧ୍ୟରେ କ୍ଷମତା ବୃଦ୍ଧି ଓ ନୂତନ ଜ୍ଞାନ କୌଶଳ ଆହରଣ ନିମନ୍ତେ କ୍ଷୁଦ୍ର ମିଆଦି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ କେନ୍ସ ସେମିକନ୍ ପ୍ରାଇଭେଟ ଲିମିଟେଡ୍‌ର ଚିଫ୍ ଏଗଜିକ୍ୟୁଟିଭ୍ ଅଫିସର ରଘୁ ପାନିକରଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା।

# ଜାମିନ୍ ନେବାରେ ଚଞ୍ଚକତା, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର କୋର୍ଟରେ ଜାଲ୍ ଜାମିନ୍ ରାକେଟ୍‌ଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ୨୦୨୪ ଫେବ୍ରୁଆରୀ ୧ ତାରିଖରେ ଜେଏମ୍‌ଏଫ୍‌ସିଙ୍କ ରିପୋର୍ଟ ଆଧାରରେ ବଡ଼ଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା । ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରି ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗୁରୁଚରଣ ମହାନ୍ତି ଓରଫ କୁନା (୩୨), ଏସ୍‌କେ ଆଜାମ୍ ଅଲ୍ଲୀ (୭୦), ଅଶୋକ ପରିଡ଼ା (୪୪) । କୁନା ଘର ଟଙ୍କପାଣି ରୋଡ୍ ଶିବନଗରରେ ହୋଇଥିବାବେଳେ ଅଲ୍ଲୀ ଘର ପିପିଲି ଓ ଅଶୋକ ଘର କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳରେ ।

ଫେବ୍ରୁଆରୀ ୧ ତାରିଖରେ ବଡ଼ଗଡ଼ ଥାନାକୁ ଆସିଥିବା ରିପୋର୍ଟରୁ ଜଣାଯାଇଥିଲା ଯେ, ୧୯୯୯ ମସିହାରେ ଜଣେ ମୁସ୍‌ଲିମ୍ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ନାଁରେ ଆଉଜଣେ ବ୍ୟକ୍ତି ଠିଆହୋଇ ସମୀର ପଟ୍ଟନାୟକ ନାମକ ଜଣେ ଅଭିଯୁକ୍ତକୁ ଜାମିନ୍ ନେଇଥିଲା । ୩ କୋଟି ଟଙ୍କାର ସମ୍ପତ୍ତି କୋର୍ଟରେ ମୁଚାଲିକା ଦେଇ ସମୀରକୁ ଜାମିନ୍ ନେଇଥିଲେ ଅଭିଯୁକ୍ତମାନେ । ଜମି କାଗଜପତ୍ର ମଧ୍ୟ ସମ୍ପୂର୍ଣ୍ଣ ନକଲି ଥିବା ତଦନ୍ତରୁ ଜଣାପଡ଼ିଛି । ଏହି ଜାଲ୍ ଜାମିନ୍ ରାକେଟ୍ ଅଭିଯୁକ୍ତଙ୍କୁ ଜାମିନ୍ ନେବାରେ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଜଣାପଡ଼ିଛି । ବଡ଼ଗଡ଼ ଥାନା ଗିରଫ କରିଥିବା ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ବିଜେଡ଼ିରେ ଯୋଗଦେଲେ ସାମାଜିକ କର୍ମୀ ମିନାକ୍ଷୀ ମିଶ୍ର



ଭୁବନେଶ୍ୱର (ସବ୍ୟୁ): ବରଗଡ ନିର୍ବାଚନ ମଣ୍ଡଳୀର ସାମାଜିକ କର୍ମୀ ମିନାକ୍ଷୀ ମିଶ୍ର ଗୁରୁବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପଦ୍ମପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ମିନାକ୍ଷୀ ମିଶ୍ରଙ୍କୁ ଡକ୍ଟର ପାତ୍ରଓ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ମିନାକ୍ଷୀ ମିଶ୍ରଙ୍କ ଯୋଗଦାନ ଫଳରେ ବିଶେଷ କରି ବରଗଡ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର କହିଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଲାଗୁଣୀ ନଦୀରେ ବିଷ ପ୍ରୟୋଗ

ନିରାକାରପୁର,(ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଗୌରହରି ଗଜେନ୍ଦ୍ର ଙ୍କ ଅଭିଯୋଗ ଅନୁଯାୟୀ ସେମାନେ ବ୍ୟବହାର କରୁଥିବା ମଲାଗୁଣୀ ନଦୀ ଜଳରେ ଗ୍ରାମର ସଂଖ୍ୟାଲଘୁ ସାହିର କିଛି ଅସାମାଜିକ ଯୁବକ ଉକ୍ତ ପାଣିରେ ବିଷ ପ୍ରୟୋଗ କରିଛନ୍ତି। ଫଳରେ ଦୁଇଟି ଗୋରୁଙ୍କ ର ମୃତ୍ୟୁ ଘଟିଛିଛ ଆଉ ଏହି କଥାକୁ ନେଇ ସେମାନଙ୍କୁ ସେ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ଏକ ପାଣି ମଟର ଚୋରି କରି ନେଇଛନ୍ତି। ଗୌରହରି କହିବା କଥା କି ମଲାଗୁଣୀ ହୁଡୁଆ ଗଣ୍ଡ ନିକଟରୁ ଗ୍ରାମବାସୀ ଚାଲିବା ଓ ପିଇବା ପାଇଁ ପାଣି ନିଅନ୍ତି । ତାହା ସହିତ ଗାଈଗୋରୁ ଏଠାରେ ନିଜର ଶୋଷ ମେଣ୍ଟାନ୍ତିଛ ତେଣୁ ସେମାନେ ସେଠାରୁ କିଛି ମାଟି ଖୋଳୁ ଥିବାବେଳେ କିଛି ସଂଖ୍ୟାଲଘୁ ଯୁବକ ଏହାକୁ ବିରୋଧ କରି ବିଷ ପ୍ରୟୋଗ କରିଥିଲେ। ଏ ନେଇ ଗୌରହରି ଜଂକିଆ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତ ।

## କଟକ ଚାମ୍ବର ଅଫ କମର୍ସ ପକ୍ଷରୁ ସମ୍ବର୍ଦ୍ଧନା ସଭା

# ମାଲଗୋଦାମ ହେବ ମଡର୍ଣ୍ଣ ମାର୍କେଟ : ସଂତୃପ୍ତ

କଟକ, (ସ୍ୱପ୍ର): ବ୍ୟବସାୟିକ ପ୍ରାଣକେନ୍ଦ୍ର କଟକ ନଗର । ଏଠାରେ ବ୍ୟବସାୟିକ ପୃଷ୍ଠଭୂମିକୁ ସୁଦୃଢ କରି ରଖିଛି ମାଲଗୋଦାମ। ଏଠାରେ ଗୋଦାମ ମାଲିକଙ୍କ ଠାରୁ ଆରମ୍ଭ କରି ରିଟେଲର ମାନେ ବ୍ୟବସାୟ କରି ଆସୁଛନ୍ତି। ଏହି ଅଞ୍ଚଳର ବିକାଶ ନେଇ ପ୍ରତିଶ୍ରୁତି ଦେଇଛନ୍ତି ବିଜୁ ଜନତା ଦଳର ଲୋକସଭା ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର। ସେ ସାଂସଦ ଭାବେ ବିଜୟ ଲାଭ କଲେ ବ୍ୟବସାୟୀମାନଙ୍କ ଦାବି ପୂରଣ କରିବେ ବୋଲି କହିଛନ୍ତି । ରେଳବାଇ ବିଭାଗ ଅଧିନରେ ରହିଥିବା ଜମିକୁ ମାଲଗୋଦାମ ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯିବା ଏପରିକି ଏହାକୁ ଅତ୍ୟାଧୁନିକ ରୂପ ଦିଆଯିବା ସହିତ ମଡର୍ଣ୍ଣ ମାର୍କେଟରେ ପରିଣତ କରାଯିବ ବୋଲି ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଦୃଢ ପ୍ରତିଶ୍ରୁତି ଦେଇଛନ୍ତି।

ଗୁରୁବାର ମାଲଗୋଦାମ ସ୍ଥିତ କଟକ ଚାମ୍ବର ଅଫ କମର୍ସ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ଏଠାରେ ସମ୍ବର୍ଦ୍ଧନା



ଦିଆଯାଇଥିଲା। ବ୍ୟବସାୟୀମାନେ ଡଃ ମିଶ୍ରଙ୍କ ସହ ଆଲୋଚନା କରିବା ପରିପ୍ରେକ୍ଷୀରେ ମୁଖ୍ୟ ଦାବି ଉପସ୍ଥାପନ କରିଥିଲେ। ପ୍ରଥମେ ରେଳବାଇ ଜମିକୁ ବ୍ୟବସାୟୀଙ୍କ ଅଧିନକୁ ଆଣିବାକୁ ପଡ଼ିବ। ଏହି ସମସ୍ୟା ସମ୍ପର୍କରେ ଚାମ୍ବର ଅଫ କମର୍ସ ପକ୍ଷରୁ ଅବଗତ କରାଯିବା ପରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଏ ଦିଗରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ସଭାରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଉପସ୍ଥିତ ରହି ବ୍ୟବସାୟୀମାନଙ୍କ ସମସ୍ୟା ସଂକ୍ରାନ୍ତରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମାଲଗୋଦାମର ସମ୍ପ୍ରସାରଣରେ ରେଳବାଇ ଜମି ବାଧକ ସାଜିଛି। ଜନତାଙ୍କ ସମର୍ଥନରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ବିଜୟ ଲାଭ କଲେ, ଏହି ସମସ୍ୟାର ସମାଧାନ ଦିଗରେ ସେ ପ୍ରାଥମିକତା ଦେବେ ବୋଲି ସୌଭିକ କହିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାଲଗୋଦାମ ପୂଜା କମିଟି ସଭାପତି ଧର୍ମାନନ୍ଦ ପାତ୍ର, ଚାଉଳ ବ୍ୟବସାୟୀ ସଂଘ ସମ୍ପାଦକ ସୁନୀଲ ପାତ୍ର, ଚାଉଳ ବ୍ୟବସାୟୀ ସଂଘ ସଭାପତି ମଧୁସୂଦନ ରାଉତ, ରିଟେଲ ଡିଲର ଆସୋସିଏସନର ସଭାପତି ବିନୋଦ ଚନ୍ଦ୍ର ସାହୁ, କଟକ ଚାମ୍ବର ଅଫ କମର୍ସର ଉପସଭାପତି ବିଜୟ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ର, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଣୀହାଟ ହାଇସ୍କୁଲ ୨୦୦୫ ବ୍ୟାଚ ଛାତ୍ର ସମ୍ମିଳନୀ

କଟକ, (ସ୍ୱପ୍ର) : ରାଣୀହାଟ ଉଚ୍ଚ ବିଦ୍ୟାଳୟର ୨୦୦୫ ବ୍ୟାଚର ଏକ ଛାତ୍ର ସମ୍ମିଳନୀ ସ୍ଥାନୀୟ ଶୀତଲ ହୋଟେଲରେ ଅନୁଷ୍ଠିତ



ହୋଇଯାଇଛି। ଏହି ସମ୍ମିଳନୀରେ ଅତିଥି ଭାବେ ସ୍କୁଲର ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, କିଶୋର ନନ୍ଦ, ଗୋଲୋକ ବିହାରୀ ମିଶ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ଦେଓ ଭଞ୍ଜ, ବିଦ୍ୟୁତ ମଞ୍ଜରୀ ପ୍ରଧାନ ଯୋଗ ଦେଇଥିଲେ। ବର୍ତ୍ତମାନ ବିଦ୍ୟାଳୟ ୯୯ତମ ବର୍ଷରେ ପାଦ ଥାପିଥିବା ବେଳେ ଆଗାମୀ ଦିନରେ ଏହା ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ। ଏହି ଅବସରରେ ସ୍କୁଲରେ ଶତବାର୍ଷିକ ପାଳନ କରାଯିବ। ଶତବାର୍ଷିକ ଉତ୍ସବରେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଆଲୁମୁନିରେ ଯୋଗ ଦେବା ସହ ଅଧିକାଂଶ ଛାତ୍ରଛାତ୍ରୀଙ୍କୁ ଏକଜୁଟ କରିବା ଲାଗି ବରିଷ୍ଠ ଶିକ୍ଷକ ଶ୍ରୀ ପଣ୍ଡା ଓ ଶ୍ରୀ ନନ୍ଦ ଆହ୍ୱାନ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ଏଭଳି ଉଦ୍ୟମକୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପ୍ରଶଂସା କରିଥିଲେ। ସମ୍ମିଳନୀକୁ ଜୟଦେବ ମହାପାତ୍ର, ଚନ୍ଦନ ରାଉତ, ଶଙ୍କର ନାରାୟଣ ସେନାପତି, ଜିତେନ୍ଦ୍ର ବେହେରା, ସୁଶାନ୍ତ କୁମାର ଜେନା, ପପୁଲାର ପାତ୍ର, ସୋମନାଥ ରାଉତ, ବନିତା ସାହୁ, ଜ୍ୟୋତି ପଲ୍ଲବୀ ବେହେରା, ସତ୍ୟଭାମା ଡୋରା ପ୍ରମୁଖଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସୂଚନାଯୋଗ୍ୟଯେ, ଓଡ଼ିଶାର ବୃହତ୍ତର ସ୍କୁଲ ଭାବେ ରାଣୀହାଟ ଉଚ୍ଚ ବିଦ୍ୟାଳୟକୁ ବିବେଚନା କରାଯାଏ। ଯାହା ସାଧାରଣ ବିଜ୍ଞାନ ବହିରେ ଏହା ଉଲ୍ଲେଖ ହୋଇ ରହିଛି। ଏହି ଐତିହ୍ୟ ସମ୍ପନ୍ନ ବିଦ୍ୟାଳୟ ଅନେକ ଛାତ୍ରଛାତ୍ରୀଙ୍କୁ ଗଢି ତୋଳିଛି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ଓଡିଶା ସୀମାର ସୁରକ୍ଷା ପାଇଁ ରାଜନୈତିକ ଦଳମାନେ ପ୍ରତିଶ୍ରୁତି ଦିଅନ୍ତୁ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ସୀମାନ୍ତ ଅଞ୍ଚଳ ଅସୁରକ୍ଷିତ । ଆନ୍ଧ୍ର ପ୍ରଦେଶ ସହିତ କୋଟିଆ ଗ୍ରାମପୁ, ପୋଲାଭରମ ଓ ନାରାୟଣପାଟଣା ଭଳି ବହୁ ଅଞ୍ଚଳରେ ବିବାଦ ଲାଗି ରହିଛି । ଏକଡେ ଛତିଶଗଡ ସରକାର ସହିତ ମହାନଦୀ ପାଣି ସମସ୍ୟା ସମାଧାନ ହୋଇନଥିବା ବେଳେ ଓଡିଶାର ଜମିକୁ ତାଙ୍କ ରାଜ୍ୟର ଭୂମିହୀନ ମାନଙ୍କୁ ପ୍ରଦାନ କରୁଛି । ଅନ୍ୟ ପାଖରେ ପଶ୍ଚିମବଙ୍ଗ ସରକାର ସୀମାନ୍ତ ବାଲେଶ୍ୱର ଜିଲ୍ଲାର ଶଙ୍ଖମେଦି ଗ୍ରାମ, ଉଦୟପୁର ବେଳାଭୂମୀ ଓ ସାହାବାଜିପୁରରେ ଜବରଦଖଲ ଉଦ୍ୟମ କରୁଛି । ଝାଡଖଣ୍ଡ ସହିତ ମଧ୍ୟ ସୀମା ସମସ୍ୟା ଅଛି । ଏହି ଭଳି ୯୬ ଟି ସୀମାନ୍ତ ଗ୍ରାମ ସମସ୍ୟା ଘେରରେ ଅଛନ୍ତି । ଓଡିଶାର ୫୨୨ କିଲୋମିଟର ସୀମାକୁ ଲାଗିଥିବା ସମୁଦ୍ରର ନାମ କଳିଙ୍ଗସାଗର ବଦଳରେ ବଙ୍ଗୋପସାଗର ଅଛି । ଓଡିଶା ଓ ଆନ୍ଧ୍ର ପ୍ରଦେଶ ଦୁଇ ରାଜ୍ୟରେ ଭୋଟ ଦେବେ ବୋଲି ଏବେ କୋଟିଆ ବାସୀ ସଜବାଜ ହେଉଛନ୍ତି । ରାଜ୍ୟ ସୀମା ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ରାଜନୈତିକ ଦଳ




ନିଜ ନିଜ ନିର୍ବାଚନ ଇସ୍ତାହାରରେ ରଖିବା ସହିତ ଦୃଢ ପ୍ରତିଶ୍ରୁତି ଦେବାକୁ ଉତ୍କଳ ସମ୍ମିଳନୀ ଦାବି କରିଛି । ଜଣେ ବ୍ୟକ୍ତି ଓଡିଶା ଓ ଆନ୍ଧ୍ର ପ୍ରଦେଶ ଦୁଇଟି ସ୍ଥାନରେ କିପରି ଭୋଟ ଦେବେ ? ଓଡିଶା ଭୋଟରଙ୍କୁ ଆନ୍ଧ୍ର ପ୍ରଦେଶରେ ଭୋଟ ଦେବାକୁ ବାରଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନିର୍ବାଚନ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ଓ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦାବି କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସୁବ୍ରତ କୁମାର ମହାପାତ୍ର, ଶିବବ୍ରତ ମହାନ୍ତି, ଅକ୍ଷୟ କୁମାର ଜେଠୀ, ସୁରଜିତ ପରିଡା ଓ ସୁଧା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।

# ଦୁଇ ପଞ୍ଚାୟତରେ ବିଜେପିର ରାଲି

ପୋଲସରା, (ସବ୍ୟୁ): ପୋଲସରା ନିର୍ବାଚନ ମଣ୍ଡଳୀର ଦୁଇଟି ପଞ୍ଚାୟତ ମନ୍ଦାର ଓ ରୁମାଗଡରେ ଆଜି ଅପରାହ୍ନରେ ବିଜେପିର ରାଲିର ଆୟୋଜନ କରାଯାଇଥିଲା । ଏହି ରାଲିରେ ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ଓ ଯୁବ ସମାଜସେବୀ ତଥା ଯୁବ ସଙ୍ଗଠକ ପ୍ରଭାକର ପଣ୍ଡା ଯୋଗ ଦେଇଥିଲେ । ପ୍ରଥମେ ମନ୍ଦାର ଗ୍ରାମରେ ପହଞ୍ଚି ଶ୍ରୀ ଶ୍ରୀ ଗୋପୀନାଥ ସ୍ୱାମୀଙ୍କ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରିବା ପରେ ଗ୍ରାମ ପରିକ୍ରମାରେ ବାହାରିଥିଲେ। ବିପୁଳ ଜନ ସମର୍ଥନରେ ଶ୍ରୀ ମଲ୍ଲିକ ଏବଂ ସଂଗଠକ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ କରିବା ସହ ଚଳିତ ନିର୍ବାଚନରେ ବିଜେପିକୁ ବିପୁଳ ଭୋଟରେ ନିର୍ବାଚିତ କରିବା ପାଇଁ ନିବେଦନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଜେପି ସଂଯୋଜକ ବୁଲୁ ପାତ୍ର, ବିଜେପି ମଣ୍ଡଳ ସଭାପତି ରଘୁନାଥ ପଣ୍ଡା, ଦାମ ସ୍ୱାଇଁ, ବିଜେପି ନିର୍ବାଚନ ପରିଚାଳନା ଅଧ୍ୟକ୍ଷ ସତ୍ୟନାରାୟଣ ସାହୁ ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।



# ନାମାଙ୍କନପତ୍ର ଦାଖଲ କଲେ ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ଗୁରୁବାର ସକାଳେ ଗୋଳାବନ୍ଧ ସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିର ଠାରେ ପୂଜା ଅର୍ଚ୍ଚନା କରି ମନ୍ଦିର ଠାରୁ ବିରାଟ ଜନ ସମର୍ଥନ ସହ ଗୋଳାବନ୍ଧ, କମଳାପୁର, କରା ପଲ୍ଲୀ, ବାହାଦୁର ପେଟା, ଡୁରା ପଥରା ଆଙ୍କୋଲି ଦେଇ ଲାଞ୍ଜିପଲ୍ଲି ଗାଇ ଗୋଠ ପଡ଼ିଆ ଠାରେ ପହଞ୍ଚି ଥିଲେ। ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ସମର୍ଥକଙ୍କ ସହ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଉପ ଜିଲ୍ଲାପାଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ଶୋଭାଯାତ୍ରା ପ୍ରବଳ ଗହଳି ସହିତ ଦାଖଲ ଶୋଭାଯାତ୍ରାରେ ବେଶ ଲୋକଙ୍କ ସମର୍ଥନ ମିଳିଥିଲା। ଗୋପାଳପୁର ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ କାର୍ଯ୍ୟ କରି ଆସୁଛନ୍ତି ଓ ଏହା ନିମନ୍ତେ ସେ ପୂର୍ଣ୍ଣ ଅନୁଦାନ ଦେଇଥିବା ବେଳେ ଏହି ଆସନରୁ ବିଜୟୀ ହୋଇ ଲୋକଙ୍କ ଟଙ୍କା ଠକି ନେଇଥିବା ବେଳେ ଏବେ ସମୟ ଆସିଛି ଲୋକ ଉଚିତ ଜବାବ ଦେବେ ବୋଲି ଶ୍ରୀ ପଣ୍ଡା ନିଜ ସମର୍ଥକଙ୍କ ଉପସ୍ଥିତରେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ଲୋକସଭା ଆସନ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବିଧାୟକ ପ୍ରାର୍ଥୀ ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ନଗର ଯୁବ ସଭାପତି ଅଜିତ୍ ପଣ୍ଡା, ନଗର ଛାତ୍ର ସଭାପତି ଶୋଭନ ନାୟକ, ପୂର୍ବତନ ଉପ ନଗରପାଳ ଭଗବାନ ଗନ୍ତାୟତ, ନିରଞ୍ଜନ ଜେନା, ବିସିସି ବ୍ୟାଙ୍କ ସଭାପତି ଶିବ ପାତ୍ର, ବରିଷ୍ଠ ନେତା ସଂଜିତ ପାଣିଗ୍ରାହୀ, ଅନିଲ ସାହୁ, ମମତା ବିଷୋୟୀ, ସୋନାଲି ଗନ୍ତାୟତ, ତିରୁପତି ପାତ୍ର, ଦଣ୍ଡପାଣି ନାୟକ, ସଂଯୁକ୍ତା ସାମଲ, ପାର୍ବତୀ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।



## ଦିଗପହଣ୍ଡି ବିଧାନସଭା ଲାଗି କଂଗ୍ରେସ ପ୍ରାର୍ଥୀ ସାକା ସୁଜିତଙ୍କ ନାମାଙ୍କନ ଦାଖଲ

ବ୍ରହ୍ମପୁର, (ସବ୍ୟୁ): ଦିଗପହଣ୍ଡି ବିଧାନସଭା ଆସନ ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ବୁଧବାର ବିଶିଷ୍ଟ ସମାଜସେବୀ କଂଗ୍ରେସ ନେତା ସାକା ସୁଜିତ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବ୍ରହ୍ମପୁର ହିଲ ପାଟଣା ଠାରୁ ଶହ ଶହ ସମର୍ଥକ ମାନଙ୍କ ସହ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ବ୍ରହ୍ମପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଙ୍ଗ ଅଫିସରଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ଅବସର ନିର୍ବାଚନ ମଣ୍ଡଳୀରେ ଶହ ଶହ ମହିଳା, ଯୁବ, ଛାତ୍ର, ଛାମୁଆନେତା ଓ କର୍ମୀ ଏବଂ ପୁରୁଣା କଂଗ୍ରେସ ନେତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଶ୍ରୀ ସାକା ସୁଜିତ ନିର୍ବାଚନ ମଣ୍ଡଳୀରେ ଲୋକଙ୍କୁ ବିଭିନ୍ନ ସମୟରେ ସହଯୋଗ କରିଆସୁଛନ୍ତି, ଏଣୁ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ବେଶ ଖୁସି ଥିବା ଦେଖିବାକୁ ମିଳିଛି ।

## ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ରାମ-ସୀତାଙ୍କ ବିବାହୋତ୍ସବ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ପ୍ରାଙ୍ଗଣରେ ରାମ-ସୀତାଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ପୁରୋହିତ ଭାବେ ଚିତ୍ତ ରଞ୍ଜନ ମିଶ୍ର, ବୈଷ୍ଣବ ଚରଣ ଦାଶ, ଚିନ୍ମୟ ଦାଶ, ବାବୁ ଦାଶ ଓ ଶ୍ରୀକାନ୍ତ ମିଶ୍ର ଯୋଗ ଦେଇଥିବା ବେଳେ ମହନ୍ତ ଭକ୍ତରାମ ଦାସ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପବିତ୍ର ବୈଶାଖ କୃଷ୍ଣ ପ୍ରତିପଦା ତିଥିରେ ଉକ୍ତ ରାମ-ସୀତାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଦ୍ୱିତୀୟା ତିଥିରେ ବନବାସ, ତୃତୀୟାରେ ଲଙ୍କା ପୋଡ଼ି ଓ ଚତୁର୍ଥୀରେ ରାମାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଜଣାଯାଇଛି। ଉକ୍ତ ବିବାହ ଉତ୍ସବରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା ବେଳେ ଶ୍ରୀ ବିରଞ୍ଚି ନାରାୟଣଙ୍କ ମନ୍ଦିର ପରିସର ଉତ୍ସବ ମୁଖରିତ ହୋଇପଡିଥିଲା । ଉତ୍ସବ ପରିଚାଳନାରେ ମନ୍ଦିର ପୂଜକ ଉମାକାନ୍ତ ଦାଶ ଓ ବଳରାମ ପାଢ଼ୀ ସକ୍ରିୟ ସହଯୋଗ କରିଥିଲେ ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ମହାଯଜ୍ଞ

ବୁଗୁଡ଼ା, (ସବ୍ୟୁ): ବୁଗୁଡା ବ୍ଲକର କଦମ୍ବ ମଠଠାରେ ୩୮ତମ ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି । ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଅବସରରେ ବ୍ୟାସ ମହନ୍ତ ଶ୍ରୀ ରାଘବାନନ୍ଦ ଦାସଜୀ ମହାରାଜ ଏବଂ ଅନ୍ୟ ସାଧୁ-ସନ୍ଥମାନଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ ପାରାୟଣ ଓ ଘୃତଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥି ସହ ପ୍ରବଚନ କାର୍ଯ୍ୟକ୍ରମରେ ଶ୍ରୀ ମୃତ୍ୟୁଞ୍ଜୟ ଚୋଧୁରୀ, ଶ୍ରୀ ସତ୍ୟ ରଞ୍ଜନ ରଥ ଓ ଶ୍ରୀ ଉମାକାନ୍ତ ମହାପାତ୍ର ପ୍ରମୁଖ ପଣ୍ଡିତଗଣ ପ୍ରବଚକ ଭାବେ ଯୋଗଦାନ କରିଥିଲେ। ଶ୍ରୀରାମ ସେବା ସମିତି ଆନୁକୂଲ୍ୟରେ ଏବଂ ବି.ବ୍ରହ୍ମପୁର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ।

## ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

# ଅବାଧ, ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ପ୍ରସ୍ତୁତି ଏବଂ କାର୍ଯ୍ୟ ଖସଡା କିଭଳି ପ୍ରସ୍ତୁତି ହୋଇଛି । ସେହି ସମ୍ପର୍କରେ ଏକ ସମୀକ୍ଷା ବୈଠକ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ପୋଲିସ୍ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଉଭୟ ଜିଲ୍ଲାର ସମୀକ୍ଷା ୨୦-ବ୍ରହ୍ମପୁର ଲୋକସଭା (ମୋହନା ଓ ଦିଗପହଣ୍ଡି) ସାଧାରଣ ପର୍ଯ୍ୟବେକ୍ଷକ ଗନ୍ଧମ୍ ଚନ୍ଦ୍ରଡୁ, ଭା.ପ୍ର.ସେ. ୨୦- ବ୍ରହ୍ମପୁର ଲୋକସଭା ସ୍ୱରୂପ ପି. ଭା.ପ୍ର.ସେ. ଏବଂ ୨୦- ବ୍ରହ୍ମପୁର ଲୋକସଭା ପୋଲିସ୍ ପର୍ଯ୍ୟବେକ୍ଷକ ଅଜୟ ଲିଣ୍ଡା ଉପସ୍ଥିତ ରହି ଗଜପତି ଏବଂ ଗଞ୍ଜାମ ଜିଲ୍ଲାର ନିର୍ବାଚନ ସଂକ୍ରାନ୍ତୀୟ ସମୀକ୍ଷା କରିଥିଲେ। ବିଶେଷ କରି ଉଭୟ ଜିଲ୍ଲା ଭୋଟର ସଂଖ୍ୟା, ବୁଥ୍ ଗୁଡିକର ସ୍ଥାନ ଓ ସ୍ଥିତି, ଆଧୁନିକ ବୁଥ୍, ଯୁବ ଭୋଟର ବୁଥ୍ , ସଖୀ ବୁଥ୍, ଭିନ୍ନକ୍ଷମ ବୁଥ୍, ପ୍ରକୃତି ବନ୍ଧୁ ବୁଥ୍, ସହାୟକକାରୀ ବୁଥ୍, ଇଭିଏମ୍ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ପର୍ଯ୍ୟବେକ୍ଷକ, ମାଇକ୍ରୋ ପର୍ଯ୍ୟବେକ୍ଷକ ମାନଙ୍କର ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ଷ୍ଟାଫ୍ ନିଯୁକ୍ତ ଇତ୍ୟାଦି ସମସ୍ତ ବିଷୟରେ ପର୍ଯ୍ୟବେକ୍ଷକଗଣ ପଚାରି ବୁଝିଥିଲେ। ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତ ତଥ୍ୟ ରଖିଥିବା ବେଳେ ଗଜପତି ଜିଲ୍ଲାର ସମସ୍ତ ତଥ୍ୟ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମିଞ୍ଜି ଉପସ୍ଥାପନ କରିଥିଲେ। ଗଞ୍ଜାମ ଜିଲ୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକିଯେ, ୨୦ ବ୍ରହ୍ମପୁର ଲୋକସଭା ନିମନ୍ତେ ପୋଲିସ୍ ପର୍ଯ୍ୟବେକ୍ଷକ ଅଜୟ ଲିଣ୍ଡା, ଆଇପିଏସ୍‌ଙ୍କ ଯୋଗାଯୋଗ ନମ୍ବର ୯୬୯୨୧୮୫୧୬୪, ସାଧାରଣ ପର୍ଯ୍ୟବେକ୍ଷକ ସ୍ୱରୂପ ପି. ଭା.ପ୍ର.ସେ.ଙ୍କ ଯୋଗାଯୋଗ ନମ୍ବର ୯୬୯୨୧୯୪୧୪୫, ମୋହନା ଓ ଦିଗପହଣ୍ଡି ବିଧାନ ସଭା ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଗନ୍ଧମ୍ ଚନ୍ଦ୍ରଡୁ ଭାପ୍ରସେଙ୍କ ଯୋଗାଯୋଗ ନମ୍ବର ୮୫୦୦୦୪୦୦୮ ଗଞ୍ଜାମ ଜିଲ୍ଲାରେ ଉପସ୍ଥିତ ଅଛନ୍ତି । ଯେ କୌଣସି ପ୍ରକାର ଆପତ୍ତି ଅଭିଯୋଗ ନିମନ୍ତେ ଉପରଲିଖିତ ନମ୍ବରରେ ଯୋଗାଯୋଗ କରି ଜଣାଇପାରିବେ। ଏହି ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ମାନଙ୍କ ସହିତ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗ ମୋହନ ମୀନା, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ତଥା ଦକ୍ଷିଣାଞ୍ଚଳ ପୋଲିସ୍ ଉପ ମହାନିର୍ଦ୍ଦେଶକ ଡା. ସାର୍ଥକ ଷଡଙ୍ଗୀ, ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତି ଏସ୍. କୁମାର ମଞ୍ଚାସୀନ ଥିବା ବେଳେ ଉଭୟ ଜିଲ୍ଲାର ରିଟର୍ଣ୍ଣି ଅଧିକାରୀଗଣ ଉପସ୍ଥିତ ଥିଲେ ।

## ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତିନି ଛାତ୍ରୀଙ୍କ କମାଲ୍

## ସର୍ବଭାରତୀୟ ଜାତୀୟ ରଗ୍‌ବୀ ପ୍ରତିଯୋଗିତାରେ ପାଇଲେ ଦ୍ୱିତୀୟ ସ୍ଥାନ



ବାରିପଦା, (ସବ୍ୟୁ) : ମହାରାଷ୍ଟ୍ରର ପୁନେ ଠାରେ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ସର୍ବଭାରତୀୟ ରଗ୍‌ବୀ ପ୍ରତିଯୋଗିତା ୧୯ ବର୍ଷରୁ କମ୍ ବାଳିକା ବିଭାଗରେ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ଜଣ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ମାର୍ଣ୍ଡି, ହିସି ଟୁଡୁ ଏବଂ ଅମିଷାରାଣୀ ମାଝୀ ଅଂଶଗ୍ରହଣ କରି ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଏବଂ ଟ୍ରଫୀ ଅର୍ଜନ କରି ରାଜ୍ୟ ତଥା ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଏହି ସଫଳତା ପାଇଁ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେସ କୁମାର ଷଡଙ୍ଗୀ କ୍ରୀଡା ଶିକ୍ଷକ ତାପସ କୁମାର ସାମଲ ସହିତ ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଶୁଭକାମନା କରିଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ସଭା

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟୟନ କେନ୍ଦ୍ର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦାରେ ଏକ ଆଭିମୁଖ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅଧ୍ୟକ୍ଷତା କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. ପ୍ରମୋଦ ଚନ୍ଦ୍ର ସାହୁ। ସେ ଭାଷଣରେ କହିଥିଲେ ଯେ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କିପରି ସମସ୍ତଙ୍କ ପାଇଁ ଉପାଦେୟ, ଶିକ୍ଷା ପାଇଁ ସେ ବୟସର ବାଧକ ନୁହେଁ ଏବଂ ତାର ଇ-ଶିକ୍ଷା କିପରି ସୁବିଧା ହୋଇଛି । ମେଧାବୃତ୍ତି ଓ ଉଚ୍ଚଶିକ୍ଷା ନିମନ୍ତେ ବାଟ ଫିଟାଇଛି ଏହି ସମ୍ପର୍କରେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ଡଃ ଦୀପକ କୁମାର ବେହେରା। ସମାଜରେ ଶିକ୍ଷାର୍ଥୀଙ୍କ ନିଜର ପରିଚୟ ତିଆରି କରିବାରେ ଓଏସଓୟୁ କିପରି ସହାୟକ ହୋଇଛି ଏବଂ ଓଏସଓୟୁର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟୟନ କେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ସେମାନଙ୍କ ଠାରୁ ନାନା ପ୍ରଶ୍ନ ଓ ପ୍ରତିକ୍ରିୟା ଗ୍ରହଣ କରାଯାଇଥିଲା। ଏହି ସଭାରେ ବହୁ ବିଷୟର କାଉନସେଲର ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ ସହାୟକ ଅର୍ଜୁନ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




## ନାମାଙ୍କନର ଅନ୍ତିମ ଦିବସ

## ବ୍ରହ୍ମପୁର ଲୋକସଭା ପାଇଁ ୪, ଦୁଇ ବିଧାନସଭା ପାଇଁ ୩ ଜଣଙ୍କ ନାମାଙ୍କନ ଦାଖଲ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିନରେ ଛତ୍ରପୁର ଠାରେ ବ୍ରହ୍ମପୁର ଲୋକସଭା ଆସନ ପାଇଁ ୪ ଜଣ, ବ୍ରହ୍ମପୁର ଓ ଛତ୍ରପୁର ବିଧାନସଭା ଆସନ ପାଇଁ ୩ ଜଣ ଲେଖାଁଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ଲୋକସଭା ଆସନ ପାଇଁ ଭାରତୀୟ ଜନତା ପାର୍ଟିର ପକ୍ଷରୁ ପ୍ରାର୍ଥୀ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ବହୁଜନ ସମାଜବାଦ ପାର୍ଟିର ପକ୍ଷରୁ ଭାସ୍କର ଚୌଧୁରୀ, ଭାରତୀୟ ବିକାଶ ପରିଷଦ ପକ୍ଷରୁ ରାଜେନ୍ଦ୍ର ଦଳ ବେହେରା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଏସ. ତମନା ପ୍ରମୁଖ ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ନିକଟରେ ନାମାଙ୍କନ କରିଛନ୍ତି । ସେହିପରି ବ୍ରହ୍ମପୁର ବିଧାନସଭା ଆସନ ପାଇଁ ୩ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ରୁଦ୍ର ପ୍ରସାଦ ମହାପାତ୍ର, ଆଶାକୁମାରୀ ଦାଶ ଓ ସଂଜୀବ କୁମାର ପଟ୍ଟନାୟକ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଛତ୍ରପୁର ବିଧାନସଭା ଆସନ ପାଇଁ ଆମଆଦମୀ ପାର୍ଟି ପକ୍ଷରୁ ରିତୁ କୁମାରୀ ସେଠୀ, ସ୍ୱାଧୀନ ପ୍ରାର୍ଥୀ ଭାବେ ସମ୍ରାଟ ରାଜ ଓ ସରୋଜ କୁମାର ବେହେରା ରିଟର୍ଣ୍ଣିଂ ଅଫିସର ତଥା ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ରାଇରଙ୍ଗପୁରରେ 'ଆଶା ଭରସା' ପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବାରିପଦା, (ସବ୍ୟୁ) : ୨୦୨୪ ସାଧାରଣ ନିର୍ବାଚନ ଉଷ୍ମତା ଦିନକୁ ଦିନ ବୃଦ୍ଧି ପାଉଛି। ବଡ଼ ରାଜନୈତିକ ଦଳଙ୍କ ଉପରେ ଭରସା ଓ ମିଥ୍ୟା ପ୍ରତିଶୃତି ଉପରେ ଅତିଷ୍ଠ ହୋଇ ନୂତନ ନୂତନ ସ୍ୱାଧୀନ ଦଳ ଉଭା ହେଲେଣି। ବିଶେଷତଃ ନିଜ ଅଞ୍ଚଳର ମୁଖ୍ୟ ସମସ୍ୟାକୁ ନେଇ ନୂତନ ଦଳ ମୁଣ୍ଡ ଟେକିଲେଣି। ମୟୂରଭଞ୍ଜ ଜିଲ୍ଲାର ଏକ ନୂତନ ଦଳ 'ଆଶା ଓ ଭରସା ପାର୍ଟି ଜିଲ୍ଲାରେ ମୁଣ୍ଡ ଟେକିଛି। ସ୍ୱାଧୀନତାର ୭୫ବର୍ଷ ପରେ ମଧ ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲା ପ୍ରଗତିଠାରୁ ଦୂରରେ । ସାଧାରଣ ଲୋକ ଏଯାଏଁ ଅର୍ଥନୈତିକ ସ୍ୱାଧୀନତା, ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା, ନିଯୁକ୍ତି, ଶିଳ୍ପାୟନ, ପିଇବା ପାଣି ସବୁଥିରେ ପଛୁଆ। ରାଜନୈତିକ ଦଳ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନଦେଇ ପୋଷା ଶୁଆ ଭଳି କାମ କରୁଛନ୍ତି। ତେଣୁ କିଛି ଶିକ୍ଷିତ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସମାଜସେବୀ, ଅଭିଜ୍ଞ ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ସେବା ନିବୃତ୍ତ ଅଧିକାରୀ, ଉଚ୍ଚ ଶିକ୍ଷିତା ମହିଳା ଓ ଯୁବବର୍ଗର ଲୋକେ ସମାନ ଏକ ଉଚ୍ଚ ନୂତନ ବିକାଶର ଚିନ୍ତା ଧରି ଏକ ପଞ୍ଜିକୃତ ରାଜନୈତିକ ଦଳ ଆଶା ଓ ଭରସା ପାର୍ଟି ଗଠନ କରିଛନ୍ତି। ସେହି ଆଶା ଭରସା ପାର୍ଟିର କର୍ମକର୍ତ୍ତା ବୃନ୍ଦ ରାଇରଙ୍ଗପୁର ମେଡିକାଲ ଛକ ନିକଟସ୍ଥ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ଆହୂତ କରିଥିଲେ। ଏଥିରେ ପାର୍ଟିର ଉପଦେଷ୍ଟା ବରିଷ୍ଠ ସେବା ନିବୃତ୍ତ ଆଇଏଏସ ଅଧିକାରୀ ଧନଞ୍ଜୟ ହେମ୍ବ୍ରମ ସଭାପତିତ୍ୱ କରିବା ସହ ମୟୂରଭଞ୍ଜ ଜିଲ୍ଲାରେ ବିକଳ୍ପ ରାଜନୈତିକ ଦଳ ଆଶା ଭରସା ପାର୍ଟି ଗଠନର ଉଦ୍ଦେଶ୍ୟ ଉପରେ ସାମ୍ବାଦିକ ମାନଙ୍କୁ ପ୍ରାଞ୍ଜଳ ଭାବରେ ଅବଗତ କରାଇଥିଲେ। ତତ୍‌ସହିତ ଆଗାମୀ ସାଧାରଣ ନିର୍ବାଚନରେ ଆଶାୟୀ ସାଂସଦ ପ୍ରାର୍ଥୀ ଭାବେ ସେବା ନିବୃତ୍ତ କାନାଡା ବ୍ୟାଙ୍କର ବରିଷ୍ଠ ଅଧିକାରୀ କାହ୍ନୁଚରଣ ଟୁଡୁ, ଯଶିପୁର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ସୋରେନ, ରାଇରଙ୍ଗପୁର ବିଧାୟକ ପ୍ରାର୍ଥୀ ଇଂ ସାପକୁ ମାଝୀ, ବାଙ୍ଗିରିପୋଷି ବିଧାୟକ ପ୍ରାର୍ଥୀ ସୁରେନ୍ଦ୍ର ନାଥ ହାଁସଦାଃ, ଉଦଳାରେ ମିନାକ୍ଷୀ ମୁର୍ମୁ, ସାରସକଣା ବିଧାୟକ ପ୍ରାର୍ଥୀ ଭାବେ ଶେଖର ଚନ୍ଦ୍ର ମାହାଲି ଓ ବାରିପଦା ପାଇଁ ରଞ୍ଜିତା ହେମ୍ବ୍ରମଙ୍କ ନାମ ଘୋଷଣା କରାଯାଇଛି। ଏହି ଦଳ ମୟୂରଭଞ୍ଜର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେବ। ଜିଲ୍ଲାରେ କୃଷି, ଶିକ୍ଷା, ଶିଳ୍ପ, ପାନୀୟ ଜଳ, ବିଦ୍ୟୁତ୍, ଖାଦ୍ୟ ସୁରକ୍ଷା, ଜମିକୁ ଜଳ, କୃଷକଙ୍କୁ ସଶକ୍ତକରଣ, ମହିଳା ସଶକ୍ତିକରଣ, ବେକାର ଯୁବକଙ୍କ ହାତକୁ କାମ, ରେଳ ବିକାଶ ଉପରେ ଗୁରୁତ୍ୱ ଦେବ । ମୟୂରଭଞ୍ଜରେ ସମସ୍ତଙ୍କର ଆଶା ଭରସା ହୋଇ ରହିବା ଏହି ଦଳ ଏକ ଦଳୀୟ ଇସ୍ତାହାରକୁ ନେଇ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବ। ଏହି ଦଳ କ୍ଷମତାରେ ଥାଆନ୍ତୁ ଅବା ନ ଥାଆନ୍ତୁ ଜନତାଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ ପାଇଁ ଆଗକୁ ସହଯୋଗ ହାତ ବଢାଇବ ଓ ଲୋକଙ୍କ ହକ ପାଇଁ ଲଢାଇ କରିବ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ ନେତୃବୃନ୍ଦ। ମୋଦୀ ସରକାର ଦେଶରେ ସନ୍ନାଟା ହୋଇଛି। ମୋଦି ସରକାରଙ୍କ ସମ୍ବିଧାନ ମାରଣନୀତି, ବିଚାରାଳୟ ଉପରେ ଅଯଥା ହସ୍ତକ୍ଷେପ, କୃଷକ ମାରଣ ନୀତି, ଆଦିବାସୀ ମାରଣ ନୀତି, ବ୍ୟାଙ୍କ ଘରୋଇକରଣ, ବନ୍ଦର, ଉଡ୍ଡାନ ଓ ରେଳ ଘରୋଇକରଣ, ଶିକ୍ଷା ମାରଣନୀତି, ନବରତ୍ନ ଶିଳ୍ପ ଘରୋଇକରଣ, ବଡ଼ ବଡ଼ ଆରବ ପତିଙ୍କୁ କୋଟି କୋଟି ଟଙ୍କା ଋଣ କରେ ମାଫ, ଅମ୍ବାନୀ ଓ ଆଦାନୀକୁ ଅହେତୁକ ଅନୁକମ୍ପା, ନୋଟ ବନ୍ଦୀ, କରୋନା ବନ୍ଦୀ, କଳାଟଙ୍କା ବନ୍ଦୀ, ଇଲେକ୍ଟୋରାଲ ବଣ୍ଡ ଦୁର୍ନିତୀ, ବିଜେପିରେ ମିଶୁଥିବା ନ ଅଣ ବିଜେପି ରାଜନୈତିକ ମୁଖିଆଙ୍କୁ ବିଭିନ୍ନ ଆଳରେ ଜେଲ ବନ୍ଦୀ ଇତ୍ୟାଦି ଉପରେ ବର୍ଷିଥିଲେ। ସେହିଭଳି ବିଜେଡି ସରକାର ଚିଟ୍‌ଫଣ୍ଡ କମ୍ପାନୀକୁ ଅହେତୁକ ଅନୁକମ୍ପା, ଆଦିବାସୀ ଜମି ବିକ୍ରି ପାଇଁ ମସୁଧା, ବିଜେପି ଓ ବିଜେଡ଼ିର ମଧୁ ଚନ୍ଦ୍ରିକା, ୫ଟି ରୂପାନ୍ତିକରଣରେ ମହାଦୁର୍ନୀତି, ବାହାର ରାଜ୍ୟର ଠିକାଦାରଙ୍କୁ ଅନୁକମ୍ପା, ଶିକ୍ଷା, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ, କୃଷକଙ୍କ ହାତ ଖାଲି, ୩୫ଭାଗ ଜମିକୁ ଆଜିଯାଏଁ ଜଳ ସେଚନ ନହେବା, ଶିଳ୍ପାୟନ ନହେବା ଇତ୍ୟାଦି ଉପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଦେବୀ ପ୍ରସନ୍ନ ବେଶ୍ରା ଓ ସୁରେନ୍ଦ୍ର ହାଁସଦାଙ୍କ ସମେତ ଆଶା ଭରସା ପାର୍ଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## 'ଘୁମୁସରର ସ୍ୱର' ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର, କବିତା ଆସର

ବୁଗୁଡ଼ା, (ସବ୍ୟୁ): ନିକଟସ୍ଥ କଳା ସାହିତ୍ୟର ମାଟି ଖୋଲଖାଲି ଠାରେ ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସର ର ସ୍ୱର' ବାଲିପଦର ପକ୍ଷରୁ ୧୩୬ତମ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର ପ୍ରତିଷ୍ଠାନର ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମକୁ ଖୋଲଖାଲି ଗ୍ରାମପଞ୍ଚାୟତ ସରପଞ୍ଚ ଉମାକାନ୍ତ ପାତ୍ର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ମୋତିଲାଲ ପତି ଅନ୍ୟତମ ବରେଣ୍ୟ ଅତିଥି ଭାବେ କବି ଅନନ୍ତ କର, ଡକ୍ଟର ବ୍ରଜକିଶୋର ପାଢ଼ୀ, ସର୍ଦ୍ଦାର ଲିଙ୍ଗରାଜ ଦାସ, ସମାଜସେବୀ ରୀନା ଚୌଧୁରୀ, ଦୁର୍ଗା ପ୍ରସାଦ ଦାସ, ଗୌରୀଶଙ୍କର ମିଶ୍ର, ଭଞ୍ଜ ମାଟିର ସମ୍ପାଦକ କାମ ରାଜୁ ସାହାଣୀ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ କବି ରାମଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ପାଢ଼ୀ, ଧ୍ରୁବ ପାଣିଗ୍ରାହୀ, ରଘୁନାଥ ସାହୁ, ରାଜଗୋପାଳ ନାୟକ ପ୍ରମୁଖ କବିତା ପାଠ କରିଥିଲେ। ରାମଲୀଳା ଗାୟକ ପ୍ରଭାତ ରାଉତ ଓ ସାଥି, ଭାରତ ଲୀଳା ଗୁରୁ ପ୍ରମୋଦ କୁମାର ଦାସ, ଦକ୍ଷିଣୀ ବାଦକ ପିତବାସ ସାହୁ, ଚିତ୍ରଶିଳ୍ପୀ ବିନୋଦ ବିହାରୀ ପତିଙ୍କୁ 'ଘୁମୁସର ର ସ୍ୱର' ପକ୍ଷରୁ ପ୍ରଶଂସା ପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ଶେଷରେ ଖଲି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାରେ ନେପାଳର ଶିଶୁ ସାହିତ୍ୟିକ ବିଜୟରାଜ ଆଚାର୍ଯ୍ୟ



ବାରିପଦା, (ସବ୍ୟୁ) : ଆମର ମୈତ୍ରୀ ଦେଶ ନେପାଳ, ଯେ ଦେଶ ସହିତ ପୁରାଣ କାଳରୁ ଆମର ସୁମଧୁର ସମ୍ପର୍କ ରହିଛି ସେହି ଦେଶର ପ୍ରଖ୍ୟାତ ଶିଶୁ ସାହିତ୍ୟିକ ତଥା ନେପାଳର ସର୍ବପୁରାତନ ଶିଶୁ ସାହିତ୍ୟ ସଂସ୍ଥା ନେପାଳ ବାଲ୍ ସାହିତ୍ୟ ସମାଜ, କାଠମାଣ୍ଡୁର ନିର୍ବାଚିତ ମହାସଚିବ ବିଜୟରାଜ ଆଚାର୍ଯ୍ୟ ଆଜି ଆମ ସହରରେ ଉପସ୍ଥିତ ଅଛନ୍ତି। ତାଙ୍କ ରଚିତ ସହସ୍ରାଧିକ ଶିଶୁ କିଶୋର ପୁସ୍ତକଗୁଡ଼ିକ ଭିତରେ ରମାଇଲୋ ଗାଉଁ, ଆମାକୋ ମାୟା, ସ୍ୱର୍ଗମା ମୋବାଇଲ, ଜେନିସକୋ ଜନ୍ମଦିନ, କି-ବୋର୍ଡ ଇତ୍ୟାଦି। ତାଙ୍କର ବେଶ୍ କିଛି ଗଳ୍ପ ଓଡ଼ିଆ, ବଙ୍ଗଳା, ଚାଇନିଜ, ହିନ୍ଦୀ ଇତ୍ୟାଦି ଭାଷାରେ ଅନୁଦିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି। ଶିଶୁ ସାହିତ୍ୟ ଲେଖକ ସମ୍ମେଳନ, ଓଡ଼ିଶାର ୨୩ତମ ବାର୍ଷିକ ମହୋତ୍ସବରେ ଆମନ୍ତ୍ରିତ ହୋଇ ସେହି କାର୍ଯ୍ୟକ୍ରମରେ ଯୋଗଦାନ କରିବ ପାଇଁ କଟକ ସହରକୁ ଗ୍ରସ୍ତ କରିବାର ରହିଛି। ତାଙ୍କର ବହୁଦିନର ଇଚ୍ଛା। ମୟୂରଭଞ୍ଜର ବାରିପଦା ସହରକୁ ପରିଭ୍ରମଣ କରିବା ପାଇଁ। ସେ କହନ୍ତି, ମୟୂରଭଞ୍ଜ ସହିତ ନେପାଳର ସମ୍ପର୍କ ବହୁତ କାଳରୁ। ମୟୂରଭଞ୍ଜର ରାଜପ୍ରସାଦ, ମନ୍ଦିର ମାଳିନୀ ସହରର ସମସ୍ତ ମନ୍ଦିର, ଏଠାକାର ଚିତ୍ରଶିଳ୍ପ, ସାହିତ୍ୟ ଓ ସାହିତ୍ୟିକମାନଙ୍କ ସହିତ ଭେଟଘାଟ କରିବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଏଠାକୁ ଚୁମ୍ବକମୁନରେ ତାଙ୍କୁ ଟାଣି ଆଣିଛି। ସିଏ ଚାହାନ୍ତି ଓଡ଼ିଶାର ଶିଶୁ ସାହିତ୍ୟ ଓ ଶିଶୁ ସାହିତ୍ୟିକମାନଙ୍କ ସହିତ ନେପାଳ ବାଲ୍ ସାହିତ୍ୟ ସମାଜ, କାଠମାଣ୍ଡୁ ଦ୍ୱାରା ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରି ନେପାଳୀ ଓ ଓଡ଼ିଆ ଶିଶୁ ସାହିତ୍ୟର ଚିରସ୍ମରଣୀୟ ଲେଖାଗୁଡ଼ିକ ଅନୁବାଦ ମାଧ୍ୟମରେ ଆଦାନ ପ୍ରଦାନ କରିବା ପାଇଁ।

# ପତ୍ର ତୋଳାଳିଙ୍କୁ ମିଳୁନି ଉଚିତ ମୂଲ୍ୟ



ହରଭଙ୍ଗା,(ସବ୍ୟୁ): ସରକାର ସବୁଠୁ ଅଧିକ ରାଜସ୍ୱ କେନ୍ଦୁ ପତ୍ରରୁ ଆଦାୟ କରୁଥିବା ବେଳେ ତୋଳାଳୀଙ୍କୁ ଏହାର ଉଚିତ ମୂଲ୍ୟ ମିଳୁନଥିବା ତୋଳାଳୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଚଳିତ ବର୍ଷ ଗ୍ରୀଷ୍ମ ପ୍ରଭାବରେ ୪୫ଡିଗ୍ରୀରୁ ଉର୍ଦ୍ଧ ତାପମାତ୍ରାରେ ପତ୍ର ତୋଳାଳୀ ମାନେ ପେଟ ଚାଖଣ୍ଡେ ପାଇଁ ଗ୍ରୀଷ୍ମ ପ୍ରଭାବ ସହିତ ବିଷାକ୍ତ ସରୀସୃପ, ବନ୍ୟ ହିଂସ୍ର ଜନ୍ତୁଙ୍କୁ ଭୃକ୍ଷେପ ନ କରି ପତ୍ର ତୋଳିଛନ୍ତି । ଯାହା ସୂଚନା ରହୁଛି ଚଳିତ ବର୍ଷ ପତ୍ର ଫର୍ମା ପିଛା ୧୪୦ଟଙ୍କା ଓ କେରି ପିଛା ଏହାର ମୂଲ୍ୟ ୧୪୦ପଇସା ସରକାରୀ ଦର ରହିଛି । ଗୋଟିଏ କେରିରେ ୨୨ଗୋଟି ପତ୍ର ତୋଳାଳୀ ଦେଇଥାଏ । ଯଦି ପତ୍ରକୁ ହିସାବକୁ ନିଆଯାଏ ତା ହେଲେ ଏକ ତୋଳାଳୀ ପତ୍ର ପିଛା ମାତ୍ର ୬ପଇସା ମୂଲ୍ୟ ପାଇଥାଏ । ପରିଶ୍ରମ ହିସାବରେ ନ୍ୟୁନ ମୂଲ୍ୟ ପାଇଥାଏ ତୋଳାଳୀ । କିନ୍ତୁ ସରକାର ଆଜି ପର୍ଯ୍ୟନ୍ତ ଏହି ତୋଳାଳୀଙ୍କ ପରିଶ୍ରମର ମୂଲ୍ୟ ବୁଝୁ ନ ଥିବାରୁ ବୌଦ୍ଧ ଜିଲ୍ଲା ତଥା ହରଭଙ୍ଗା ବ୍ଲକର ବିଭିନ୍ନ କେନ୍ଦୁ ପତ୍ର ତୋଳାଳୀ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଅନ୍ୟ ପଟେ କିଛି ଜନମତ ରହୁଛି ଜେ ଜଙ୍ଗଲ କେନ୍ଦୁପତ୍ର ଆଟ କେନ୍ଦୁ ପତ୍ର ଠାରୁ ଗୁଣାତ୍ମକ ଥିବାରୁ ଜଙ୍ଗଲରେ କେନ୍ଦୁ ପତ୍ର ସଂଗ୍ରହ ପାଇଁ ନିଆଁ ଲଗାଇ ଦିଆଯାଏ । ଫଳରେ ଜୀବ ଜନ୍ତୁ ଅସୁରକ୍ଷିତ ସହିତ ଗାଁ ମୁଁହା ହୁଅନ୍ତି ଓ ଶିକାର ହୁଅନ୍ତି । ଚଳିତ ବର୍ଷ ବୁଧବାର ଠାରୁ ହରଭଙ୍ଗା ବ୍ଲକରେ ପତ୍ର ତୋଳା ଆରମ୍ଭ ହୋଇଥିବାରୁ କିଛି ପତ୍ର ଫଡି ଘରେ ତୋଳାଳୀଙ୍କ ପାଇଁ ପିଇବା ପାଣିର ସୁବିଧା ନ ଥିବା ମଧ୍ୟ ଅଭିଯୋଗ ଆସୁଛି । ତେଣୁ ତୋଳାଳୀଙ୍କୁ ଉଚିତ ମୂଲ୍ୟ ସହିତ, ପାନୀୟ ଜଳ ଓ ବିଶେଷ କରି ଜଙ୍ଗଲ ପୋଡିରୁ ନିବୃତ ରହିବା ପାଇଁ ବୌଦ୍ଧ କେନ୍ଦୁପତ୍ର ବିଭାଗ ଅଧିକାରୀ ଧ୍ୟାନ ଦେବା ସହ କର୍ମଚାରୀ ଙ୍କୁ ଅବଗତ କରାଇବା ସାଧାରଣରେ ଦାବି ହେଉଛି ।

# ବରଗଡ଼ ଚାଷୀଙ୍କ ପାଇଁ ନୂତନ ୧୧ କେଭି ଫିଡର୍ ଲାଇନ ସଂସ୍ଥାପିତ

ବରଗଡ଼,(ସବ୍ୟୁ): ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଏହାର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାର ବରଗଡ଼ ବ୍ଲକର ଚାଷୀଙ୍କ ଉଠା ଜଳସେଚନ ପାଇଁ ପୃଥକ ଭାବେ ନୂତନ ୧୧ କେଭି ଫିଡର୍ ଲାଇନକୁ ସଂସ୍ଥାପିତ କରିଛି । ଚଳିତ ଗ୍ରୀଷ୍ମ ଋତୁରେ ଲୋ-ଭୋଲଟେଜ୍ ସମସ୍ୟାକୁ ରୋକିବା ପାଇଁ ବରଗଡ଼ ବ୍ଲକ ଅନ୍ତର୍ଗତ ଡୁମେରପାଲି, କଟାପାଲି, ନିଲେଶ୍ୱର, ବିରମାଲ, ନୂଆପାଲି, ବାଲିଯୋରୀ ଏବଂ ପିପଲିପାଲି ଗ୍ରାମର ଚାଷୀମାନଙ୍କ ସୁବିଧା ଲାଗି ସରଣ୍ଡାପାଲି ପିଏସ୍ଏସ୍ ରୁ ପ୍ରାୟ ୧୮ କି.ମି. ଦୂରତାର ନୂତନ ୧୧ କେଭି ଫିଡର୍ ଲାଇନ ଆରମ୍ଭ କରିଛି ଟିପିଡବ୍ଲୁଓଡିଏଲ୍ । ଏହି ନୂତନ ୧୧ କେଭି ଫିଡର୍ ଲାଇନ ଚାର୍ଜ ହେବା ପରେ ଉକ୍ତ ଗ୍ରାମର ପ୍ରାୟ ୫୦୦ ଚାଷୀ ଏଥିରୁ ଉପକୃତ ହୋଇ ପାରିବେ । ଏହି ନୂତନ ଫିଡର୍ ଲାଇନର ସଂଯୋଗ ପାଇଁ ପାଖାପାଖି ୩ କୋଟି ଟଙ୍କାର ଖର୍ଚ୍ଚ ଭାର ବହନ କରିଛି । କମ୍ପାନୀର ରକ୍ଷଣାବେକ୍ଷଣ ବିଭାଗର ମୁଖ୍ୟ ଆଶିଷ କୁମାର ପାଟଯୋଶୀ ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ନୂତନ ୧୧ କେଭି ଫିଡର୍ ଲାଇନ ସଂଯୋଗର ଶୁଭାରମ୍ଭ ଗତ ୨୪ ତାରିଖରେ କରାଯାଇଛି ।

ଏହି ନୂତନ ୧୧ କେଭି ଫିଡର୍ ଲାଇନ କେବଳ ଯେ, ବରଗଡ଼ ବ୍ଲକର ଚାଷୀଙ୍କୁ ଫାଇଦା ଯୋଗାଇ ଦେବ ତାହା ନୁହେଁ ବରଂ ଏହା ଡୁମେରପାଲି ସ୍ଥିତ ପୁରୁଣା ୧୧ କେଭିର ଫିଡର ଲାଇନରେ ହେଉଥିବା ଓଭରଲୋଡିଂ ସମସ୍ୟାକୁ ମଧ ଦୂର କରିବ । ଓଭଲଲୋଡିଂ କାରଣରୁ ଏଠାରେ ଦୀର୍ଘ ଦିନ ଧରି ଲୋ-ଭୋଲଟେଜ୍ ସମସ୍ୟାକୁ ଲାଗି ରହିଥିଲା । ମାତ୍ର ଚାଷୀଙ୍କ ଉଠା ଜଳସେଚନ ପାଇଁ ପୃଥକ ଭାବେ ଏହି ନୂତନ ଫିଡର ଲାଇନର ସଂସ୍ଥାପନ ପରେ ଉକ୍ତ ଗ୍ରାମରେ ଲୋ-ଭୋଲଟେଜର ସମସ୍ୟା ଦୂର ହେବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି । ଟିପିଡବ୍ଲୁଓଡିଏଲ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷପ ପାଇଁ ବରଗଡ଼ ବ୍ଲକର ଚାଷୀ ତଥା ଘରୋଇ ବିଦ୍ୟୁତ ଉପଭୋକ୍ତାମାନେ ସେମାନଙ୍କର ଖୁସି ବ୍ୟକ୍ତ କରିଛନ୍ତି ।ଏହି ପରିପେକ୍ଷୀର କମ୍ପାନୀରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ପ୍ରକାଶ କରିଛନ୍ତି ଯେ, ଏହିପରି ଯୋଜନାବଦ୍ଧ ଭାବେ କମ୍ପାନୀ ତରଫରୁ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ହାତକୁ ନେଇ ସମୁଦାୟ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚେଷ୍ଟା କରାଯିବ । ଏଥି ନିମନ୍ତେ ସେ ସମସ୍ତ ବିଦ୍ୟୁତ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

# ବଧୂ ନିର୍ଯାତନା ମାମଲାରେ ଶାଶୁଙ୍କୁ ଦୁଇବର୍ଷ ସଶ୍ରମ କାରାଦଣ୍ଡଦେଶ

କନ୍ଧମାଳ,(ସବ୍ୟୁ): କନ୍ଧମାଳ ତଳିପଡ଼ାର ବ୍ରଜେଶ୍ୱରୀ ବେହେରାଙ୍କୁ ବଧୂ ନିର୍ଯାତନା ମାମଲାରେ ଦୁଇବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି କନ୍ଧମାଳ ଜେଏମଏଫସିର ବିଚାରପତି ସତ୍ୟନାରାୟଣ ଦାଶ । ୨୦୦୮ ମସିହାରେ କନ୍ଧମାଳ ତଳିପଡ଼ାର ରଞ୍ଜନ କୁମାର ବେହେରାଙ୍କ ସହିତ ଭବାନୀପାଟଣା ର ପ୍ରୀତି ବେହେରା ବୈଦିକ ରୀତିନୀତିରେ ବିବାହ କରିଥିଲେ । ସ୍ୱାମୀ ଓ ଶାଶୁଙ୍କ ଦ୍ୱାରା ବାରମ୍ବାର ନିର୍ଯାତନାର ଶିକାର ହୋଇ ନିଜର ଏକମାତ୍ର ଶିଶୁପୁତ୍ର ସହିତ ଘର ଛାଡିଥିଲେ ଅଭିଯୋଗକାରିଣୀ ପ୍ରୀତି ବେହେରା । ବିବାଦର ଆପୋଷ ସମାଧାନ ପାଇଁ ସମସ୍ତ ପ୍ରଚେଷ୍ଟା ବିଫଳ ହେବାପରେ ପରିଶେଷରେ ୨୦୧୬ମସିହାରେ କନ୍ଧମାଳ ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ ପ୍ରୀତି । ଏହି ଆଧାରରେ କନ୍ଧମାଳ ଥାନା କେଶ ନମ୍ବର ୧୧୬/୧୬ ରେ ପଞ୍ଜିକୃତ ହୋଇ ଅଦାଲତରେ ସିଟି କେଶ ନମ୍ବର ୨୭୮/୧୬ରେ ବିଚାରାଧିନଥିଲା । ଦୀର୍ଘ ୮ବର୍ଷର ଶୁଣାଣି ପରେ ଜେଏମ ଏଫସି କୋର୍ଟ ୧୪ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ଓ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରାମାଣିକ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ଶାଶୁ ବ୍ରଜେଶ୍ୱରୀ ବେହେରାଙ୍କୁ ଆଇ ପିସି ଧାରା ୪୯୮(କ ) ଓ ୩୨୩ରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦଫା ୪୯୮(କ) ରେ ଦୋଷୀଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟରେ ଅଧିକ ୩୦ଦିନ ସଶ୍ରମ କାରାଦଣ୍ଡାଦେଶ ହୋଇଥିବାବେଳେ ଦଫା ୩୨୩ରେ ୬ମାସ ସଶ୍ରମ କାରଦଣ୍ଡ ଓ ୧ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟରେ ଅଧିକ କୋଡିଏ ଦିନର ସଶ୍ରମ କାରାଦଣ୍ଡାଦେଶ ହୋଇଛି । ପ୍ରକାଶଥାଉକି ପୀଡ଼ିତା ତଥା ଅଭିଯୋଗକାରିଣୀ ଙ୍କ ସ୍ୱାମୀ ଙ୍କ କିଛିଦିନ ପୂର୍ବରୁ ଦେହାନ୍ତ ହୋଇଯାଇଛି । ଏଣୁ କେବଳ ଶାଶୁଙ୍କ ବିରୋଧରେ ଫଇସଲା ଶୁଣାଣି ହୋଇଥିଲା । ସରକାରଙ୍କ ତରଫରୁ କ୍ୟାଡର ଏପିପି ସାଇ ରଞ୍ଜନ ମହାନନ୍ଦିଆ ଏହି ମାମଲା ପରିଚାଳନା କରିଥିଲେ ।

# ନାବାଳିକା ଅପହରଣ, ଅଧ୍ୟାପକ ଗିରଫ

ରାୟଗଡା,(ସବ୍ୟୁ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଓଡ଼ିଆ ଅଧ୍ୟାପକଙ୍କୁ ନାବାଳିକା ଅପହରଣ ଓ ପ୍ରଲୋଭନ ଯୋଗୁଁ ପୋଲିସ ଗିରଫ କରିଛି । ମିଳିଥିବା ସୂଚନା ଅନୁସାରେ ରାୟଗଡ଼ା କଲେଜର ଓଡ଼ିଆ ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ତେଲି ତୋଇକା ଉକ୍ତ କଲେଜର ଯୁକ୍ତ ୨ର ଜନୈକ ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ହୋଇଥିବା ପୋଲିସରେ ଅଭିଯୋଗ ହୋଇଥିଲା । ନାବାଳିକା ଛାତ୍ରୀଙ୍କୁ ଅଧ୍ୟାପକ ତେଲି ପ୍ରଲୋଭନ ଦେଖାଇ ଘରକୁ ଡାକି ନେଇ ସେଠାରେ ରଖିଥିଲେ ବୋଲି ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତିକରି ରାୟଗଡ଼ା ଟାଉନ ଥାନା ପୋଲିସ ତେଲିଙ୍କୁ ଗିରଫ କରି ଥାନାକୁ ଆଣିଥିଲା । ଏନେଇ ଆଇଆଇସି କେକେବିକେ କହଁରଙ୍କୁ ପଚାରିବାରୁ ନାବାଳିକା ଅପହରଣ ନେଇ ପରିବାରବର୍ଗ ପକ୍ଷରୁ ମାମଲା ରୁଜୁ ହୋଇଛି । ଏହି ମାମଲାର ବର୍ତ୍ତମାନ ତଦନ୍ତ ଚାଲିଛି ଏବଂ ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି ଆଇଆଇସି କେ କେ କହଁର ।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟିଲେ ପ୍ରଣବ ଓ ରୋହିତ



ସମ୍ବଲପୁର,(ସବ୍ୟୁ): ବିଶିଷ୍ଟ ନାଟ୍ୟକାର ଓ କବି ବିନୋଦ ପଶାୟତ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରି ନୂଆଁଦିଲ୍ଲୀରୁ ସମ୍ବଲପୁର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏଭଳିସ୍ଥଳେ ତାଙ୍କୁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି । ବିଜେଡ଼ି ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ସମ୍ବଲପୁର ବିଧାନସଭା ବିଜେଡ଼ି ପ୍ରାର୍ଥୀ ଇଂ. ରୋହିତ ପୂଜାରୀ ଗୁରୁବାର ପୂର୍ବାହ୍ଣରେ ପଦ୍ମଶ୍ରୀ ପଶାୟତଙ୍କୁ ସେନ୍‌ପାର୍କ ରୋଡ଼ ସ୍ଥିତ ବାସଭବନରେ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସୂଚନାଯୋଗ୍ୟ, ପଦ୍ମଶ୍ରୀ ବିନୋଦ ପଶାୟତ ବୃତ୍ତିରେ ଜଣେ ବାରିକ ଅଟନ୍ତି । ନିଜ ସେଲୁନରେ ବସି ସାହିତ୍ୟ ସାଧନା କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ବିଶିଷ୍ଟ ସମ୍ବଲପୁରୀ ନାଟକ ମୁଇଁ ନାଇଁ ମରେଁ ତାଙ୍କୁ ବିଶେଷ ଖ୍ୟାତି ଦେଇଛି । ସେ ୧୨ଗୋଟି ସମ୍ବଲପୁରୀ ନାଟକ ରଚନା କରିଛନ୍ତି । ସମର୍ପଣ, ଆଦିବାସୀ ଓ ପରସ୍ତ୍ରୀ ଭଳି ଓଡିଆ ସିନେମାରେ ମଧ୍ୟ ଗୀତ ଲେଖିଛନ୍ତି । ତାଙ୍କର ଜୀବନ ବ୍ୟାପୀ ସାଧନା ଯୋଗୁଁ ଗତ ୨୨ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ରାଷ୍ଟ୍ରପତି ଭବନ ଠାରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

# ଟ୍ରକ୍‌କୁ ଧକ୍କା ଦେଲା ବାଇକ, ୧ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ୧୦ନମ୍ବର ରାଜ୍ୟ ରାଜପଥର ମାଝିପାଲି ନିକଟରେ ଏକ ଟ୍ରକକୁ ପଛପଟୁ ଧକ୍କା ଦେଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଓ ବାଇକକୁ ଜବତ କରିଛି । ଏନେଇ ଶାସନ ଥାନାରେ ୮୭/୨୪ରେ ଏକ ମାମଲା ରୁଜୁ କରି ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢାରଜା ଅଞ୍ଚଳର ମନୋରଞ୍ଜନ ପ୍ରଧାନ(୨୫) ବାଇକ ଗାଡି ନମ୍ବର( ଓଡି୧୫ଏଚ୍-୦୨୦୫) ଯୋଗେ ଶାସନ ଅଭିମୁଖେ ଯାଉଥିଲେ । ମାଝିପାଲି ନିକଟରେ ଏକ ମାଲ ବୋଝେଇ ଟ୍ରକ ଗାଡି ନମ୍ବର( ଆରଜେ୪୮ଜିଏ-୧୩୯୫) ଖରାପ ହୋଇ ରାସ୍ତା ଉପରେ ରହିଥିଲା । ବାଇକଟି ଦ୍ରୁତ ଗତିରେ ଥିବାବେଳେ ଅଟକି ରହିଥିବା ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା ।

ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟିଲେ ପ୍ରଣବ ଓ ରୋହିତ(ଫଟୋ) ସମ୍ବଲପୁର,୨୫।୪(ସବ୍ୟୁ): ବିଶିଷ୍ଟ ନାଟ୍ୟକାର ଓ କବି ବିନୋଦ ପଶାୟତ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରି ନୂଆଁଦିଲ୍ଲୀରୁ ସମ୍ବଲପୁର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏଭଳିସ୍ଥଳେ ତାଙ୍କୁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ବିଜେଡ଼ି ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ସମ୍ବଲପୁର ବିଧାନସଭା ବିଜେଡ଼ି ପ୍ରାର୍ଥୀ ଇଂ. ରୋହିତ ପୂଜାରୀ ଗୁରୁବାର ପୂର୍ବାହ୍ଣରେ ପଦ୍ମଶ୍ରୀ ପଶାୟତଙ୍କୁ ସେନ୍‌ପାର୍କ ରୋଡ଼ ସ୍ଥିତ ବାସଭବନରେ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସୂଚନାଯୋଗ୍ୟ, ପଦ୍ମଶ୍ରୀ ବିନୋଦ ପଶାୟତ ବୃତ୍ତିରେ ଜଣେ ବାରିକ ଅଟନ୍ତି । ନିଜ ସେଲୁନରେ ବସି ସାହିତ୍ୟ ସାଧନା କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ବିଶିଷ୍ଟ ସମ୍ବଲପୁରୀ ନାଟକ ମୁଇଁ ନାଇଁ ମରେଁ ତାଙ୍କୁ ବିଶେଷ ଖ୍ୟାତି ଦେଇଛି । ସେ ୧୨ଗୋଟି ସମ୍ବଲପୁରୀ ନାଟକ ରଚନା କରିଛନ୍ତି । ସମର୍ପଣ, ଆଦିବାସୀ ଓ ପରସ୍ତ୍ରୀ ଭଳି ଓଡିଆ ସିନେମାରେ ମଧ୍ୟ ଗୀତ ଲେଖିଛନ୍ତି । ତାଙ୍କର ଜୀବନ ବ୍ୟାପୀ ସାଧନା ଯୋଗୁଁ ଗତ ୨୨ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ରାଷ୍ଟ୍ରପତି ଭବନ ଠାରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

# ପୋଲିସ ଇନଫର୍ମର ସନ୍ଦେହରେ ଜଣକୁ ହତ୍ୟା

ମାଲକାନଗିରି,(ସବ୍ୟୁ): ସୀମାନ୍ତ ଛତିଶଗଡରେ ପୁଣି ମାଓ ହିଂସା । କାଂକେର ଜିଲ୍ଲାର ଛୋଟେବେଠିଆ ଥାନା ଅଞ୍ଚଳରେ ଗତ ୧୬ ତାରିଖରେ ପୁଲିସ ଏନକାଉଣ୍ଟରରେ ୨୯ ଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରିଥିଲା ପୁଲିସ । ତେବେ ଛୋଟେବେଠିଆ ଥାନା ଅଂଚଳର ହିତ୍ତୁର ଗ୍ରାମର ଜଣେ ଗ୍ରାମବାସୀଙ୍କୁ ବୁଧବାର ମାଓବାଦୀ ହତ୍ୟା କରିଥିବା ଜଣାପଡିଛି । ହତ୍ୟା ପରେ ଶବକୁ ରାସ୍ତାରେ ଫିଙ୍ଗି ଦେବା ସହ ସେଠାରେ ଏକ ପୋଷ୍ଟର ଛାଡ଼ି ଯାଇଛନ୍ତି ମାଓବାଦୀ । ଏଥିରେ ମୃତ୍ୟୁବରଣ କରଥିବା ମୋଙ୍ଗ୍ଲା ପଦ୍ଦାକୁ ଆମ ସଂଗଠନ ମୃତ୍ୟୁ ଦଣ୍ଡ ଦେଇଛି ।

ଜନବିରୋଧୀ ସୁଖରଜନ ଉସେଣ୍ଡି ନାମକ ଜଣେ ଲୋକଙ୍କ ସହ ମିଶି ଲୋକଙ୍କୁ ଆର୍ଥିକ ଘୋଟାଲା କରୁଥିଲା। ଠିକାଦାର ଏବଂ ବନ ବିଭାଗର କର୍ମଚାରୀଙ୍କ ସହ ମିଶି ସେମାନଙ୍କ ଠାରୁ ଟଂକା ନେଇ ଲୋକଙ୍କୁ ଅସୁବିଧାରେ ପକାଉଥିଲା। ଯିଏ ଜନବିରୋଧୀ ଏବଂ ଇନଫର୍ମର ସାଜିଛନ୍ତି ସେମାନଙ୍କୁ ଆଗମୀ ଦିନରେ ଦଣ୍ଡି ମିଳିବ ବୋଲି ଲୋକଙ୍କୁ ମିଥ୍ୟା ପ୍ରଚାର କରୁଥିଲା। ଲୋକଙ୍କୁ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଧମକାଉଥିଲା। ପୁଲିସ ସହ ମିଶି ଏହି ଅଂଚଳରେ ଲୋକଙ୍କୁ ଭୟଭୀତ କରାଉଥିଲା। ମୋଙ୍ଗ୍ଲାକୁ ପୂର୍ବରୁ ନକ୍ସଲ ଧରି ପ୍ରଜାକୋର୍ଟରେ ହାଜର କରିଥିଲେ।ତେବେ ସେତେବେଳେ ମୋଙ୍ଗ୍ଲା ମାଓବାଦୀଙ୍କ ଆଗରେ କାକୁତି ମୀନତି ହୋଇ ଆଗକୁ କୌଣସି ଜନବିରୋଧୀ କାମ କରିବ ନାହିଁ ବୋଲି କ୍ଷମା ପ୍ରାର୍ଥନା କରିଥିଲା ବୋଲି ମାଓବାଦୀ କହିଛନ୍ତି। କିନ୍ତୁ କ୍ଷମା କରିବା ପରେ ମଧ ସେ ଜନବିରୋଧୀ କାମକୁ ଆହୁରି ଅଧିକ କରିଥିଲା। ପୁଲିସ ସହ ମିସି ଲୋକଙ୍କୁ ଧମକାଇଲା। ଲୋକଙ୍କର କ୍ରାନ୍ତିକାରୀ ଆନ୍ଦୋଳନକୁ ଦମନ କରିବାକୁ ପୁଲିସ ସହ ମିଶିଲା। ତେଣୁ ମୋଙ୍ଗ୍ଲାକୁ ମୃତ୍ୟୁ ଦଣ୍ଡ ଦେଲୁ ବୋଲି ଉତ୍ତର ବସ୍ତର ଡିଭିଜନର ମାଓ ସଂଗଠନ କହିଛି। ଏହି ଘଟଣା ପରେ ପୁଲିସ ଶବକୁ ଜବତ କରିବା ସହ ବ୍ୟବଛେଦ କରାଇଛି। ପୁଲିସ ଘଟଣାର ତଦନ୍ତ କରୁଥିବା କହିଛି।

# ଓଡ଼ିଶାରେ ବିଜେପି ସରକାର ଆସିଲେ ଗରିବି ଦୂର ହେବ : ଶାହ

ସୋନପୁର (ସବ୍ୟୁ): ସୋନପୁରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୪ ଲୋକ ସଭା ଓ ବିଧାନସଭା ନିର୍ବାଚନ ପ୍ରଚାରର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ବିଶାଳ ନିର୍ବାଚନ ସଭାକୁ ସମ୍ବୋଧିତ କରି ଯିଏ ମା ମାଟି ଓଡ଼ିଆର ଭାଷା ସଂସ୍କୃତିକୁ ବୁଝି ପାରେନି ସେ ସରକାର କେବେ ବି ଓଡ଼ିଶାର ବିକାଶ କରି ପାରିବନି ବୋଲି କହିଥିଲେ । ଏଥର ଲୋକେ ଓଡ଼ିଶା ସରକାରକୁ ଗାଦିଚ୍ୟୁତ କରିବାକୁ ମନସ୍ଥ କରିଛନ୍ତି ବୋଲି ମତ ରଖିଥିଲେ । ଜମିକୁ ପାଣି ନାହିଁ, ମେଡ଼ିକାଲରେ ଡାକ୍ତର ନାହିଁ, ଯୁବକଙ୍କୁ ଚାକିରି ନାହିଁ, ଲୋକଙ୍କୁ ସୁରକ୍ଷା ନାହିଁ ତ କଣ କରିଛି ଏ ସରକାର ବୋଲି ଧିକ୍କାର କରିଥିଲେ । ସେ କହିଛନ୍ତିଯେ, ନବୀନ ସରକାରଙ୍କ ୨୪ ବର୍ଷ ଶାସନକାଳରେ ଓଡ଼ିଶା ଅନେକ ପଛକୁ ଚାଲିଯାଇଛି । ଯେଉଁଠି ଡବଲ ଇଂଜିନ ସରକାର ହୋଇଛି, ସେଠି ବିକାଶ ହୋଇଛି । ତେଣୁ ଓଡ଼ିଶାକୁ ଏବେ ବିକାଶ, ସମୃଦ୍ଧଶାଳୀ କରିବାର ସମୟ ଆସିଛି । ସମୟ ଆସିଛି ଦେଶ ଓ ଦୁନିଆଁର ଶିଳ୍ପକୁ ଜଳ ସେଚନକୁ ଓଡ଼ିଶାରେ ପହଞ୍ଚାଇବା ବୋଲି ଶପଥ କରିବାକୁ କହିଥିଲେ । ଡବଲ ଇଞ୍ଜିନ ସରକାର ଆସିଲେ ଏ ଅଞ୍ଚଳରେ ଟେକ୍ସଟାଇଲ, ଏଗ୍ରୋ ବେସ୍ ଇଣ୍ଡଷ୍ଟ୍ରି ଘୋଷଣା ସହ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଞ୍ଚଳରୁ ପ୍ରଥମେ ଦାଦନ ରୋକିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ।

# ବିଡ଼ଘାଟ ପଞ୍ଚାୟତରେ କଲିକେଶଙ୍କ ପ୍ରଚାର

ବଲାଙ୍ଗିର, (ସବ୍ୟୁ) : ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବିଡିଘାଟ ପଞ୍ଚାୟତରେ ବିଜୁ ଯୁବ-ଛାତ୍ର ଜନତାଦଳର ଏକ ବିରାଟ ସଭା ହୋଇଥିଲା। ବିଜୁ ଯୁବ ରାଜ୍ୟ ସମ୍ପାଦକ ଗୁଞ୍ଜା ଖାନ୍ , ଜିଲ୍ଲା ଛାତ୍ର ସଭାପତି ସୁମନ ନନ୍ଦ, ଯୁବ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା,ବିଜୁ ଛାତ୍ର ଦଳର ସରକାରୀ ଯୋଜନାରୁ ପାଉଥିବା ଲାଭ ଓ ଛାତ୍ର ଛାତ୍ରୀଙ୍କର ଶିକ୍ଷା ଉପରେ ଅଭିଭାଷଣ ରଖିଥିଲେ । ଉକ୍ତ ସଭାରେ ବରିଷ୍ଠ ବିଜେଡି ନେତା କୈଳାଶ ମହାନ୍ତି, ପୂର୍ବତନ ଅଧକ୍ଷ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା,ପାଣ୍ଡବ କୁମ୍ଭାର, ନରେନ୍ଦ୍ର ସୁନା ଉପସ୍ଥିତ ରହି ସରକାରୀ ଯୋଜନାରୁ ଲୋକେ ପାଉଥିବା ଲାଭ ବିଷୟରେ କହିଥିଲେ।

ବିଧାୟକ ପ୍ରାର୍ଥି କଲିକେଶ ନାରାୟଣ ସିଂହଦେଓ ନିଜ ଅବିଭାଷଣରେ ଉପସ୍ଥିତ ଯୁବ-ଛାତ୍ର ଓ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଯେଉଁମାନେ ଦୀର୍ଘ ଦିନ ପୂର୍ବରୁ ସରକାର ପାଖରୁ କମ ମୂଲ୍ୟରେ କିଣିଥିବା ଡିହ ବା ଜମି ପଟ୍ଟା ପାର୍ଚ୍ଚା ପାଇନଥିଲେ ସେଥି ମଧ୍ୟରେ ପ୍ରାୟ ବଲାଙ୍ଗିରର ତିନିଶହରୁ ଉର୍ଦ୍ଧ୍ୱ ହେବେ ମୁଁ ହାଉସିଂ ବୋର୍ଡରେ ରହିଲା ପରଠୁ ସରକାର ପାଖରେ ସେ ଅସୁବିଧା ବିଷୟରେ ଅବଗତ କରାଇ ସମସ୍ତଙ୍କୁ ପଟ୍ଟା ପାର୍ଚ୍ଚା ପାଇବାରେ ସହାୟକ ହେଲି ବୋଲି କହିଥିଲେ ।

ସଭା ଶେଷ ବେଳକୁ ସୁକତେଲ ନଦୀ ଉପରେ ହୋଇଥିବା ଡେମ ଓ ପାଣି ପାଇବା ଶିଘ୍ର ବୋଲି କହିଥିବା ବେଳେ ଆହୁରି ନଅଗୋଟି ପଞ୍ଚାୟତରେ ପାଣି ପାଇବା ପାଇଁ ଚେଷ୍ଟା ଚାଲିଛି ବୋଲି କହିଥିଲେ । ସୁକତେଲ ଅଞ୍ଚଳରେ ରୋଜଗାର ହରାଇଥିବା ଶିକ୍ଷିତ ଯୁବକ ଯୁବତି ପାଇଁ ସମାଜସେବୀ ବିବେକ ପ୍ରଧାନ ଓ ସାଥି ଅନୂରୋଧ କ୍ରମେ ସେହି ସୁକତେଲ ପାର୍ଶ୍ୱରେ ଥିବା ପଡିଆ ଜମି ସରକାରଠୁ ଅଧିଗ୍ରହଣ କରି ଇଣ୍ଡଷ୍ଟ୍ରି ବସାଇବା ପାଇଁ ମୁଁ ବଦ୍ଧ ପରିକର ବୋଲି କହି ବିଜେଡିକୁ ଦୁଇଟି ଭୋଟ ଦେବା ପାଇଁ କହିଥିଲେ । ନବୀନ ସରକାରଙ୍କ ହାତମୁଠାକୁ ଟାଣ କରିବା ପାଇଁ କର୍ମି ମାନଙ୍କୁ ଅନୁରୋଧ କରିଥିଲେ ।

# ଶେଷ ଦିନରେ ୪ ଲୋକସଭା,୧୫ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

କୋରାପୁଟ,(ସବ୍ୟୁ): ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ଓଡିଶା ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । କୋରାପୁଟ ଲୋକସଭା ନିମନ୍ତେ ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କୋରାପୁଟ ଉପଖଣ୍ଡର ୩ ଟି ନିର୍ବାଚନ ମଣ୍ଡଳୀରେ ୧୫ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। କୋରାପୁଟ ଲୋକସଭା ଆସନ ପାଇଁ ଶେଷ ଦିନରେ ସିପିଆଇ (ଏମଏଲ) ଲିବରେସନ ପାର୍ଟିର ପ୍ରକାଶ ହିକକା , ସିପିଆଇ ପାର୍ଟିର ରାଜେନ୍ଦ୍ର ମାଝୀ, ନବ ଭାରତ ନିର୍ମାଣ ସେବା ଦଳର ସୁମନ କଣ୍ଡା ଏବଂ ସ୍ୱାଧୀନ ପ୍ରାର୍ଥୀ ରଘୁମଣି ଗମାଙ୍ଗ ଆଜି ରିଟର୍ଣ୍ଣିଙ୍ଗ ଅଫିସର ତଥା କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ।କୋରାପୁଟ ନିର୍ବାଚନ ମଣ୍ଡଳୀ ପାଇଁ ନବ ଭାରତ ନିର୍ମାଣ ସେବା ଦଳର ସଞ୍ଜୟ ଗରଡା, ଆମ ଆଦମୀ ପାର୍ଟିର କର୍ପୁର ହନ୍ତାଲ,କଂଗ୍ରେସର କାହ୍ନୁ କୁଲଦୀପ, ସ୍ୱାଧୀନ ପ୍ରାର୍ଥୀ ରଞ୍ଜନ କୁମାର ଖରା ଏବଂ ଭାଗିରଥି ପାଟନିଆ ପ୍ରମୁଖ ରିଟର୍ଣ୍ଣିଙ୍ଗ ଅଫିସର ତଥା କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ।ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ପାଇଁ ସାମ୍ବା ପାଙ୍ଗୀ,ଅମ୍ବିକା କୁମାରୀ ପାଙ୍ଗୀ ଓ ଫୁଲମଣି ପାଙ୍ଗୀ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ଆଜି ରିଟର୍ଣ୍ଣିଙ୍ଗ ଅଫିସର ତଥା ଅତିରିକ୍ତ ଉପ ଜିଲ୍ଲାପାଳ ସଂଯୁକ୍ତା ବାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ପାଇଁ ଆରପିଆଇ (ଏ)ର ରମେଶ ଜାନୀ, ସିପିଆଇ ର କୁମାର ଜାନୀ, ସିପିଆଇ (ଏମଏଲ) ଲିବେରେସନ ର ରାଜେଶ ମାଝୀ, ବିଏସପିର ଜେ. ୱାଡେକା ଏବଂ ମାଳତୀ ତାଡଙ୍ଗୀ ଓ ପୂର୍ଣ୍ଣ ମାଡଙ୍ଗି ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ଆଜି ରିଟର୍ଣ୍ଣିଙ୍ଗ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି କଂଗ୍ରେସର ଅସନ୍ତୋଷ ନେତା ସାମ୍ବା ପାଙ୍ଗୀ ଓ ବିଜେପିର ଅସନ୍ତୋଷ ନେତା ଭାଗିରଥି ପାଟନିଆ ନାମାଙ୍କନ ପତ୍ର ଦାଖଲ କରି ଉଭୟ ଦଳ ପାଇଁ ଚିନ୍ତାର କାରଣ ହୋଇପଡ଼ିଥିବା ଜଣାପଡିଛି।

# ମୌଳିକ ସୁବିଧାରୁ ବଞ୍ଚିତ ଲଖୁଆଘାଟି ଗାଁ



ରାଜଗାଙ୍ଗପୁର,(ସବ୍ୟୁ): ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ସ୍ୱାଧିନତାର ବହୁ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଜନସାଧାରଣ ଅବହେଳିତ ରୂପେ ଜୀବନ ବିତାଉଛନ୍ତି। ଉନ୍ନତ ମାନର ଗମନା ଗମନ ବ୍ୟବସ୍ଥା ପାଇଁ ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ରାଜଗାଙ୍ଗପୁର ବ୍ଲକ୍ ଅନ୍ତର୍ଗତ ଲଖୁଆ ଘାଟିର ଗ୍ରାମବାସୀ । ସ୍ୱଚ୍ଛ ପାନୀୟ ଜଳ ଓ ଗମନା ଗମନ ବ୍ୟବସ୍ଥାରୁ ବଞ୍ଚିତ ଥିବା ଦେଖିବାକୁ ମିଳିଛି। ଆଜି ପର୍ଯ୍ୟନ୍ତ ଗାଁକୁ ଭଲ ରାସ୍ତା ଟିଏ ନଥିବା ଯୋଗୁଁ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏପରିକି ଚିକିତ୍ସା ପାଇଁ ଯିବାକୁ ହେଲେ ମଧ ରୋଗୀ କିମ୍ବା ଗର୍ଭବତୀ ମହିଳା ମାନେ ମୁଖ୍ୟ ରାସ୍ତାକୁ ପାଦରେ ଚାଲି ଚାଲି ଯାଇଥାନ୍ତି। ରାସ୍ତା ନ ଥିବା ଯୋଗୁଁ ଆମ୍ବୁଲାନ୍ସ ମଧ ଗାଁ କୁ ଯାଇ ନ ଥାଏ। ସଡ଼କ, ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନାରେ ଗାଁ କୁ ପାଇପ ଟିଏ ବି ଲାଗିନାହିଁ । ଗ୍ରାମରେ ଗୋଟିଏ ନଳ କୂପ ଅଛି ହେଲେ ସେଥିରୁ ଗୋଟେ ବାଲ୍ଟି ପାଣି ବାହାରିଲା ବେଳକୁ ଗୋଟେ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ଗ୍ରୀଷ୍ମ ୪ ମାସ ପାନୀୟ ଜଳର ଉତ୍କଟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସ୍ନାନ ଓ ଶୌଚ ପାଇଁ ଏକ ନାଳ ଉପରେ ନିର୍ଭର କରୁଛନ୍ତି । ଏ ବିଷୟରେ ଗ୍ରାମବାସୀ ରାଜଗାଙ୍ଗପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣିରେ ରାସ୍ତା, ପାନୀୟ ଜଳ ଓ ଏକ ଚେକ ଡେମ ପାଇଁ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ ଦେଇଥିବା କହିଛନ୍ତି । ଏ ବିଷୟରେ ମାଳିଡ଼ିହି ସରପଞ୍ଚ ସିମ୍ପୀ ଟପୋକୁ ପଚାରିବାରୁ ପାଣ୍ଠି ନଥିବାରୁ ବିକାଶ କାମ ହୋଇପାରୁ ନାହିଁ । ସରକାରଙ୍କ ଡ୍ରିଙ୍କ ଫ୍ରମ ଟେପ ଯୋଜନାରେ ଘରକୁ ଘର ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଉ ଥିବାରୁ ନୂଆ ନଳକୂପ ଖୋଳିବା ବନ୍ଦ ହୋଇଯାଇଥିବା କହିଥିବା ବେଳେ ଏ ପର୍ଯ୍ୟନ୍ତ ଗାଁକୁ ନା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ନା ବିଛା ହୋଇଛି ପାଇପ ନା ଅଛି ଓଭର ହେଡ ପାଣି ଟାଙ୍କି । ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସରପଞ୍ଚ।

# ଶ୍ରୀରାମଙ୍କ ରାଜ୍ୟାଭିଷେକ



ସମ୍ବଲପୁର, (ସବ୍ୟୁ): ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ସହ ପବିତ୍ର ଶ୍ରୀରାମ ନବମୀ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମଠ ଓ ମନ୍ଦିର ଗୁଡିକରେ ସ୍ୱତନ୍ତ୍ର ସ୍ୱତନ୍ତ୍ର ହୋମ, ସୁନ୍ଦରାକାଣ୍ଡ ପାଠ ଓ ପୂଜା ଆୟୋଜନ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଭଜନ ଓ ପ୍ରବଚନ ମଧ୍ୟ ଅନୁଷ୍ଠାନ କରାଯାଇଛି । ରାମନବମୀ ସକାଶେ ମନ୍ଦିର ଗୁଡିକୁ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ଶ୍ରୀରାମଚନ୍ଦ୍ର, ଦେବୀ ସୀତା ଓ ଭାଇ ଲକ୍ଷ୍ମଣ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସହରର ବାଲିବନ୍ଧା ସ୍ଥିତ ରାମଜୀ ମନ୍ଦିର, ରଘୁନାଥ ଜୀଉ, ବାଲାଜୀ ମଠ, ମ୍ୟୁନିସିପାଲିଟୀ ଛକ, ଜିଲ୍ଲା ସ୍କୁଲ ଛକ, କୁଞ୍ଜେଲପଡ଼ା, ହାଟପଡ଼ା, କ୍ଷେତରାଜପୁର ଆଦି ସ୍ଥାନରେ ଥିବା ରାମ ମନ୍ଦିରରେ ଆଜି ସକାଳୁ ଭକ୍ତ ମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ବାଲିବନ୍ଧା ରାମଜୀ ମନ୍ଦିର ସମ୍ମୁଖରେ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ସାକ୍ଷୀପଡ଼ାର ରାଧାମଦନ ଗୋପାଳ ଓ ବୁର୍ଲା ପାୱାରହୋଉସ ନିକଟସ୍ଥ ଇସ୍କନ୍ ମନ୍ଦିରରେ ପ୍ରଭୁଙ୍କୁ ସ୍ୱତନ୍ତ୍ର ଶ୍ରୀଙ୍ଗାର କରାଯାଇଥିଲା। ଏଥିସହ ବିଶାଳଖିଣ୍ଡା ସମେତ ବିଭିନ୍ନ ଗ୍ରାମରେ ରାମଲୀଳା ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ସୁରେଶ ପୂଜାରୀଙ୍କ ଘର ଉପରେ ଉଡିଲା ଡ୍ରୋନ୍



ବ୍ରଜରାଜନଗର,(ସବ୍ୟୁ): ବରଗଡ଼ ସାଂସଦ ସୁରେଶ ପୂଜାରୀଙ୍କ ଘର ଉପରେ ଉଡ଼ିଲା ସନ୍ଦିଗ୍ଧ ଡ୍ରୋନ୍। ପରେ ଡ୍ରୋନଟି ବିଦ୍ୟୁତ ଟାୱାରରେ ପିଟି ହୋଇ ତଳେ ଖସି ପଡ଼ିଥିଲା। ତେବେ କିଏ, କ'ଣ ପାଇଁ ଓ କେଉଁ ଉଦ୍ଦେଶ୍ୟରେ ଏହି ଡ୍ରୋନ୍ ଉଡାଉଥିଲା, ତାହା ଜଣାପଡ଼ି ନାହିଁ। ଝାରସୁଗୁଡ଼ା ପୁଲିସ୍ ଡ୍ରୋନକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ବ୍ରଜରାଜନଗର ବିଧାନସଭା ପ୍ରାର୍ଥୀ ହେଉଛନ୍ତି ସୁରେଶ ପୂଜାରୀ। ସେ ବେଲପାହାଡ଼ ଗାନ୍ଧି ଛକ ଆମ୍ବଝର ନିକଟରେ ଏକ ଘର ଭଡ଼ାରେ ନେଇଛନ୍ତି। ଆଉ ସେହି ଘରେ ସେ ରୁହନ୍ତି। ଆଜି ଦିନ ଦି'ପହରରେ ସୁରେଶ ପୂଜାରୀ ଘରେ ନଥିଲେ। ନିର୍ବାଚନ ପ୍ରଚାର ପାଇଁ ଯାଇଥିଲେ। ଠିକ୍ ସମୟରେ ଗୋଟିଏ ବଡ଼ ଡ୍ରୋନ୍ ଶ୍ରୀ ପୂଜାରୀଙ୍କ ଘର ଉପରେ ଉଡିଥିଲା। ପରେ ଡ୍ରୋନ୍ ଘର ପାର୍ଶ୍ୱରେ ଥିବା ବିଦ୍ୟୁ ଟାୱାରରେ ପିଟି ହୋଇ ତଳେ ପଡ଼ି ଯାଇଥିଲେ। ଘରର କେୟାର ଟେକର ଏନେଇ ଶ୍ରୀ ପୂଜାରୀଙ୍କୁ ସୂଚନା ଦେଇଥିଲେ। ଶ୍ରୀ ପୂଜାରୀ ଏନେଇ ଝାରସୁଗୁଡ଼ା ଏସପିଙ୍କୁ ଜଣାଇଥିଲେ। ଏହା ପରେ ପୁଲିସ୍ ଶ୍ରୀ ପୂଜାରୀଙ୍କ ଭଡ଼ା ଘରେ ପହଞ୍ଚି ଭଙ୍ଗା ଡ୍ରୋନକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ଶ୍ରୀ ପୂଜାରୀଙ୍କ ଘର ଉପରେ ଡ୍ରୋନ୍ ଉଡାଉଥିଲେ, ତାହା ଜଣାପଡ଼ି ନାହିଁ। ଘର ପରିସରରେ ଫଟୋ ଉଠାଇବା କାମରେ ଡ୍ରୋନ୍ ବ୍ୟବହାର ହୋଇଥିବା ଜଣାପଡ଼ିଛି। ସେପଟେ ଶ୍ରୀ ପୂଜାରୀ କହିଛନ୍ତି, ଡ୍ରୋନଟି ବିଦ୍ୟୁତ ଟାୱାରରେ ପିଟି ହୋଇ ତଳେ ପଡ଼ି ଯାଇଥିଲେ ସୁଦ୍ଧା ଇଞ୍ଜିନ୍ ଚାଲୁଥିଲା ଓ କ୍ୟାମେରା ଅନ୍ ଥିଲା। ଏନେଇ ମୁଁ ଏସପିଙ୍କୁ କହିଥିଲି। ପୁଲିସ ଡ୍ରୋନ୍ ଜବତ କରି ତଦନ୍ତ ଚଳାଉଛି। କିଏ, କ'ଣ ପାଇଁ ଓ କେଉଁ ଉଦ୍ଦେଶ୍ୟରେ ଏତେ ବଡ଼ ଡ୍ରୋନକୁ ଘର ଉପରେ ଉଡାଉଥିଲେ ତାହା ଜଣାପଡ଼ି ନାହିଁ। ତେବେ ଡ୍ରୋନ୍ ଉଡିବାକୁ ନେଇ ମନରେ ସନ୍ଦେହ ସୃଷ୍ଟି ହେଉଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

# ନାମାଙ୍କନ ଉପରେ ରାଜନୈତିକ ଦଳଗୁଡ଼ିକ ସହ ବୈଠକ



ବଲାଙ୍ଗିର, (ସବ୍ୟୁ): ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଭ୍ ଶିୱାଜୀ ଇସଲୱାରଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଗୁରୁବାର ବିଜ୍ଞପ୍ତି ପ୍ରକାଶ ଏବଂ ନାମାଙ୍କନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ଡେପୁଟି କଲେକ୍ଟର(ନିର୍ବାଚନ) ରାଜେନ୍ଦ୍ର ନାୟକ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଶୁକ୍ରବାର ଠାରୁ ହେବାକୁ ଥିବା ନାମାଙ୍କନ ଏବଂ ବିଜ୍ଞପ୍ତି ପ୍ରକାଶ ଉପରେ ଆଲୋଚନା କରିଥିଲେ । ବିଜ୍ଞପ୍ତି ପ୍ରକାଶ ପରେ ନାମାଙ୍କନ ଗ୍ରହଣ କରାଯିବ । ଏହି ସମୟରେ ଛୁଟି ଦିନଗୁଡିକୁ ଛାଡି ସମସ୍ତ ଅଫିସ ଦିନ ଗୁଡିକରେ ଆସନ୍ତା ମଇ ୩ ତାରିଖ ଯାଏଁ ନାମାଙ୍କନ ଦାଖଲ କରାଯାଇପାରିବ । ପାର୍ଥୀ ଦିନ ୧୧ ଘଟିକାରୁ ଅପରାହ୍ଣ ୩ ଟା ଯାଏଁ ନିଜ ନାମାଙ୍କନ ପତ୍ର ସମ୍ପୃକ୍ତ ରିଟର୍ଣିଂ ଅଧିକାରୀଙ୍କ ପାଖରେ ଦାଖଲ କରିପାରିବେ । ମଇ ୪ ତାରିଖ ନାମାଙ୍କନ ଯାଞ୍ଚ ଏବଂ ୬ ତାରିଖ ପାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ । ଏହା ପରେ ୨୦ ତାରିଖ ଜିଲ୍ଲାରେ ମତଦାନ ହେବ । ତେବେ ନିର୍ବାଚନ ଆୟୁକ୍ତଙ୍କ ଗାଇଡ୍ ଲାଇନ୍ କୁ ଶତପ୍ରତିଶତ ମାନିବାକୁ ସମସ୍ତଙ୍କୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ନାମାଙ୍କନ କେନ୍ଦ୍ରର ୧୦୦ ମିଟର ଦୂରତା ଭିତରେ ପାର୍ଥୀ ୩ଟି ଗାଡି ସହ ୫ ଜଣଙ୍କୁ ସାଥିରେ ଆଣିପାରିବେ । ସେହିପରି ୩ ଟା ପରେ କୌଣସି ନାମାଙ୍କନ ଗ୍ରହଣ କରାଯିବନି । ଉପଯୁକ୍ତ ଡକ୍ୟୁମେଣ୍ଟ, ସ୍ବତନ୍ତ୍ର ବ୍ୟାଙ୍କ ଖାତା, ନିର୍ଦ୍ଧାରିତ ଜମା ରାଶି ଦାଖଲ କରିବାକୁ କହିଥିଲେ । ନିର୍ବାଚନ ପ୍ରକ୍ରିୟାରେ ସ୍ବଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ କହିଥିଲେ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଅନଲାଇନ ରେ କିପରି ନାମାଙ୍କନ ସହ ପ୍ରଶାସନର ଅନୁମତି ମାଗିବେ ସେ ବାବଦରେ ଜଣା ଯାଇଥିଲା ।

# ଅଟୋ-କାର ମୁହାଁମୁହିଁ, ବୃଦ୍ଧ ମୃତ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଭତରା ଶଙ୍କର ମଠ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଛି । ଏନେଇ ଧନୁପାଲି ପୋଲିସ ଏକ ମାମଲା ରୁଜୁ କରି ଶବ ଓ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଧମା ଥାନା ଅନ୍ତର୍ଗତ ତେନ୍ତୁଳିକୁଁଲା ଗ୍ରାମର କମଲୁ ଭବସାଗର(୬୦) ଅଟୋ ଗାଡି ନମ୍ବର (ଓଡି ୧୫ଏକ୍ସ- ୫୭୦୯) ଯୋଗେ ଘରକୁ ଫେରୁଥିଲେ । ତେବେ ବିପରୀତ ଦିଗରୁ ଆସୁଥିବା କାର ଗାଡି ନମ୍ବର( ଓଡି୨୩-୨୫୦୦) ସହ ଏହି ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଯାତ୍ରୀବାହୀ ଅଟୋଟି ଓଲଟି ପଡିଥିଲା । ଏଥିରେ କମଲୁ ଭବସାଗରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଶାଖାର ବୈଠକ

ବଲାଙ୍ଗିର,(ସବ୍ୟୁ): ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଜିଲ୍ଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ଅଧ୍ୟକ୍ଷତାରେ କନ୍ଧପାଲିପଡା ସ୍ଥିତ ଅଘରିଆ ଭବନ ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ୪ ମଣ୍ଡଳ ସଭାପତି, ୧୮ଗୁଡ଼ି ସଭାପତି, ଉପଦେଷ୍ଟା ମଣ୍ଡଳୀ ସଭ୍ୟ, କେନ୍ଦ୍ର କମିଟି, ମହିଳା ମଞ୍ଚ, ଯୁବା ମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି, ପୁସ୍ତକ କମିଟି ଓ ଶିକ୍ଷା କମିଟି ସହ ଶତାଧିକ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଜିଲ୍ଲା ଏକ ଶୃଙ୍ଖଳିତ ସମାଜ । ସମାଜର ଶିକ୍ଷା, ସ୍ବାସ୍ଥ୍ୟ, କୃଷିର ଉନ୍ନତି ଓ ସମାଜର ସଂସ୍କୃତି, ପରମ୍ପରା ତଥା ସମାଜର ଏକତା ରକ୍ଷା ପାଇଁ କାର୍ଯ୍ୟ କରୁଛି । ସମାଜର ଏକତା, ସଂସ୍କୃତି, ପରମ୍ପରା, ଭାଇଚାରା ବଜାୟ ରଖିବା ପାଇଁ ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଜିଲ୍ଲା ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରୁ ନାହିଁ । ସମାଜର ସମସ୍ତ ବ୍ୟକ୍ତି ସ୍ୱାଧୀନ ଭାବେ ନିଜ ନିଜ ପସନ୍ଦର ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ମତ ସାବ୍ୟସ୍ତ କରି ପାରିବେ । କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ନେଇ ସମାଜର କୌଣସି ବ୍ୟକ୍ତି ସମାଜର ନାମରେ ସଭା ଆୟୋଜନ କରିପାରିବେ ନାହିଁ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜଳଛତ୍ର

ଭବାନୀପାଟଣା,(ସବ୍ୟୁ): ଅତ୍ୟଧିକ ଗ୍ରୀଷ୍ମପ୍ରବାହ କୁ ଦୃଷ୍ଟିରେ ରଖି କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ,ଭବାନୀପାଟଣା ଦ୍ୱାରା ଏକ ଜଳ ଏବଂ ପଣା ବଣ୍ଟନ ର କାର୍ଯ୍ୟକ୍ରମ ସ୍ଥାନୀୟ ମାଣିକେଶ୍ୱରୀ ହାଇସ୍କୁଲ ଛକ ଠାରେ ଆରମ୍ଭ ହୋଇଛି, ଏଠାରେ ପ୍ରତ୍ୟେକ ଦିନ ଜନସାଧାରଣଙ୍କୁ ଜଳ ବଣ୍ଟନ କରାଯାଏ ତତସହିତ ପ୍ରତ୍ୟେକ ମଙ୍ଗଳବାର ଏବଂ ଶନିବାର ନିକଟରେ ସାପ୍ତାହିକ ହାଟ ବସୁ ଥିବାରୁ ଜନସାଧାରଣଙ୍କ ଆବଶ୍ୟକ ଦୃଷ୍ଟିରୁ ଦହି ପଣା,ବେଲ ପଣା,ଦହି ତରଭୁଜ ମିଶ୍ରିତ ପଣା,ଆଖୁରସ,ଲେମ୍ବୁ ସରବତ ଇତ୍ୟାଦି ବିତରଣ କରାଯାଉଛି,ଏଥିରେ ସଂଘର ବହୁ ସଦସ୍ୟ ଖୋଲା ମନରେ ସେବା ମନ ବୃତ୍ତି ନେଇ ଆର୍ଥିକ ଏବଂ ଶ୍ରମ ଦାନ କରୁଛନ୍ତି। ଏହା ପ୍ରତେହ ଆଗାମୀ ଜୁନ ମାସ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ସମାଜ ପାଇଁ ଏକ ଉତ୍ତମ ବାର୍ତ୍ତା ପ୍ରଦାନ କରୁଛି ବୋଲି ଜନସାଧାରଣ ପ୍ରଶଂସା କରୁଛନ୍ତି।

# ସମ୍ବଲପୁର ରେଳ ମଣ୍ଡଳର ୪ଟି ଷ୍ଟେସନରେ ଖାଦ୍ୟ ବ୍ୟବସ୍ଥା

ସମ୍ବଲପୁର,(ସବ୍ୟୁ): ପୂର୍ବତଟ ରେଳବାଇ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ୯ଟି ଷ୍ଟେସନରେ ଗ୍ରୀଷ୍ମସମୟରେ ସ୍ୱଳ୍ପ ମୂଲ୍ୟ ଖାଦ୍ୟ ବ୍ୟବସ୍ଥା କରାଯାଇଛି । ସମ୍ବଲପୁର ରେଳ ମଣ୍ଡଳର ୪ଟି ଷ୍ଟେସନରେ ଏହି ସୁବିଧା ଉପଲବ୍ଧ ରହିଛି । ସମ୍ବଲପୁର ସମେତ ଟିଟିଲାଗଡ଼, ବଲାଙ୍ଗିର ଓ କଣ୍ଟାବାଞ୍ଜି ଷ୍ଟେସନରେ ଯାତ୍ରୀମାନଙ୍କର ସ୍ୱଳ୍ପ ମୂଲ୍ୟ ଭୋଜନ ବ୍ୟବସ୍ଥା କରାଯାଇଛି। ପ୍ଲାଟଫର୍ମ ଗୁଡିକରେ ସାଧରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ନିକଟରେ ଏହି ଭୋଜନ କାଉଣ୍ଟର ଖୋଲାଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀମାନଙ୍କ ବୃଦ୍ଧିକୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ସାଧାରଣ ଶ୍ରେଣୀ କୋଚ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ବଜେଟ୍ ଅନୁକୂଳ ଭୋଜନ ବ୍ୟବସ୍ଥା ଆରମ୍ଭ ହୋଇଛି । ପ୍ରତ୍ୟେକ ସ୍ୱଳ୍ପ ମୂଲ୍ୟର ଭୋଜନ ପ୍ୟାକେଟ୍ ଓ ସାନ୍‌କ୍ସ ଭୋଜନ ପାଇଁ ୫୦ ଟଙ୍କା ଦର ଧାର୍ଯ୍ୟ କରାଯାଇଛି।

# ଚଇତି ଚଢ଼େଇର ରଜତ ଜୟନ୍ତୀ ସମାରୋହ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣାରୁ ପ୍ରକାଶ ଚଇତି ଚଢ଼େଇ ଶିଶୁ ପତ୍ରିକା ର ରଜତ ଜୟନ୍ତୀ ସମାରୋହ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭା ଗୃହ ରେ ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହ ରେ ମୁଖ୍ୟ ଅତିଥି ଭାବେ ଗବେଷକ ଉମା ଶଙ୍କର କର ,ମୁଖ୍ୟ ବକ୍ତା ଅଧାପକ ପରମେଶ୍ୱର ମୁଣ୍ଡ, ସମ୍ମାନୀତ ଅତିଥି ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ଅଧାପକ ତପନ କୁମାର ରଥ ଯୋଗ ଦେଇଥିବା ବେଳେ ଚଇତି ଚଢ଼େଇର ସମ୍ପାଦକ ଶ୍ରୀନିବାସ ବେହେରା ପ୍ରାରମ୍ଭିକ ସୂଚନା ଦେଇ ଥିଲେ । ସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥି ମାନଙ୍କ ଦ୍ୱାରା ଚଇତି ଚଢ଼େଇ ର ରଜତ ଜୟନ୍ତୀ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଏହି ଅବସର ରେ ଗାଳ୍ପିକା ଦେବହୁତୀ କରଙ୍କୁ ଚଇତି ଚଢ଼େଇ ଶିଶୁ ସାହିତ୍ୟ ସମ୍ମାନ, ଡାକ୍ତର ପଲଉ ପ୍ରଧାନ ଙ୍କୁ ଶିଶୁ ସେବା ସମ୍ମାନ, ଚିତ୍ରକର ତରୁଣ ମହାପାତ୍ର ଙ୍କୁ କଳା ସମ୍ମାନ ପ୍ରଦାନ କରାଯାଇଥିଲା । ହେମନ୍ତ ସାହୁ, ସୁଶାନ୍ତ ସିଂହ, ସ୍ବର୍ଣକାନ୍ତି ବୈକାର ମାନପତ୍ର ପଠନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ର କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଭକ୍ତ ଦାସ ସମେତ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



ଭବାନୀପାଟଣା,(ସବ୍ୟୁ): କଂଗ୍ରେସର ବରିଷ୍ଠ ନେତା ତଥା ଓଡିଶା ପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ଭକ୍ତ ଚରଣ ଦାସ କଳାହାଣ୍ଡି ଜିଲ୍ଲା ର ନର୍ଲା ବିଧାନସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କଳାହାଣ୍ଡି ଲୋକସଭା ପାଇଁ କଂଗ୍ରେସ ପ୍ରାର୍ଥୀ ଦ୍ରୋପଦୀ ମାଝୀ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ସେହିପରି ଭବାନୀପାଟଣା ବିଧାନସଭା ( ଏସ୍ ସି ସଂରକ୍ଷିତ ) ପାଇଁ ଭକ୍ତ ଦାସଙ୍କ ପୁଅ ସାଗର ଦାସ ସମେତ ଲାଞ୍ଜିଗଡ ବିଧାନସଭା ( ଏସ ଟି ସଂରକ୍ଷିତ )ର କଂଗ୍ରେସ ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଧର୍ମଗଡ ବିଧାନସଭାର କଂଗ୍ରେସ ପ୍ରାର୍ଥୀ ଓ ବିଜେପି ପ୍ରାର୍ଥୀ ଏବଂ ଜୁନାଗଡ ଓ ଲାଞ୍ଜିଗଡ ବିଧାନସଭାର ବିଜେପି ପ୍ରାର୍ଥୀ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ୨୨ ତାରିଖ ଦିନ ଲୋକସଭା ପାଇଁ ବିଜେଡି ଓ ବିଜେପି ସହିତ ମୋଟ ୪ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୨୩ ତାରିଖ ଦିନ ୨ ଜଣ ଲୋକସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୨୨ ତାରିଖ ଦିନ ଭବାନୀପାଟଣା ,ଲାଞ୍ଜିଗଡ ,ନର୍ଲା ,ଜୁନାଗଡ ଓ ଧର୍ମଗଡ ବିଧାନସଭା ପାଇଁ ୮ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ୨୩ ତାରିଖ ଦିନ ୯ ଜଣ ବିଭିନ୍ନ ବିଧାନସଭା ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ୨ ୪ ତାରିଖ ଦିନ ଭାରତୀୟ ଜାତୀୟ କଂଗ୍ରେସର ଲୋକସଭା ପ୍ରାର୍ଥୀ ଦ୍ରୋପଦୀ ମାଝୀ ସମେତ ନର୍ଲା ବିଧାନସଭାର କଂଗ୍ରେସ ପ୍ରାର୍ଥୀ ତଥା ପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ଅଧକ୍ଷ ଭକ୍ତ ଚରଣ ଦାସ , ଭବାନୀପାଟଣା ବିଧାନସଭାର କଂଗ୍ରେସ ପ୍ରାର୍ଥୀ ସାଗର ଦାସ ,ଲାଞ୍ଜିଗଡ ବିଧାନସଭାର କଂଗ୍ରେସ ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ମା ମାଣୀକେଶ୍ୱରୀଙ୍କ ମନ୍ଦିର ନିକଟରୁ ସହିତ ଶହଶହ ଦଳିୟ ନେତୃମଣ୍ଡଳୀ ଓ କର୍ମୀ ମାନଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଥିଲେ । କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ର୍ନିବାଚନ ଅଧିକାରୀ ପି ଅନେ୍ୱଷା ରେଡି ଙ୍କ ନିକଟରେ କଂଗ୍ରେସର ଲୋକସଭା ପ୍ରାର୍ଥୀ ଦ୍ରୌପଦୀ ମାଝୀ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳ ଭବାନୀପାଟଣା ବିଧାନସଭା କଂଗ୍ରେସ ପ୍ରାର୍ଥୀ ସାଗର ଦାସ ଭବାନୀପାଟଣା ଉପ ଜିଲ୍ଲାପାଳ ତଥା ର୍ନିବାଚନ ଅଧିକାରୀ ଙ୍କ ଠାରେ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ଲାଞ୍ଜିଗଡ ବିଧାନସଭା କଂଗ୍ରେସ ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ଅତିରିକ୍ତ ଜିଲ୍ଲାପାଳ ତଥା ର୍ନିବାଚନ ଅଧିକାରୀ ଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେପରି ନର୍ଲା ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ କଂଗ୍ରେସ ପ୍ରଦେଶ ପ୍ରଚାର କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ପିଡିଡିଆରଡିଏ ଙ୍କ ଠାରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ସେପରି ଧର୍ମଗଡ ବିଧାନସଭାର କଂଗ୍ରେସ ପ୍ରାର୍ଥୀ ରଶ୍ମି ରେଖା ରାଉତ ଓ ବିଜେପି ପ୍ରାର୍ଥୀ ବରିଷ୍ଠ ଆଇନଜୀବୀ ସୁଧାର ରଂଜନ ପାଟ୍ଟଯୋଷୀ ଶହଶହ ସମର୍ଥକ ଓ କର୍ମୀ ମାନଙ୍କ ସହିତ ପୃଥକ ପୃଥକ ଭାବରେ ଶୋଭା ଯାତ୍ରା ଆସି ଧର୍ମଗଡ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେପରି ଜୁନାଗଡ ବିଧାନସଭା ର ବିଜେପି ପ୍ରାର୍ଥୀ ମନୋଜ ମେହେର ତାଙ୍କର ଶତାଧିକ ସମର୍ଥକ ଓ ଦଳୀୟ କର୍ମୀ ମାନଙ୍କ ସହିତ ଏକ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଙ୍କ ଠାରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ସେହିପରି ଲାଞ୍ଜିଗଡ ବିଧାନସଭା ର ବିଜେପି ପ୍ରାର୍ଥୀ ରମେଶ ମାଝୀ , କଳାହାଣ୍ଡି ଲୋକସଭା ପାଇଁ ଗଙ୍ଗା ଧର ଜାଲ (ବହୁଜନ ମୁକ୍ତି ପାର୍ଟି) , ବିରଞ୍ଚି ନାରାୟଣ ଦୁର୍ଗା ( ବିଏସ ପି ),ଉମାକାନ୍ତ ତାଣ୍ଡି (ଆଇ ଏନ ଡି ), ହିମାଂଶୁ ତ୍ରିପାଠୀ ( ସମୃଦ୍ଧ ଓଡିଶା ) ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳ ନର୍ଲା ବିଧାନସଭା ପାଇଁ ଦୁର୍ଯ୍ୟୋଧନ କୁମାର (ବିଏସ ପି ) ,ଡା ଶିବରାମ ନାୟକ ( ଏ ଆଇ ଏଫ୍ ବି ) ଏବଂ ଗଭୀର ସୁନା ଆମ୍ବେଦକରପାର୍ଟି ) , ନର୍ଲା ବିଧାନସଭା ର୍ନିବାଚନ ମଣ୍ଡଳୀ ପାଇଁ ବିଜେପିରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ବରିଷ୍ଠ ବିଜେପି ନେତା ପ୍ରଦୀପ୍ତ ନାଏକ ବଦଳରେ ଅନ୍ୟଜଣଙ୍କୁ ପ୍ରାର୍ଥୀ କରିବା ଫଳରେ ପ୍ରଦୀପ୍ତ ନାଏକ ବିଜେପି ରୁ ଇସ୍ତଫା ଦେଇଥିଲେ ଛପ୍ରଦୀପ ୨୪ ତାରିଖ ଦିନ ତାଙ୍କର ସହଯୋଗୀ ଓ ସମର୍ଥକ ମାନଙ୍କ ସହିତ ଶୋଭାଯାତ୍ରାରେ ଆସି ପିଡିଡିଆରଡିଏଙ୍କ ଠାରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେପରି ନର୍ଲା ବିଧାନସଭା ପାଇଁ ପୃଥିରାଜ ଛତ୍ରୀଆ (ଏଏପି) , ଭବାନୀପାଟଣା ବିଧାନସଭା ପାଇଁ ରମେଶ ନାଏକ ( ଏଏପି ) , ମହେନ୍ଦ୍ର ଧଙ୍ଗଡାମାଝୀ ( ସ୍ବାଧିନ ) , ଜୁନାଗଡ ବିଧାନସଭା ପାଇଁ ରବି ହରିଜନ ( ଓଡିଶା ଜନତା ପାର୍ଟି ) , ପ୍ରମୁଖ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ବୋଲି ଜିଲ୍ଲା ସୂଚନ ଓ ଲୋକସମ୍ପର୍କ ବିଭାଗ ସୂତ୍ରରୁ ପ୍ରକାଶ ।

# ଉତ୍ପାଦନ ହେଉଛି, ସଂରକ୍ଷଣ ପାଇଁ ନାହିଁ ଭିତ୍ତିଭୂମି

ବଲାଙ୍ଗିର, **(ସତ୍ୟ ସୁନ୍ଦର ଭଞ୍ଜ)** : ପିଆଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟ । କେବଳ ଉତ୍ପାଦିତ ପିଆଜର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ତ୍ରୁଟିବିଚ୍ୟୁତି କାରଣରୁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । ମହାରାଷ୍ଟ୍ର, ଆନ୍ଧ୍ର ସମେତ ଅନ୍ୟ ରାଜ୍ୟରେ ପିଆଜ ସଂରକ୍ଷଣ ଓ ମଣ୍ଡି ବ୍ୟବସ୍ଥା ଥିବାରୁ ବ୍ୟବସାୟୀ ବେଶ ଉପକୃତ ହେଉଛନ୍ତି ।

## କାନ୍ଦୁଛି ଚାଷୀ, କାନ୍ଦେ ଖାଉଟି

ଗତବର୍ଷ ଓଡ଼ିଶାରେ ଉତ୍ପାଦିତ ପିଆଜକୁ ଚାଷୀମାନେ କେଜି ପ୍ରତି ୫ରୁ ୧୦ ଟଙ୍କା ଦରରେ ବେପାରୀଙ୍କ ହାତରେ ଟେକି ଦେଇ ପରବର୍ତ୍ତୀକାଳରେ କେଜି ପ୍ରତି ୬୦ରୁ ୭୦ଟଙ୍କା ମୂଲ୍ୟଦେଇ ବଜାରରୁ କିଣିବାକୁ ବାଧ ହୋଇଥିଲେ। ଏଭଳି ଅଭିଜ୍ଞତା ଓଡ଼ିଶା ପାଇଁ ନୂଆଁ ହୋଇନଥିଲେ ହେଁ ମୁକାବିଲା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ଚଳିତ ବର୍ଷ ମଧ ସମାନ ଦୁଃଖଦ ପରିସ୍ଥିତି ଘଟିବାକୁ ଯାଉଛି। ତଥ୍ୟ ନେବାରେ ଜଣାପଡ଼ୁଛି ଯେ ଓଡ଼ିଶାବାସୀଙ୍କ ବାର୍ଷିକ ପିଆଜ ଚାହିଦା ପ୍ରାୟ ୨ ଲକ୍ଷ ୯୭ ହଜାର ମେଟ୍ରିକ ଟନ୍ । ରାଜ୍ୟରେ କେବଳ ରବି ଋତୁରେ ବାର୍ଷିକ ୩.୯୫ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ପିଆଜ ଉତ୍ପାଦନ ହୋଇଥାଏ ।

ଅମଳ ଠିକ ପରେ ପରେ ଏହାର ସିଂହଭାଗ ବାହାର ରାଜ୍ୟର ବ୍ୟବସାୟୀ କିଣି ନେଉଥିବାବେଳେ ନିଜସ୍ୱ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶାକୁ ବାର୍ଷିକ ୨ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ପିଆଜ ଆମଦାନୀ କରିବାକୁ ପଡ଼େ । ବଲାଙ୍ଗର, ଫୁଲବାଣୀ, କଳାହାଣ୍ଡି, ଅବିଭକ୍ତ କୋରାପୁଟ, ଢେଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଆଦି ଜିଲ୍ଲାରେ ଅଧିକ ପରିମାଣରେ ପିଆଜ ଚାଷ କରାଯାଏ। ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳରେ ଉତ୍ପାଦିତ ପିଆଜ ଆରମ୍ଭରୁ ଅଭାବୀ ବିକ୍ରୀର ଶୀକାର ହୋଇଥାଏ। କାରଣ ଉତ୍ପାଦିତ ପିଆଜକୁ ସଂରକ୍ଷଣ କରି ରଖିବା ପାଇଁ ଚାଷୀ ପାଖରେ ଆବଶ୍ୟକ ଭିତ୍ତିଭୂମି ନାହିଁ । ସରକାରଙ୍କ ପକ୍ଷରୁ ମଧ୍ୟ ଶୀତଭଣ୍ଡାର ପାଇଁ କୌଣସି ପ୍ରକାର ପଦକ୍ଷେପ ନିଆଯାଉନାହିଁ । ମହାରାଷ୍ଟ୍ରର ନାସିକ୍ ଅଞ୍ଚଳରେ ଖରିଫ, ବିଳମ୍ବ ଖରିଫ ଓ ରବି ଏହିପରି ତିନିଟି ଋତୁରେ ଚାଷ କରାଯାଇଥାଏ। ଓଡ଼ିଶାର କିଛି ପାହାଡ଼ିଆ ଅଞ୍ଚଳରେ ବିଳମ୍ବ ଖରିଫ ଓ ରବି ଏହିପରି ଦୁଇଟି ଋତୁରେ ପିଆଜ ଚାଷ ସମ୍ଭାବନା ରହିଥିଲେ ବି ଏହି ଦିଗରେ ବିଶେଷ ପ୍ରୟାସ କରାଯାଇନି। ରବି ଋତୁରେ ଉତ୍ପାଦିତ ପିଆଜକୁ ସଂରକ୍ଷିତ କରି ରଖିବା ସହିତ ବିଳମ୍ବ ଖରିଫ ଋତୁରେ ପିଆଜ ଚାଷ କରାଗଲେ ଚାଷୀମାନେ ପିଆଜର ଉପଯୁକ୍ତ ମୂଲ୍ୟ ପାଇବା ସହିତ ଖାଉଟୀମାନେ ବି ପିଆଜ ଯନ୍ତ୍ରଣାରୁ ମୁକ୍ତି ପାଆନ୍ତେ। ପିଆଜ ଏକ ଅର୍ଥକାରୀ ଫସଲ ବୋଲି କୁହା ଯାଉଥିଲେ ମଧ ପିଆଜ ଚାଷୀଟିଏ ତାହାର ଲାଭ ପାଇ ନଥାଏ। ଖାଉଟି ବଜାରରେ ପିଆଜର ଦର ବଢିଲେ ଚାଷୀମାନଙ୍କର କିଛି ଲାଭ ହୋଇ ନଥାଏ, କାରଣ ସେମାନଙ୍କ ନିକଟରେ ପିଆଜ ଗଚ୍ଛିତ ନ ଥାଏ। ବିକ୍ରି ନ ହୋଇ ବେଶି ଦିନ ରଖିଲେ ପଚିସଢ଼ି ଯିବାର ଆଶଙ୍କା ଥିବାରୁ ପିଆଜର ଉତ୍ପାଦନ ଖର୍ଚ୍ଚ କିଲୋଗ୍ରାମ ପିଛା ପ୍ରାୟ ୮ ଟଙ୍କା ହୋଇଥିଲେ ବି ଅମଳ ସମୟରେ ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ ହୋଇଥାନ୍ତି। କେବଳ ଯେଉଁବର୍ଷ ଅତି ଭଲ ଫସଲ ହୁଏ ଚାଷୀ କିଛି ଲାଭ ପାଇଥାଏ।ଗତବର୍ଷ ପିଆଜ ମୂଲ୍ୟ କମ୍ ଥିବା ଯୋଗୁଁ ଏବର୍ଷ ପିଆଜ ଚାଷରୁ କଳାହାଣ୍ଡି ଚାଷୀ ମୁହଁ ଫେରାଇ ନେଇଥିଲେ। ତଥାପି ଯେଉଁମାନେ ଚାଷ କରିଥିଲେ ସେମାନେ ଏବର୍ଷ ଅଧା ଅମଳ କରୁଥିବାର ଦେଖାଦେଉଛି। ଖରିଫ ଋତୁର ଦୁଇ ଥରରେ ଉତ୍ପାଦିତ ପିଆଜର ପରିମାଣ ସମଗ୍ର ଉତ୍ପାଦନର ୪୦ ପ୍ରତିଶତ। ମାର୍ଚ୍ଚରୁ ମେ' ମାସ ମଧ୍ୟରେ ଅମଳ ହେଉଥିବା ରବି ଋତୁର ପିଆଜ ପରିମାଣ ୬୦ ପ୍ରତିଶତ। ଖରିଫରେ ଉତ୍ପାଦିତ ପିଆଜ ତୁଳନାରେ ଏଥିରେ ଜଳୀୟ ଅଂଶ କମ ଏଣୁ, ରବି ପିଆଜକୁ ସାଧାରଣତଃ ଅଧିକ ଦିନ ପାଇଁ ସଂରକ୍ଷିତ କରି ରଖାଯାଏ। ଜୁଲାଇ ପରଠାରୁ ଏହା ସାଇତା ଗୃହରୁ ବଜାରକୁ ବିକ୍ରି ପାଇଁ ଆସିଥାଏ। ଖରିଫ ଓ ବିଳମ୍ବ ଖରିଫ ଋତୁର ପିଆଜ ଅମଳ ହେବା ଯାଏଁ, ଅର୍ଥାତ ଜାନୁଆରୀ ଓ ଫେବୃଆରୀ ମାସରେ ଚାହିଦା ତୁଳନାରେ କମ ପରିମାଣର ପିଆଜ ବଜାରକୁ ଆସୁଥିବାରୁ ପିଆଜର ଦାମ ବଢ଼ିଯାଏ। କୌଣସି କାରଣରୁ ଖରିଫ ପିଆଜର ଅମଳ ହ୍ରାସ ପାଇଲେ ସ୍ଥିତି ଅଧିକ ଜଟିଳ ହୋଇଯାଏ। ମୌସୁମୀ ବର୍ଷା ବିଳମ୍ବିତ ଓ ସ୍ବଳ୍ପ ହେଲେ କିମ୍ବା ଅତ୍ୟଧିକ ହେଲେ, ଖରିଫ ପିଆଜ ଚାଷ କ୍ଷତିଗ୍ରସ୍ତ ହୁଏ। ଅମଳ ସମୟରେ ଝଡିବର୍ଷା କାରଣରୁ ଜମିରେ ଅମଳ ହେବାକୁ ଥିବା ପିଆଜ ପଚିଯାଇ ପାରେ।



ସାରା ବିଶ୍ୱରେ ୨୦୨୧ ମସିହାରେ ପିଆଜର ବ୍ୟବହାର ମୁଣ୍ଡପିଛା ବାର୍ଷିକ ୧୨.୧ କିଲୋଗ୍ରାମ ଥିବା ବେଳେ ଭାରତରେ ତାହା ୧୬.୩ କିଲୋଗ୍ରାମ, ଯାହା ଥିଲା ସର୍ବାଧିକ। ଲୋକଙ୍କ ରୋଜଗାର ବଢୁଥିବାରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜନସାଧାରଣଙ୍କ ଖାଦ୍ୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଘଟିଛି ଏବଂ ପିଆଜର ବ୍ୟବହାର ଆଶାତୀତ ବୃଦ୍ଧି ପାଇଛି। ଅନ୍ୟ ପକ୍ଷରେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ପିଆଜର ଚାହିଦା ମଧ ବଢ଼ି ଚାଲିଛି। ଦେଶରେ ଏବେ ୧.୫୪ ନିୟୁତ ହେକ୍ଟର ଜମିରେ ପିଆଜ ଚାଷ କରାଯାଇ ହାରାହାରି ୨୫.୪୫ ନିୟୁତ ଟନ ଅମଳ କରାଯାଉଥିଲା ବେଳେ ଏକ ଆକଳନ ଅନୁସାରେ ଘରୋଇ ବ୍ୟବହାର ଉଦ୍ଦେଶ୍ୟରେ ଏବେ ଦେଶରେ ବାର୍ଷିକ ପ୍ରାୟ ୧୮ ନିୟୁତ ଟନ ପିଆଜର ଆବଶ୍ୟକତା ରହିଛି। ତେଣୁ ଦେଶରେ ଉତ୍ପାଦିତ ପିଆଜର ସଠିକ ପରିଚାଳନା ହୋଇ ପାରିଲେ ତାହା ଏହି ଚାହିଦା ମେଣ୍ଟାଇବାକୁ ସମର୍ଥ ହେବାରେ କୌଣସି ଅସୁବିଧା ରହନ୍ତା ନାହିଁ।

# ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ପାଇଁ କର୍ତ୍ତା ଚୟନ



ଜମନକିରା,(ସବ୍ୟୁ): ଗୁରୁବାର ଜମନକିରା ବ୍ଲକ ଡିମିରୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ତତ କାଳୀନ ବାମଣ୍ଡା ରାଜ୍ୟର ସର୍ବ ପୁରାତନ ଶୈବ ପୀଠ ଶଗଡେଶ୍ୱର ବାବାଙ୍କ ଦଶମ ବର୍ଷ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ପାଇଁ ନୃପଲାଲ ପଲେଇଙ୍କ ସଭାପତିତ୍ୱରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି । ବୈଠକରେ ବହୁ ସଂଖ୍ୟକ ସ୍ଥାନୀୟ ଭକ୍ତ ବୃନ୍ଦ ତଥା ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ସର୍ବ ସହମତି କ୍ରମେ ମାତା ପାର୍ବତୀଙ୍କ ପିତା ମାତା ଭାବରେ ରଞ୍ଜିତ ପଟେଲ ଓ ତାଙ୍କ ଧର୍ମପତ୍ନୀ ସବିତା ପଟେଲ, କୁଚିଣ୍ଡା ( ମୂଳ ନିବାସୀ ରେଙ୍ଗଲୋଇ) ଏବଂ ବାବା ଭୋଲେନାଥଙ୍କ ପିତା ମାତା ଭାବରେ ସ୍ଥାନୀୟ ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ ଓ ତାଙ୍କ ଧର୍ମ ପତ୍ନୀ ଜ୍ୟୋତି ମଞ୍ଜରୀ ଧୁରୁଆ, ଡିମିରୀମୁଣ୍ଡ ଉଭୟଙ୍କୁ କର୍ତ୍ତା ଭାବରେ ଚୟନ ଓ ଅନୁମୋଦନ କରାଯାଇଛି। ଚଳିତ ବର୍ଷ ଯାତ୍ରା ଆୟୋଜନରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଶଗଡେଶ୍ୱର ମନ୍ଦିରକୁ କୈଳାଶ ଓ ସେହି ମନ୍ଦିର ପରିସରରେ ଥିବା ମା ଭୈରବୀ ମନ୍ଦିରକୁ ହିମାଳୟ ଭାବରେ ପରିକଳ୍ପନା କରାଯାଇ ଏହି ମନ୍ଦିର ପରିସରରେ ଶିବପାର୍ବତୀ ବିବାହ କାର୍ଯ୍ୟକ୍ରମକୁ ସମ୍ପନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଯାତ୍ରା ସଂଯୋଜକ ମଳୟ ବେହେରା ଏବର୍ଷ ଜୁନ ୧୦ ଓ ୧୧ ଦୁଇଦିନ ଧରି ପାଳିତ ହେବାକୁ ଥିବା ଯାତ୍ରା ଓ ମହୋତ୍ସବ କୁ ଭବ୍ୟ ଓ ଜାକଜମକରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ମନ୍ଦିର ପରିଚାଳନା ସଭାପତି ରୁଦ୍ରନାରାୟଣ ବେହେରା, ସଂପାଦକ ସୁମନ୍ତ ବେହେରା କୋଷାଧକ୍ଷ ରତନଲାଲ ସିଂ, ଚିତ୍ତରଞ୍ଜନ ଶର୍ମା, ଶଶି ଭୂଷଣ ବଡେଇ, ସଞ୍ଜୟ ମହାକୁଳ, ଟିକେଶ୍ୱର ମହାକୁଳ, ନରେନ୍ଦ୍ର ପଲେଇ, ସୁଗତ ପଟେଲ, ବିକାଶ ମହାକୁଳ, ମିତ୍ରଭାନୁ ରାୟ, ସୁରଥ ନାଏକ, ବାବୁନି ମହାନ୍ତି, ତରଣୀ ଶର୍ମା, ରାଜୀବ ଶର୍ମା, ପପୁ ଅଗ୍ରୱାଲ, କରୁଣାକର କିସାନ, ସଂଗ୍ରାମ ପଲେଇ, ସୁରେନ୍ଦ୍ର ପାତ୍ର, ବିସାମ୍ବର ସିଂ, ଲିପୁ ବେହେରା, ଆକାଶ ମହାକୁଳ, ପୂଜକ ନିତ୍ୟାନନ୍ଦ ମିଶ୍ର ଓ ଅଞ୍ଚଳର ଭକ୍ତ ତଥା ଶ୍ରଦ୍ଧାଳୁ କର୍ମକର୍ତ୍ତା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

(ଶ୍ରୀମଭଗବଦ୍ ଗୀତା ୫/୧୬)
-କର୍ମ୍ମସନ୍ୟାସଯୋଗଃ-
(ଶ୍ରୀଭଗବାନୁବାଚ )

**ଜ୍ଞାନେନ ତୁ ତଦ୍‌ଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।**
**ତେଷାମାଦିତ୍ୟବଜ୍‌ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ।।୧୬।।**

ଭଗବତ୍ ବିଷୟର ଜ୍ଞାନଦ୍ୱାରା ଯେଉଁମାନଙ୍କର ସେହି ବେଅଷମ୍ୟବୋଧର ଅଜ୍ଞାନ ନଷ୍ଟ ହୁଏ, ସେମାନଙ୍କର ସେହି ଆତ୍ମଜ୍ଞାନ ସୂର୍ଯ୍ୟଙ୍କ ପରି ସେମାନଙ୍କର ଅଜ୍ଞାନ ନଷ୍ଟ କରି ବ୍ରହ୍ମସ୍ୱରୂପକୁ ପ୍ରକାଶ କରେ ।।୧୬।।

# ଚୀନ୍ ମୁହାଁ ମାଳଦ୍ୱୀପ

ସମ୍ପାଦକୀୟ

ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ନେତୃତ୍ୱରେ ପିପୁଲ୍ସ ନ୍ୟାସନାଲ କଂଗ୍ରେସ ମାଳଦ୍ୱୀପ ପିପୁଲସ୍ ମଜଲିସ୍ ବା ସଂସଦରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବା ଘଟଣା ଭାରତ-ମାଳଦ୍ୱୀପ ସମ୍ପର୍କକୁ ଆହୁରି ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଉଛି । ଏମିତି ଆଶଙ୍କା ପ୍ରକାଶ ପାଇବା ମଧ୍ୟ ସ୍ୱାଭାବିକ । କାରଣ ନିର୍ବାଚନ ଫଳାଫଳ ରାଷ୍ଟ୍ରପତି ମୁଇଜୁଙ୍କ ସପକ୍ଷରେ ଯିବା ଦ୍ୱାରା ମୁଇଜୁଙ୍କ ଶକ୍ତିକୁ ନାଟକୀୟ ଭାବେ ମଜବୁତ କରିଛି । ଏହା ମାଳଦ୍ୱୀପର ବୈଦେଶିକ ନୀତିରେ ଗୋଟିଏ ବଡ ପରିବର୍ତ୍ତନ ଆସିପାରେ ବୋଲି ଅନେକ ଯୁକ୍ତି ବାଢୁଛନ୍ତି, ଯାହା ମାଳଦ୍ୱୀପର ଅର୍ଥନୀତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମୁଇଜୁ ରାଷ୍ଟ୍ରପତି ଥିଲେ ମଧ୍ୟ ସଂସଦରେ ମୁଇଜୁଙ୍କ ବିରୋଧୀ ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟିର ସଂଖ୍ୟାଗରିଷ୍ଠତା ଥିଲା, ଯାହାଦ୍ୱାରା ମଇଜୁଙ୍କ କୌଣସି ନିଷ୍ପତ୍ତି ଏକତରଫା ଭାବରେ ନେବାରେ ଅସୁବିଧା ହେଉଥିଲା । ବର୍ତ୍ତମାନର ଫଳାଫଳ ଭାରତ ମହାସାଗର ଏବଂ ଏହାର ଦୁଇଟି ବୃହତ୍ ଶକ୍ତି ଭାରତ ଏବଂ ଚୀନ୍ ପାଇଁ ଖୁବ୍ ମହତ୍ତ୍ୱ ରଖେ । ନିର୍ବାଚନରେ ଭାରତ ବିରୋଧରେ ପ୍ରଚାର କରି ମୁଇଜୁ ସଫଳ ହେଇଛନ୍ତି ଏବଂ ପିପୁଲ୍ସ ନ୍ୟାସନାଲ କଂଗ୍ରେସ ବିଜୟ ହେଇଛି । ତାଙ୍କର ନିର୍ବାଚନ ପ୍ରଚାରରେ ମୁଇଜୁ ମାଳଦ୍ୱୀପ ଉପରେ ଭାରତର ପ୍ରଭାବକୁ ସମାଲୋଚନା କରିବା ସହ ଚୀନ୍ ସହ ଅଧିକ ସମ୍ପର୍କ ସ୍ଥାପନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ, ଯାହା ତାଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ସାହାଯ୍ୟ କରିଥିଲା । ଏହି ବିଜୟ ସୂଚାଇ ଦେଉଛି ମାଳଦ୍ୱୀପର ଅଧିକାଂଶ ଲୋକେ ଚୀନ ସହ ସମ୍ପର୍କ ବଢାଇବାକୁ ଚାହୁଁଛନ୍ତି । ଏହା ନୂଆଦିଲ୍ଲୀ ପାଇଁ ଚିନ୍ତାର ବିଷୟ । ୧୯୬୫ ମସିହାରେ ମାଳଦ୍ୱୀପର ସ୍ୱାଧୀନତା ପରେ, ଭାରତ ହେଉଛି ପ୍ରଥମ ଦେଶ ଯିଏ ମାଳଦ୍ୱୀପ ସହ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା । ୧୯୭୨ ମସିହାରେ ମାଲେ ଠାରେ ଭାରତ ଏହାର ମିଶନ ପ୍ରତିଷ୍ଠା କରିଥିଲା । ସବୁ ସ୍ତରରେ ନିୟମିତ ଯୋଗାଯୋଗ ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ପ୍ରତିପୋଷଣ ଏବଂ ଦୃଢ ହେଇପାରିଥିଲା । ଦୁଇ ଦେଶ ମଧ୍ୟରେ, ଖାଲି ଅର୍ଥନୈତିକ ସ୍ତରରେ ନୁହେଁ, ସାମାଜିକ ଓ ସାଂସ୍କୃତିକ ସ୍ତରରେ ମଧ୍ୟ ଆଦାନପ୍ରଦାନ ଚାଲି ଆସିଛି । ମୁଇଜୁଙ୍କ ଚୀନ ସପକ୍ଷବାଦୀ ନୀତି ଭାରତକୁ ଅପମାନିତ କରିବ ସତ, କିନ୍ତୁ ଭାରତର-ମାଳଦ୍ୱୀପ ସମ୍ପର୍କ ଶେଷ ହେଇଗଲା ବୋଲି ଭାବିବା ଠିକ୍ ନୁହେଁ । ଅନ୍ୟପକ୍ଷରେ ଭାରତର ଆଭିମୁଖ୍ୟ ବର୍ତ୍ତମାନ କଣ ହେବ, ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । କୂଟନୈତିକ ସ୍ତରରେ ଭାରତ ଏହାର ସମ୍ପର୍କକୁ ବଢାଇବାକୁ ଚାହିଁଲେ, ହୁଏତ ମାଳଦ୍ୱୀପର ହାବଭାବରେ ପରିବର୍ତ୍ତନ ଆସିବ । ମୁଇଜୁଙ୍କୁ ସିଧାସଳଖ ବିରୋଧ କଲେ କୌଣସି ଫଳ ମିଳିବ ନାହିଁ, କିନ୍ତୁ ପରୋକ୍ଷରେ ଭାରତ ଖୋଲା ହୃଦୟରେ, ମାଳଦ୍ୱୀପର ବିକାଶରେ ନିଜର ଭାଗିଦାରୀ ବଢେଇବାକୁ ଚେଷ୍ଟା କରିବା ଉଚିତ । ଭାରତ ମାଳଦ୍ୱୀପରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ଦାବି କରି ମୁଇଜୁ ଜୁଆ ଖେଳିଥିଲେ ଏବଂ ଭାରତ ବିରୋଧୀ ଆଭିମୁଖ୍ୟ ଜାହିର କରିଥିଲେ ଯାହା କାମ କରିଯାଇଥିଲା ଏବଂ ଚୀନ ଏଥିରେ ଖୁସି ହେଇଯାଇଥିଲା । ସଂସଦରେ ମୁଇଜୁଙ୍କ ପ୍ରଦର୍ଶନ ନେଇ ଚୀନ ସନ୍ଦେହରେ ଥିଲା । କିନ୍ତୁ ମୁଇଜୁ ନିଜର ଚୀନ ସହ ସମ୍ପର୍କକୁ ବଢ଼ାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ ଯେଉଁଥିପାଇଁ ଦୀର୍ଘ ଦିନ ଧରି ଚାଲିଆସୁଥିବା ପରମ୍ପରାକୁ ଭାଙ୍ଗି ପ୍ରଥମେ ସେ ତୁର୍କୀ ଏବଂ ପରେ ଚୀନ୍ ଗସ୍ତ କରିଥିଲେ । ସେ ଏପର୍ଯ୍ୟନ୍ତ ଭାରତ ଗସ୍ତରେ ଆସି ନାହାଁନ୍ତି । ତାଙ୍କର ଚୀନ୍ ଗସ୍ତ ସମୟରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହ ସାକ୍ଷାତ ପରେ ମାଳଦ୍ୱୀପ ଭିତ୍ତିଭୂମି ସହାୟତା ପାଇଁ ୨୦ଟି ଚୁକ୍ତିନାମା ସ୍ୱାକ୍ଷର କରିବା ବ୍ୟତୀତ ଏକ ବ୍ୟାପକ ରଣନୀତିକ ସହଯୋଗୀ ଭାଗିଦାରୀ ସ୍ୱାକ୍ଷର କରିଛନ୍ତି । ଚୀନ୍ ପର୍ଯ୍ୟଟନ ଉପରେ ନିର୍ଭରଶୀଳ ମାଳଦ୍ୱୀପକୁ ଅଧିକ ଚୀନ୍ ପର୍ଯ୍ୟଟକ ପଠାଇବାକୁ ପ୍ରତିଶ୍ରୁତି ଦେବା ବ୍ୟତୀତ ୧୩୦ ମିଲିୟନ୍ ଡଲାର୍ ଅନୁଦାନ ଘୋଷଣା କରିଛି । ଅନ୍ୟପକ୍ଷରେ ମୋଦି ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜକୁ ପର୍ଯ୍ୟଟନ ସ୍ଥଳୀ ଭାବରେ ପ୍ରୋତ୍ସାହିତ କରିବା ପରେ ଯେତେବେଳେ ତାଙ୍କର କିଛି ମନ୍ତ୍ରୀ ଭାରତ ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ, ସେତେବେଳେ ବହୁ ଭାରତୀୟ ସୋସିଆଲ ମିଡିଆ ମାଧ୍ୟମରେ ମାଳଦ୍ୱୀପକୁ ପର୍ଯ୍ୟଟନ ସ୍ଥଳୀ ଭାବରେ ଗ୍ରହଣ ନ କରିବା ନେଇ ଅଭିଯାନ ଚଳାଇଥିଲେ । ଭାରତ ସରକାର ଏହି ଅଭିଯାନକୁ ସମର୍ଥନ କରିନଥିବା ବେଳେ ଏହାକୁ ବିରୋଧ ମଧ୍ୟ କରି ନ ଥିଲେ । ମାଳଦ୍ୱୀପ ପାଇଁ ଏହା ଏକ ବିପଜ୍ଜନକ ମୁହୂର୍ତ୍ତ ଥିଲା ଏବଂ ପର୍ଯ୍ୟଟନ ପ୍ରଭାବିତ ହେବା ନେଇ ସମ୍ଭାବନା ସୃଷ୍ଟି ହେଇଥିଲା । ଭାରତୀୟ ପର୍ଯ୍ୟଟକ କମିଲେ, ମାଳଦ୍ୱୀପର ଅର୍ଥନୀତି ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଥିଲା । ତେବେ ବର୍ଷର ପ୍ରଥମ ତିନି ମାସରେ ମାଳଦ୍ୱୀପ ପରିଦର୍ଶନ କରୁଥିବା ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରାୟ ୪୦ ପ୍ରତିଶତ ହ୍ରାସ ପାଇଥିବାବେଳେ ଚାଇନାର ପର୍ଯ୍ୟଟକ ସଂଖ୍ୟା ଏହି କ୍ଷତିକୁ ଭରଣା କରିପାରିଛି । ତେବେ ମୁଇଜୁ ଯେଉଁ ରିସ୍କ ନେଇଥିଲେ ତାହା ସଫଳ ହେବାରେ ଲାଗିଛି । ଚୀନ୍ ଏବେ ମୁଇଜୁଙ୍କୁ ଆହୁରି ସମର୍ଥନ ଦେବାରେ ଅନିଚ୍ଛା ପ୍ରକାଶ କରିବ ନାହିଁ । କାରଣ ମାଳଦ୍ୱୀପ ବର୍ତ୍ତମାନ ମୁଇଜୁଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ । ତେଣୁ ହୁଏତ ଚୀନ ଏବେ ଆର୍ଥିକ କ୍ଷେତ୍ରରେ ଏହାର ବିନିଯୋଗ ବଢାଇବ । ଚାଇନାକୁ ମାଳଦ୍ୱୀପର ଏବେ ଋଣ ଦେୟ ଦେବାର ଅଛି ଯାହା ଉପରେ ହୁଏତ ଚୀନ ଅଧିକ ଚାପ ସୃଷ୍ଟି ନ କରିପାରେ । ଏହା ପରେ ମଧ୍ୟ ମାଳଦ୍ୱୀପ ଭାରତ ସହ ଏହାର ସମ୍ପର୍କକୁ ତିକ୍ତ କରିବାକୁ ଚାହିଁବ ନାହିଁ । ୨୦୧୪ରେ ଯେତେବେଳେ ମାଳଦ୍ୱୀପ ଏକ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇଥିଲା, ସେତେବେଳେ ଏହାର ନିକଟତମ ପଡ଼ୋଶୀ ଭାରତ ଆଡକୁ ମୁହାଁଇଥିଲା । ଭାରତ ମାଳଦ୍ୱୀପର ସର୍ବ ବୃହତ୍ ସହାୟତା ପ୍ରଦାନକାରୀ ଦେଶ ଅଟେ । ନୂଆଦିଲ୍ଲୀ ଦ୍ୱାରା ସମର୍ଥିତ ଭାରତୀୟ କମ୍ପାନୀଗୁଡିକ ମାଳଦ୍ୱୀପରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ପଛରେ ଅଛନ୍ତି । ତେଣୁ ମୁଇଜୁ କେବେ ଚାହିଁବେ ନାହିଁ, ଭାରତକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଦେବା ପାଇଁ । ଏହାର ସୂଚନା ସେ ଦେଇ ସାରିଛନ୍ତି । ଭାରତ ସହ ସମ୍ପର୍କ ତିକ୍ତ ହେବାର କିଛି ସମୟ ପରେ ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜୁ ମାଳଦ୍ୱୀପର ନିକଟତମ ସହଯୋଗୀ ଭାବରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଗଣମାଧ୍ୟମରେ କହିଛନ୍ତି । ମାଳଦ୍ୱୀପ ପ୍ରାୟ ୪୦୦ ମିଲିୟନ ଡ଼ଲାର ଋଣ ଭାରତ ଠାରୁ ନେଇଛି । ମୁଇଜୁ ତାଙ୍କ ଦେଶର ଆର୍ଥିକ ଅସୁବିଧାକୁ ଦୂର କରିବା ପାଇଁ ଋଣ ସର୍ତ୍ତାବଳୀରେ କିଛିଟା କୋହଳ ଆଶା କରୁଛନ୍ତି । ଏଇଟା ହିଁ ଉପଯୁକ୍ତ ସମୟ, ଭାରତ ନିଜର କୂଟନୈତିକ ସମ୍ପର୍କ ବଳରେ, ମାଳଦ୍ୱୀପ ବିକାଶରେ ନିଜର ଭୂମିକାକୁ ବଢ଼ାଇବା ଉଚିତ, ଯାହା ଦୁଇ ଦେଶ ମଧ୍ୟରେ ପୁଣି ସମ୍ପର୍କ ନିବିଡ କରିବା ସହ ଚୀନର ଅନୁପ୍ରବେଶକୁ ରୋକିପାରିବ । ଚୀନ୍ ବର୍ତ୍ତମାନ ଭାରତ ମହାସାଗରରେ ନିଜର ଶକ୍ତି ବିସ୍ତାର କରୁଛି । ଚୀନ ମୁଖ୍ୟ ସି ଜିନ୍‌ପିଙ୍ଗ ଭାରତ ମହାସାଗରକୁ ମ୍ୟାରିଟାଇମ ଶିଲ୍କ ରୁଟ (ଏମଏସଆର) ପ୍ରକଳ୍ପରେ ପରିଣତ କରିଛନ୍ତି - ବେଲ୍ଟ ଆଣ୍ଡ ରୋଡ ଇନିସିଏଟିଭ (BRI) ର ଏକ ଶାଖା ଯାହା ୟୁରୋସିଆ ଏବଂ ଆଫ୍ରିକାର ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏକ ଟ୍ରିଲିୟନ ଡଲାରରୁ ଅଧିକ ଟଙ୍କାର ଭିତ୍ତିଭୂମି ନେଇ ପ୍ରତିଶ୍ରୁତି ଦେଇଛି । ଏଥିସହ ସେ ସେସେଲସ, ମରିସସ୍, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ଭଳି ଭାରତ ମହାସାଗରର ଦ୍ୱୀପପୁଞ୍ଜ ଦେଶମାନଙ୍କ ସହିତ ରଣନୀତିକ ସମ୍ପର୍କକୁ ଦୃଢ କରିବାକୁ ପ୍ରତିଶ୍ରୁତିବଦ୍ଧ । ଏହି ପ୍ରରିପ୍ରେକ୍ଷୀରେ, ଭାରତ ମାଳଦ୍ୱୀପ ସହ ସମ୍ପର୍କ ନିବିଡ କରିବା ଜରୁରୀ ଏବଂ ଯେଉଁଥିପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ମୁଇଜୁ ଡିସେମ୍ବର ମାସରେ ଦୁବାଇରେ ମୋଦିଙ୍କୁ ଭେଟିଥିଲେ ଏବଂ ଦୁଇ ଦେଶ ଫେବୃଆରୀରେ ମିଳିତ ନୌସେନା ଅଭ୍ୟାସ କରିଛନ୍ତି । ତେଣୁ ଆଶାକରିବା ଦୁଇ ଦେଶର ସମ୍ପର୍କ ପୁଣି ଥରେ ପୂର୍ବାବସ୍ଥାକୁ ଫେରିଆସିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ବ୍ରହ୍ମାଣ୍ଡରେ 'ଡାର୍କ ମ୍ୟାଟର'



ଅସିତ ମହାନ୍ତି

ଆମର ଏହି ବ୍ରହ୍ମାଣ୍ଡ ବହୁତ ବିସ୍ତୃତ ଏହି ବିଶାଳ ବ୍ରହ୍ମାଣ୍ଡରେ ଜିନିଷ କେବେ କିମ୍ବା କିପରି ଘଟିବ ତାହା କେହି କହିପାରିବେ ନାହିଁ । ଆମର ବ୍ରହ୍ମାଣ୍ଡର ୯୫ ପ୍ରତିଶତ ଆମ ପାଇଁ ଦୃଶ୍ୟମାନ ନୁହେଁ । ଅର୍ଥାତ୍, ବ୍ରହ୍ମାଣ୍ଡର ଯେଉଁ ଅଂଶ ଆମେ ଦେଖୁଛୁ, ତାହା ହେଉଛି ସମୁଦାୟ ଅଂଶର ମାତ୍ର ୫ ପ୍ରତିଶତ । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ବ୍ରହ୍ମାଣ୍ଡର ୯୫ ପ୍ରତିଶତ ଅନ୍ଧକାର ପଦାର୍ଥରେ ଗଠିତ । ତେଣୁ, ଆମର ବ୍ରହ୍ମାଣ୍ଡ ପ୍ରାୟତଃ ଅଜ୍ଞାତ ହୋଇ ରହିଥାଏ । ଆମେ ଏହା ବିଷୟରେ କିଛି ଜାଣି ନାହୁଁ । ଅନ୍ଧାର ବିଷୟଟି ଅତ୍ୟନ୍ତ ରହସ୍ୟମୟ ଅଟେ ।

'ଅନ୍ଧାର ବିଷୟ' ବିଷୟରେ ଗୋଟିଏ ବିଶେଷ କଥା ହେଉଛି ଆମେ ଏହାକୁ ଅନୁଭବ କିମ୍ବା ଦେଖିପାରୁ ନାହୁଁ । ତେଣୁ, ଆପଣ କଳ୍ପନା କରିପାରିବେ ଏହି ଜିନିଷ ବିଷୟରେ କୌଣସି ସୂଚନା ଖୋଜିବା କେତେ କଷ୍ଟକର । ଦୀର୍ଘ ସମୟ ଧରି ବୈଜ୍ଞାନିକମାନେ ଅନ୍ଧାର ବିଷୟ ସମ୍ବନ୍ଧୀୟ ମିଶନଗୁଡିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ବାବଦରେ କୌଣସି ଉଲ୍ଲେଖନୀୟ ସଫଳତା ହାସଲ ହୋଇନାହିଁ । ଏହା ବିଷୟରେ ସୂଚନା କିପରି ସଂଗ୍ରହ କରାଯାଇପାରିବ, ସେ ନେଇ ବୈଜ୍ଞାନିକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ତା' ହେଲେ,ଏହି ଡାର୍କ ମ୍ୟାଟର କଣ ? ସମ୍ପ୍ରତି, ବୈଜ୍ଞାନିକମାନେ ଏକ ରିପୋର୍ଟ ପ୍ରକାଶ କରିଛନ୍ତି ଯାହା ବୋଧହୁଏ ଆପଣଙ୍କ ମନକୁ ପ୍ରଭାବିତ କରିବ ।

ବାସ୍ତବରେ କଥାଟି ହେଉଛି ଏହା ପୂର୍ବରୁ, 'ଅନ୍ଧାର ବିଷୟ' ବିଷୟରେ ଜାଣିବା ଏକ ସହଜ କାମ ନୁହେଁ । କିନ୍ତୁ ବର୍ତ୍ତମାନ ଆମର ଏପରି କିଛି ଟେକ୍ନୋଲୋଜି ଅଛି, ଯାହା ମାଧ୍ୟମରେ ଆମେ ଅନ୍ଧକାର ବିଷୟରେ ଅନେକ ତଥ୍ୟ ସଂଗ୍ରହ କରିପାରିବା । ବୈଜ୍ଞାନିକମାନେ କୁହନ୍ତି ଯେ, ସମାନ ଟେକ୍ନୋଲୋଜିକୁ ବ୍ୟବହାର କରି ଆମେ ସ୍ପେସ୍-ଟାଇମ୍‌ରେ ସୃଷ୍ଟି ହେଉଥିବା ତରଙ୍ଗକୁ ଚିହ୍ନଟ କରିଥାଉ, ଆମେ ମଧ୍ୟ ଅନ୍ଧାରର ବିଷୟ ବିଷୟରେ ଜାଣିପାରିବା ଅନ୍ଧାର ପଦାର୍ଥ କାହିଁକି ସ୍ୱତନ୍ତ୍ର ? ଗୋଟିଏ ସିଦ୍ଧାନ୍ତ ଅନୁଯାୟୀ, ମହାକାଶରେ ଉପସ୍ଥିତ ଥିବା କେତେକ ବିଶେଷ ଉପଗ୍ରହ ମାଧ୍ୟମରେ ବୈଜ୍ଞାନିକମାନେ ଅନ୍ଧକାର ପଦାର୍ଥର ଉପସ୍ଥିତି ସହଜରେ ଜାଣିପାରିବେ । କାରଣ ଅନ୍ଧାର ପଦାର୍ଥ ଆଲୋକକୁ ଅବଶୋଷଣ, ପ୍ରତିଫଳିତ କିମ୍ବା ପ୍ରଭାବିତ କରିନପାରେ, କିନ୍ତୁ ଏହି ବିଷୟଟି ଏକ ଢାଞ୍ଚାରେ ମାଧ୍ୟାକର୍ଷଣ ଶକ୍ତି ଉପରେ ଏକ ଶକ୍ତିଶାଳୀ ପ୍ରଭାବ ପକାଇଥାଏ । ଅନ୍ଧକାର ପଦାର୍ଥ ମଧ୍ୟ ଆମ ଉପରେ ବହୁତ ପ୍ରଭାବ ପକାଇଥାଏ । ତେଣୁ ଏହି ଜିନିଷକୁ କେବେବି ଅଣଦେଖା କରାଯାଇପାରିବ ନାହିଁ । କେତେକ ବୈଜ୍ଞାନିକ ଏହା ମଧ୍ୟ କହିଛନ୍ତି ଯେ ବ୍ରହ୍ମାଣ୍ଡ ଅନ୍ଧକାର ପଦାର୍ଥ ଉପରେ ନିର୍ମିତ ଏବଂ ଏହା ବିନା ବ୍ରହ୍ମାଣ୍ଡର ଅସ୍ତିତ୍ୱ ନାହିଁ ।

ଯଦିଓ ଏହି ବିଷୟରେ ଅନେକ ବୈଜ୍ଞାନିକଙ୍କର ମଧ୍ୟ ଭିନ୍ନ ମତ ରହିଛି । ଅନ୍ଧକାର ପଦାର୍ଥ ପ୍ରକୃତରେ ଆମ ଜୀବନକୁ ପ୍ରଭାବିତ କରିବ କି? ବର୍ତ୍ତମାନ ଏହି ପ୍ରଶ୍ନ ହୁଏତ ଅନେକ ଲୋକଙ୍କ ମନରେ ଆସୁଛି, କାହିଁକି ଏହି ଅନ୍ଧକାର ଏତେ ସ୍ୱତନ୍ତ୍ର? ସର୍ବଶେଷରେ, ଏଥିରେ କ'ଣ ଅଛି ଯାହା ସମସ୍ତଙ୍କୁ ଆକର୍ଷିତ କରିଥାଏ ? ଆମ ବ୍ରହ୍ମାଣ୍ଡରେ ଅନ୍ଧକାର ପଦାର୍ଥ ହେଉଛି ଏକମାତ୍ର ଜିନିଷ ଯାହା ସବୁ ସ୍ଥାନରେ ବହୁ ପରିମାଣରେ ଉପସ୍ଥିତ । କିନ୍ତୁ ଏହାର ଗୁଣ ଏବଂ ଗଠନ ବିଷୟରେ ଆମେ କିଛି ଜାଣିନାହୁଁ । ବୈଜ୍ଞାନିକଙ୍କ ଅନୁଯାୟୀ, ଅନ୍ଧକାର ବିଷୟ ବିଷୟରେ ଜାଣିବା ଏକ କଷ୍ଟକର ପଜଲ୍ ସମାଧାନ କରିବା ପରି । ତୁମେ ଯେତେ ସମାଧାନ କରିବାକୁ ଚାହୁଁଛ, ସେତେ ଅଧିକ ତୁମେ ଏଥିରେ ଅଟକି ଯିବ । ସମ୍ପ୍ରତି ବୈଜ୍ଞାନିକମାନେ ଏକ ବହୁତ ଭଲ ପଦ୍ଧତି ଆବିଷ୍କାର କରିଛନ୍ତି, ଯାହା ମାଧ୍ୟମରେ ଆମେ ସହଜରେ ଅନ୍ଧକାର ପଦାର୍ଥ ଆବିଷ୍କାର କରିପାରିବା । ଏହାକୁ ଖୋଜିବା ପାଇଁ, ମାଧ୍ୟାକର୍ଷଣ ତରଙ୍ଗ ଡିଟେକ୍ଟର ଆବଶ୍ୟକ ହେବ । ଏହି ପ୍ରକାର ଉପକରଣ ପ୍ରଥମେ ଆଇନଷ୍ଟାଇନଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିଲା । ଏହି ଯନ୍ତ୍ରଟି ବ୍ରହ୍ମାଣ୍ଡରେ ଉପସ୍ଥିତ ଥିବା ହାଲୁକା ମାଧ୍ୟାକର୍ଷଣ ୱେଭ୍‌କୁ ମଧ୍ୟ ସହଜରେ ଚିହ୍ନଟ କରିପାରିବ । ଏହା ସହିତ ଆମେ ସଠିକ୍ ଭାବରେ ଅନ୍ଧକାର ପଦାର୍ଥର ଉପସ୍ଥିତି ଜାଣିପାରିବା ।

ଅନ୍ଧକାର ପଦାର୍ଥର ଗୁଣ ବିଷୟରେ ଅନେକ ତତ୍ତ୍ୱ ଅଛି, ଯାହା କହେ ଯେ ଡାର୍କ ପଦାର୍ଥ ଗ୍ୟାଲେକ୍ସିରେ ଅନେକ ବଡ଼ ଗାଲାକ୍ଟିକ୍ ହାଲୋ ସୃଷ୍ଟି କରେ । କେତେକ ବୈଜ୍ଞାନିକ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ଅନ୍ଧକାର ପଦାର୍ଥ ଏକ ହାଲୁକା କଣିକା । କିନ୍ତୁ କିଛି ବୈଜ୍ଞାନିକ ଅଛନ୍ତି ଯେଉଁମାନେ ଏହା ବିଶ୍ୱାସ କରନ୍ତି ଅନ୍ଧାର ପଦାର୍ଥ ସବୁବେଳେ ତରଙ୍ଗ ଅବସ୍ଥାରେ ରହିଥାଏ । ତେଣୁ ଏହାର ତରଙ୍ଗ ପରି ସ୍ୱରୂପ ମଧ୍ୟ ରହିପାରେ । ଅନ୍ଧାର ପଦାର୍ଥ ଏକ ତରଙ୍ଗ କି ?-ବର୍ତ୍ତମାନ ଅନେକ ବୈଜ୍ଞାନିକ ଅନ୍ଧକାର ପଦାର୍ଥକୁ ୱେଭ୍ (ତରଙ୍ଗ) ଢାଞ୍ଚା ଭାବରେ ବିଚାର କରୁଛନ୍ତି । କିନ୍ତୁ ଆଜି ମଧ୍ୟ ଏହାକୁ ନେଇ ଅନେକ ବିବାଦ ଲାଗି ରହିଛି । ଅନ୍ଧାର ପଦାର୍ଥର ଆଚରଣକୁ ନେଇ ସାରା ବିଶ୍ୱରେ ବୈଜ୍ଞାନିକମାନଙ୍କ ମଧ୍ୟରେ ଅନେକ ବିତର୍କ ଚାଲିଛି । କିନ୍ତୁ ସବୁଠାରୁ କୌତୁହଳପୂର୍ଣ୍ଣ ବିଷୟ ଯାହା ସାମ୍ନାକୁ ଆସିଛି ତାହା ହେଉଛି, ବହୁ ପରିମାଣରେ ଅନ୍ଧକାର ପଦାର୍ଥ ସାଧାରଣ ତରଙ୍ଗ ପରି ଆଚରଣ କରେ । ଅନ୍ଧକାର ବିଷୟ ଅନ୍ୟ ସାଧାରଣ ତରଙ୍ଗ ପରି, ଯାହାକୁ ଆମେ ପ୍ରତିଦିନ ଅନୁଭବ କରୁ । ଅନ୍ଧାର ପଦାର୍ଥର ଏହି ତରଙ୍ଗ ପରି ରୂପ ଆମକୁ ଏହାର ଗୁଣ ବିଷୟରେ ଅନେକ ସୂଚନା ଦେଇଥାଏ । ତେଣୁ, ଏଠାରେ କିଛି ବୈଜ୍ଞାନିକ କୁହନ୍ତି, ମହାକାଶ ହେଉଛି ଏକ ମହାସାଗର ଏବଂ ମହାକାଶର ତରଙ୍ଗ ଅନ୍ଧକାରମୟ ପଦାର୍ଥ ଯେପରି ବିଭିନ୍ନ ତୀବ୍ରତାର ତରଙ୍ଗ ସବୁବେଳେ ଆସେ ଏବଂ ସମୁଦ୍ରରେ ଯାଏ, ସେହିଭଳି ମହାକାଶ ଭିତରେ ଅନ୍ଧକାର ପଦାର୍ଥ ମଧ୍ୟ ବିଭିନ୍ନ ତୀବ୍ରତାର ତରଙ୍ଗ ପରି ଗତି କରେ, ଯଦିଓ ଏ ବାବଦରେ ନିଶ୍ଚିତକରଣ ଅଛି । କିନ୍ତୁ ସେ ଯାହା ବି ହେଉ, 'ଅନ୍ଧକାର ବିଷୟ' ବିଷୟରେ କଳ୍ପନା କରିବା ମଧ୍ୟ ଆମ ପାଇଁ ଏକ ବଡ଼ କଥା । ଯଦି ଅନ୍ଧାର ପଦାର୍ଥର ପ୍ରକୃତି ପ୍ରକୃତରେ ତରଙ୍ଗ ସଦୃଶ, ତେବେ ଆମେ ସହଜରେ ମାଧ୍ୟାକର୍ଷଣ ଡିଟେକ୍ଟର ମାଧ୍ୟମରେ ଏହା ବିଷୟରେ ଅନେକ କିଛି ଜାଣିପାରିବା । ତେଣୁ ପ୍ରାୟତଃ କୁହାଯାଏ ଯେ, ଯଦି ସଠିକ୍ ଟେକ୍ନୋଲୋଜି ବ୍ୟବହାର କରି ସ୍ପେସ୍ ମିଶନ୍ ସଠିକ୍ ସମୟରେ କାର୍ଯ୍ୟକାରୀ ହୁଏ, ତା'ପରେ ହୁଏତ ବହୁତ ବଡ ଆବିଷ୍କାର କରାଯାଇପାରେ । ଆଇନଷ୍ଟାଇନଙ୍କ ଅନୁଯାୟୀ, ସ୍ପେସ୍ ଟାଇମ୍ ମଧ୍ୟରେ ଘଟୁଥିବା ଛୋଟ କମ୍ପନ ପ୍ରକୃତରେ କେବଳ ମାଧ୍ୟାକର୍ଷଣର ପରିବର୍ତ୍ତନ ହେତୁ ସମ୍ଭବ । ତେଣୁ, ସ୍ପେସ୍ ସମୟର ଛୋଟ ଛୋଟ ପରିବର୍ତ୍ତନଗୁଡ଼ିକୁ ମଧ୍ୟ ରେକର୍ଡ କରିବା ଆମ ପାଇଁ ଆବଶ୍ୟକ ହୋଇଯାଏ । ଯେତେବେଳେ ଏହିପରି କମ୍ପନ ଏକ ମାଧ୍ୟାକର୍ଷଣ ଡିଟେକ୍ଟର ଦେଇ ଗତି କରେ, ଡିଟେକ୍ଟର ଭିତରେ ଥିବା ଦୁଇଟି ଦର୍ପଣ ମଧ୍ୟରେ ଦୂରତା ମଧ୍ୟ ବଦଳିଯାଏ ।

ଦୂରତାରେ ଏହି ପରିବର୍ତ୍ତନକୁ ଚିହ୍ନଟ କରି, ଆମେ ସହଜରେ ମାଧ୍ୟାକର୍ଷଣ ୱେଭର ଅସ୍ତିତ୍ୱ ବିଷୟରେ ଜାଣିପାରିବା । ତଥାପି, କେତେକ ବୈଜ୍ଞାନିକ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ଡିଟେକ୍ଟର ଭିତରେ ଉପସ୍ଥିତ ଥିବା ଏହି ଦୁଇଟି ଦର୍ପଣ ମଧ୍ୟରେ ଦୂରତା ମଧ୍ୟ ଅନ୍ଧକାର ପଦାର୍ଥ ମାଧ୍ୟମରେ ପରିବର୍ତ୍ତନ କରାଯାଇପାରେ । ତେଣୁ, ଆପଣ ତାହା ବୁଝିପାରିବେ ଏହି ଉପକରଣଗୁଡ଼ିକ ଅନ୍ଧାର ପଦାର୍ଥର ଉପସ୍ଥିତି କେତେ ଭଲ ଭାବରେ ଚିହ୍ନଟ କରିପାରିବ । ଠିକ୍, ଏଠାରେ ଗୋଟିଏ କଥା ହେଉଛି ଅନ୍ଧାର ପଦାର୍ଥର ଆକାର ଏବଂ ଓଜନ ବିଭିନ୍ନ ଉପାୟରେ ଡିଟେକ୍ଟରରେ ସ୍ଥାପିତ ଦର୍ପଣ ଉପରେ ପ୍ରଭାବ ପକାଇପାରେ । ତେଣୁ, ଏଗୁଡିକ ପ୍ରତି ମଧ୍ୟ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ । ନଚେତ୍ ଆମେ କଦାପି ସଠିକ୍ ସୂଚନା ପାଇବାରେ ସମର୍ଥ ହେବୁ ନାହିଁ ।

**ସୁଜନପୁର , ଯାଜପୁର**
**ମୋ-୯୩୪୮୭୬୮୮୧୨**

# ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି



ହିମାଂଶୁ ଶେଖର ଆଚାର୍ଯ୍ୟ

ସବୁ ମଣିଷର ଜନ୍ମ ଏକପ୍ରକାର । କିନ୍ତୁ ଅସାଧାରଣ କର୍ମ ହିଁ ତାକୁ କାଳଜୟୀ କରିଥାଏ । ସେହିପରି ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଯେଉଁ କତିପୟ ଯୋଗଜନ୍ମା ଉତ୍କଳ ଜନନୀର କୋଳମଣ୍ଡନ କରି ସେମାନଙ୍କ କୃତି ଓ କୀର୍ତ୍ତି ବଳରେ ନିଜପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ହେଉଛନ୍ତି ଅଗ୍ରଗଣ୍ୟ । ଏକାଧାରରେ ସେ ଥିଲେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିନ୍ଧାଣି ସର୍ବୋପରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ପ୍ରକୃତରେ ରାଜା କହିଲେ ଯାହା ବୁଝାଇଥାଏ ତାହା ସ୍ପଷ୍ଟ ବାରି ହୋଇପଡୁଥିଲା ତାଙ୍କ ଚେହେରାରୁ, ଭାବଗାମ୍ଭୀର୍ଯ୍ୟରୁ ଏବଂ କାର୍ଯ୍ୟକଳାପରୁ । ସେଥିପାଇଁ ଡକ୍ଟର ହରେକୃଷ୍ଣ ମହତାବ କହିଥିଲେ- ରାଜା କହିଲେ ଯାହା ବୁଝାଯାଉଥିଲା, କୃଷ୍ଣଚନ୍ଦ୍ର ଥିଲେ ତାର ପ୍ରତୀକ-ମାନ,ଗର୍ବ ସବୁଥିରେ । ଯଥାର୍ଥରେ ସେ ଥିଲେ ପାରଳାର ପାରିଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ।

ଏହି ଯୋଗଜନ୍ମା ବରପୁତ୍ର ୧୮୯୨ ମସିହା ବୈଶାଖ ଅମାବାସ୍ୟା ତିଥି ଏପ୍ରିଲ ୨୬ ତାରିଖରେ ପିତା ରାଜା ଗୌରଚନ୍ଦ୍ର ଗଜପତି ଓ ମାତା ରାଧାମଣି ଦେବୀଙ୍କ କୋଳମଣ୍ଡନ କରି ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ନିଜଘରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ କୃଷ୍ଣଚନ୍ଦ୍ର । ଏହି ସମୟରେ ତାଙ୍କ ଗୃହଶିକ୍ଷକ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ୍ ଶ୍ୟାମସୁନ୍ଦର ରାଜଗୁରୁ, ସୁନାମଧନ୍ୟ ଶିକ୍ଷକ ଆପନ୍ନା ପଣ୍ଡାଙ୍କ ଜୀବନାଦର୍ଶ ଏବଂ ନିଜ ପିତା ଓ ପିତୃବ୍ୟ ପଦ୍ମନାରାୟଣ ଦେବଙ୍କ ଜାତୀୟ ପ୍ରୀତି ଓ ଦେଶପ୍ରେମ ଭାବ ତାଙ୍କ ଉପରେ ଗଭୀର ରେଖାପାତ କରିଥିଲା । ଏହାପରେ ତାଙ୍କ ପିତାଙ୍କ ଦ୍ୱାରା ସ୍ଥାପିତ ଉଚ୍ଚ ବିଦ୍ୟାଳୟରୁ ଏଣ୍ଟ୍ରାନ୍ସ ପାଶ୍ କଲାପରେ ସେ ମାନ୍ଦ୍ରାଜର ନ୍ୟୁଇଙ୍ଗଟନ୍ କଲେଜରୁ ସ୍ନାତ୍ତକ ଶିକ୍ଷା ଶେଷକରି ପାରଳା ଫେରିଥିଲେ । ୧୯୧୩ ମସିହାରେ ଏପ୍ରିଲ ୧୩ ରେ ରାଜପଦରେ ଅଭିଷିକ୍ତ ହୋଇଥିଲେ ସେ,ପାରଳାର ମହାରାଜା ରୂପେ । ସେତେବେଳକୁ ତାଙ୍କୁ ମାତ୍ର ୨୧ ବର୍ଷ । ମାନ୍ଦ୍ରାଜରେ ପଢିବା ବେଳେ କୃଷ୍ଣଚନ୍ଦ୍ର ସ୍ପଷ୍ଟଭାବେ ବୁଝିପାରିଥିଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡିକ ଚାରିଗୋଟି ପ୍ରଦେଶରେ ରହିଥିବାରୁ ତାର ଉନ୍ନତି ହୋଇପାରୁନାହିଁ । ନିଜର ପୂର୍ବଜମାନଙ୍କ ପରି ସେ ସ୍ୱାଧୀନଚେତା ଓ ପ୍ରଜାନୁରଞ୍ଜନ ଥିଲେ । ପ୍ରଜାଙ୍କ ପାଇଁ ରାଜା ଏକଥା ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ । ତାଙ୍କର ମୂଳ ଲକ୍ଷ୍ୟ ଥିଲା ଓଡିଆ ଭାଷା ଓ ସଂସ୍କୃତି ସୁରକ୍ଷା ସହ ଓଡ଼ିଆ ଜାତିର ପ୍ରାଦେଶିକ ସ୍ୱତନ୍ତ୍ରତା ।

ବିଖଣ୍ଡିତ ଓଡ଼ିଶା, ଲୁପ୍ତପ୍ରାୟ ଓଡ଼ିଆ ଭାଷାର ପୁନରୁଦ୍ଧାର ପାଇଁ ଚେଷ୍ଟିତ କୁଳବୃଦ୍ଧ ମଧୁସୂଦନଙ୍କ ଆହ୍ୱାନରେ ଆକର୍ଷିତ ହେଲେ ସେ । ଓଡିଆମାନଙ୍କୁ ଏକଜୁଟ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ତାଙ୍କ ପ୍ରାଣ ଚିତ୍କାର କରିଉଠିଲା । ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ମହାରାଜାଙ୍କ ପୃଷ୍ଠପୋଷକତାରେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେହି ଅଧିବେଶନରେ ଉଦ୍‌ବୋଧନ ଦେଇ ମହାରାଜା କୃଷ୍ଣଚନ୍ଦ୍ର ଦାବି କରିଥିଲେ ଯେ ଓଡିଆ ଭାଷାଭାଷୀମାନଙ୍କୁ ଏକ ଶାସନାଧୀନ କରିବା ଆମର ଲକ୍ଷ୍ୟ ନୁହେଁ ବରଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆମର ଲକ୍ଷ୍ୟ । ଏଇ କଥା ଉତ୍କଳ ପ୍ରଦେଶ ଗଠନ ଧାରାରେ ଏକ ନୂତନ ମୋଡ ସୃଷ୍ଟି କରିଥିଲା । ଏହି ସମ୍ମିଳନୀରେ କୃଷ୍ଣଚନ୍ଦ୍ରଙ୍କ କାର୍ଯ୍ୟକୁଶଳତା ଓ ଆତିଥେୟତାରେ ସମସ୍ତେ ଅଭିଭୂତ ହୋଇଯାଇଥିଲେ । ଏପରିକି ସମ୍ମିଳନୀ ପାଇଁ ମହାରାଜା ନିଜ ହାତରୁ ୧୦,୦୦୦ଟଙ୍କା ଦାନ କରିଥିଲେ । ସମ୍ମିଳନୀ ମଣ୍ଡପରେ କୁଳବୃଦ୍ଧ ମଧୁସୂଦନ କୃଷ୍ଣଚନ୍ଦ୍ର ଗଜପତିଙ୍କର ଭୁରିଭୁରି ପ୍ରଶଂସା କରିଥିଲେ ଓ କହିଥିଲେ ଯେ ଉତ୍କଳମାତାର ମୁଖ ଦିନେ ରାଜା କୃଷ୍ଣଚନ୍ଦ୍ର ଉଜ୍ଜ୍ୱଳ କରିବେ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଜପତି କୃଷ୍ଣଚନ୍ଦ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଆପଣାର ଲକ୍ଷ୍ୟ ହାସଲ ପାଇଁ ସେ ଅବିରତ ଉଦ୍ୟମ ଚଳାଇଥିଲେ ଓ ଅନ୍ୟମାନଙ୍କ ମତାମତ ପ୍ରତି ଭ୍ରୁକ୍ଷେପ କରିନଥିଲେ । ସାରା ଭାରତର ଜନସାଧାରଣ ଯେତେବେଳେ ସାଇମନ୍ କମିଶନକୁ ବିରୋଧ କରାଯାଇଥିଲା, ସେତେବେଳେ ସେ ନିର୍ଭୟରେ ମାନ୍ଦ୍ରାଜ ଯାଇ ନିଜର ସାକ୍ଷ୍ୟ ପ୍ରଦାନ କରିଥିଲେ । ତିନି ତିନି ଥର ନିଜ ଖର୍ଚ୍ଚରେ ଇଂଲଣ୍ଡ ଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନେଇ ଦୃଢ ଦାବି ଉପସ୍ଥାପିତ କରିଥିଲେ । ୧୯୩୧ ମସିହା ପ୍ରଥମ ଗୋଲଟେବୁଲ ବୈଠକରେ ମହାରାଜା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରିବା ପ୍ରସ୍ତାବକୁ ଏପରି ଗୁରୁତ୍ୱ ଦେଇଥିଲେ ଯେ ପରିଣାମସ୍ୱରୂପ ଇଂରେଜ ସରକାର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ପ୍ରକୃତ ସମୟ ଉପସ୍ଥିତ ହୋଇଯାଇଥିଲା ବୋଲି ଅନୁଭବ କରିଥିଲେ । ୧୯୩୩ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଓଡିଶା ପ୍ରଦେଶ ଗଠନ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ ପାଇଲା । ଏଥିରେ ପାରଳାଖେମୁଣ୍ଡି ଓ ଜୟପୁରକୁ ଓଡିଶା ସହିତ ମିଶାଇବା ପାଇଁ ସୁପାରିଶ କରାଯାଇନଥିଲା । କୃଷ୍ଣଚନ୍ଦ୍ର ଗଜପତି ପୁନର୍ବାର ଇଂଲଣ୍ଡ ଗଲେ । ବହୁ ଆଲୋଚନା ପରେ ପାରଳାଖେମୁଣ୍ଡି ଓ ଜୟପୁର ଓଡିଶାରେ ମିଶିଲା । ପରିଶେଷରେ ଛଅଗୋଟି ଜିଲ୍ଲା - କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁରକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା ୧୯୩୬ ମସିହା ଏପ୍ରିଲ ପହିଲାରେ । ଜୀବଦ୍ଦଶାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦେଖିବା ପାଇଁ କୃଷ୍ଣଚନ୍ଦ୍ର ଦେବଙ୍କ ସ୍ୱପ୍ନ ସାକାର ହେଲା । ମହାରାଜାଙ୍କ ଯଶଗାନ କରିବାକୁ ଓଡିଶାରେ କାର୍ଯ୍ୟ କରିଥିବା ତତ୍‌କାଳୀନ କମିଶନର ମିଃ ସି.ଏଲ୍. ଫିଲିପ୍ କହିଥିଲେ - ଏହି ପବିତ୍ର କାର୍ଯ୍ୟରେ ମହାରାଜାଙ୍କ ଅବଦାନ ଓଡିଶା କଦାପି ଭୁଲିପାରିବ ନାହିଁ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏକ ବର୍ଷପରେ ୧୯୩୭ ମସିହାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଧାନ ମନ୍ତ୍ରୀତ୍ୱରେ ଓଡିଶାରେ ପ୍ରଥମ ମନ୍ତ୍ରୀମଣ୍ଡଳ ଗଠନ କରାଯାଇଥିଲା । ପୁନଶ୍ଚ ୧୯୪୧ ମସିହାରୁ ୧୯୪୪ ପର୍ଯ୍ୟନ୍ତ ଦ୍ୱିତୀୟଥର ପାଇଁ ସେ ଏହି ପଦବୀରେ ଅଧିଷ୍ଠିତ ହୋଇଥିଲେ । ମହାରାଜାଙ୍କ ସହଯୋଗୀ ମନ୍ତ୍ରୀ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଅବଦୁସ୍ ଶୋଭାନ ଖାଁ । ମହାରାଜା ଚାହୁଁନଥିଲେ କ୍ଷମତାଭିତ୍ତିକ ରାଜନୀତି । ତାଙ୍କ ଆନ୍ତରିକ କାମନା ଥିଲା ଓଡିଶା ଓ ଓଡ଼ିଶାବାସୀଙ୍କ ଉନ୍ନତି । ତାଙ୍କରି ଉଦ୍ୟମରେ ଶିକ୍ଷାର ବିକାଶ ପାଇଁ ଭୁବନେଶ୍ୱରରେ ଉତ୍କଳ ବିଶ୍ୱବିଦ୍ୟାଳୟ, କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା ସହ କଟକର ବିଦ୍ୟାଧରପୁର ଧାନଗବେଷଣା କେନ୍ଦ୍ର ଆଦିର ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ।

ସ୍ନାତକୋତ୍ତର ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ରେଭେନ୍ସା କଲେଜ ସଙ୍ଗେ ସଙ୍ଗେ ବ୍ରହ୍ମପୁର ଖଲିକୋଟ କଲେଜରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରାଗଲା । ଏଥି ସହିତ କୃଷି ଓ ଶିଳ୍ପର ବିକାଶକୁ ଅଗ୍ରାଧିକାର ଦେଇଥିଲେ କୃଷ୍ଣଚନ୍ଦ୍ର ଗଜପତି । କେବଳ ରାଜନୀତି, ଶିଳ୍ପ, କାରିଗରି, କୃଷି ନୁହେଁ ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା । ଗୋପୀନାଥ ନନ୍ଦଙ୍କ ରଚିତ ଶବ୍ଦତତ୍ତ୍ୱ ଅଭିଧାନ ଓ ଜଗବନ୍ଧୁ ସିଂହଙ୍କ ପ୍ରାଚୀନ ଉତ୍କଳ ଗ୍ରନ୍ଥ ଆଦିର ପ୍ରକାଶନ ନିମନ୍ତେ ସହାୟତା କରିଥିଲେ ଗଜପତି । ଏତଦ୍‌ବ୍ୟତୀତ ବହୁ ପାନ୍ଥଶାଳା, ମନ୍ଦିର, ମଠ ଆଦି ନିର୍ମାଣ କରି ନିଜକୁ ଯଶସ୍ୱୀ କରିଯାଇଛନ୍ତି ।

ଏହି ଯୋଗଜନ୍ମା ମହାରାଜାଙ୍କର ମହାପ୍ରୟାଣ ଘଟିଲା ୧୯୭୪ ମସିହା ମଇ ମାସ ୨୫ ତାରିଖରେ । ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା । ଯଦି ଓଡିଆ ଜାତି ତାଙ୍କ ବ୍ୟକ୍ତିତ୍ୱର ଗୋଟିଏ ଦିଗ ସ୍ମରଣରେ ମଥାନତ କରିବା କଥା ତାହା ହେଲା ତାଙ୍କର ଜାତୀୟ ଭାବ, ତାଙ୍କର ଓଡିଆ ପ୍ରାଣ ।

**ସଭାପତି ସାରସ୍ୱତ ପରିଷଦ,**
**ଜଗତସିଂହପୁର,**
**ମୋ - ୯୯୩୭୧୫୧୦୫୨**

ଅମୃତବାଣୀ

# ପରିଶ୍ରମ ହିଁ ଜୀବନ...

ଜୀବନରେ ଯଦି କିଛିବି ପାଇବାକୁ ଚାହୁଁଛ, ତା'ହେଲେ ପରିଶ୍ରମ କରିବାକୁ ପଡିବ । ବିନା ପରିଶ୍ରମରେ ସଫଳତାର ସ୍ୱାଦ ଚାଖିହେବ ନାହିଁ । ଆଉ ଆପଣଙ୍କ ଜୀବନରେ ସଫଳତା-ବିଫଳତାରେ ଭାଗ୍ୟର ମଧ୍ୟ ବଡ ଯୋଗଦାନ ରହିଥାଏ । କିନ୍ତୁ ଆମକୁ ଏହା ବୁଝେଇବାକୁ ହେବକି ଗୋଟିଏ ମୁଦ୍ରାର ଗୋଟିଏ ପାର୍ଶ୍ୱ ଯଦି ଭାଗ୍ୟ ହେଲା, ତା'ହେଲେ ଆରପଟ ପାର୍ଶ୍ୱ ପରିଶ୍ରମ । ଆପଣଙ୍କ ଭାଗ୍ୟରେ ଯାହାକିଛି ପାଇବାର ଲେଖା ଅଛି,ତା' ପାଇଁ ଆପଣଙ୍କୁ କିଛି ପରିଶ୍ରମ କରିବାକୁ ପଡିବ । ବାସ୍ତବରେ ଶ୍ରମର ମହତ୍ତ୍ୱକୁ ଯେ କୌଣସି ଯୁଗରେ ଏଡେଇ ଦିଆଯାଇ ପାରିବନି । ଆମର ବର୍ତ୍ତମାନର ଉନ୍ନତ ସଭ୍ୟତା ଏବଂ ସଂସ୍କୃତି ଆଦିକାଳରୁ ମନୁଷ୍ୟ ଦ୍ୱାରା କରାଯାଇଛି , ଯାହା ଅନବରତ ପରିଶ୍ରମର ହିଁ ପ୍ରତିଫଳ ଅଟେ । ପରିଶ୍ରମର ଅନିବାର୍ଯ୍ୟତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦେଖାଯାଇପାରିବ । ଜୀବନରେ ଯେ କୌଣସି କାର୍ଯ୍ୟ ପରିଶ୍ରମରୁ ହିଁ ସିଦ୍ଧ ହୋଇଥାଏ ଅର୍ଥାତ୍ ପରିଶ୍ରମ ହିଁ ଜୀବନ ଅଟେ । ଭଗବାନ ଶ୍ରୀକୃଷ୍ଣ ଗୀତରେ ନିଃସ୍ୱାର୍ଥ କର୍ମର ଶିକ୍ଷା ଦେଇଛନ୍ତି । କବୀର ଦାସ ମଧ୍ୟ କହିଛନ୍ତି, ପରିଶ୍ରମ ହିଁ ସଫଳତାର ଚାବିକାଠି । ଏହି ଦୁନିଆରେ ତମାମ ସୁଖ-ସୁବିଧାର ସାଧନ ଦେବାବାଲା ଶ୍ରେୟ ପରିଶ୍ରମୀ ବ୍ୟକ୍ତିତ୍ୱଙ୍କର ଅଟେ, ଯିଏ ଅବରୋଧର ସଂଘର୍ଷ କରି ନିରନ୍ତର ଶ୍ରମ କରିଥାନ୍ତି । ଶ୍ରମ ତେଣିକି ଶାରୀରିକ ହେଉ ଅଥବା ମାନସିକ । ଦୁଇଶହ ବର୍ଷ ପୂର୍ବେ ନେପୋଲିୟନଙ୍କ ଦ୍ୱାରା ପଦଦଳିତ ଜର୍ମାନୀର ଗୌରବକୁ ପୁନଃ ଫେରେଇବାବାଲା ମହାନାୟକ ଆଟୋବାନ ବିସ୍ମାର୍କ ମଧ୍ୟ ଶ୍ରମର ମହତ୍ତ୍ୱ ବଡେଇ କହିଥିଲେ,ଯୁବକଙ୍କ ପାଇଁ ମୋର ସନ୍ଦେଶ ତିନି ଶବ୍ଦରେ ହେଲା-ପରିଶ୍ରମ, ପରିଶ୍ରମ, ପରିଶ୍ରମ ! ପରିଶ୍ରମରେ ବିଶ୍ୱାସ ରଖୁଥିବାବାଲା ବ୍ୟକ୍ତି ହିଁ ସବୁ ସ୍ତରରେ ପ୍ରସନ୍ନ ରହିଥାଏ । ନିଜର ପରିଶ୍ରମର ଫଳସ୍ୱରୂପ ପ୍ରାପ୍ତ ସଫଳତା ତାକୁ ଉତ୍ତୋରତ୍ତର ଏବଂ ଅଧିକ ପରିଶ୍ରମ ପାଇଁ ତାକୁ ପ୍ରେରିତ କରିଥାଏ । ଆଉ ନିଜର ଶ୍ରମଲାଭରେ ସନ୍ତୁଷ୍ଟ ହୋଇକରି ସେ ମାନସିକ ଶାନ୍ତିର ଅନୁଭବ କରିଥାଏ । ପ୍ରକୃତ ପରିଶ୍ରମୀ ବ୍ୟକ୍ତି ସର୍ବତ୍ର ସମ୍ମାନ ପ୍ରାପ୍ତ କରିଥାଏ । ସଂସାରରେ ଯେତେ ମହାନ ବ୍ୟକ୍ତି ହୋଇଛନ୍ତି, ସେମାନେ କୌଣସି ବଡ କୁଳରୁ ଜନ୍ମ ନେଇକରି ମହାନ ହେଇନଥାନ୍ତି । ତାଙ୍କର ଏହି ମହାନତାର ପଛରେ ପରିଶ୍ରମ ଆଉ ସଂଘର୍ଷର ଲମ୍ବା କାହାଣୀ ଲୁଚି ରହିଛି ।



**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁଇଦିନ...

ତାପମାତ୍ରା ଅନୁଭୂତ ହୋଇଛି ।

ଆଗାମୀ ଦୁଇଦିନ ମଧ୍ୟରେ ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ଆହୁରି ବୃଦ୍ଧି ପାଇବ । ୨ରୁ ୩° ତାପମାତ୍ରା ବୃଦ୍ଧି ପାଇପାରେ । ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୫ଦିନ ପର୍ଯ୍ୟନ୍ତ କମିବ ନାହିଁ । ସ୍ୱାଭାବିକ ତାପମାତ୍ରା ତୁଳନାରେ ୩ରୁ ୬° ଯାଏଁ ଅଧିକ ରହିବା ସହ ଭୀଷଣ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଲାଗି ରହିବ ।

ଆସନ୍ତାକାଲି (ଶୁକ୍ରବାର)ଠାରୁ ଦୁଇଦିନ ଯାଏ କେତେକ ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହୋଇପାରେ । ଗଜପତି, ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ଢେଙ୍କାନାଳ, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ଶନିବାର ଗଜପତି, ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ଢେଙ୍କାନାଳ, ଭଦ୍ରକ, ଖୋର୍ଦ୍ଧା, ସୁନ୍ଦରଗଡ଼, କେନ୍ଦୁଝର, ନୂଆପଡ଼ା, ସୋନପୁର, ବଲାଙ୍ଗୀର, କଳହାଣ୍ଡି ଓ ବୌଦ୍ଧ ଜିଲ୍ଲାରେ ମଧ୍ୟ ଭୀଷଣ ଗ୍ରୀଷ୍ମ ଲହରୀ ଜାରି ରହିବ । ଏଥିପାଇଁ ଏହିସବୁ ଜିଲ୍ଲାଗୁଡ଼ିକ ଲାଗି ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି ।

ଆଗାମୀ ୩ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଜାରି ରହିବ । ତେବେ ଶୁକ୍ରବାରଠାରୁ ୨୮ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଅନୁଗୁଳ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଦେବଗଡ଼, ବୌଦ୍ଧ, ସୋନପୁର, ମାଲକାନଗିରି, କନ୍ଧମାଳ, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗୀର, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଏଥିପାଇଁ ଏହିସବୁ ଜିଲ୍ଲାଗୁଡ଼ିକ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କତା କରିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) । ରାଜ୍ୟରେ ଯେପରି ୧୧ଟା ପରେ ଘରୁ ନବାହାରିବାକୁ ପରାମର୍ଶ ଦିଆଯାଇଛି ।

## ଆଜି...

ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ମଧ୍ୟ ରାଜନନ୍ଦାଗାଓଁରୁ ନିର୍ବାଚନ ଲଢୁଛନ୍ତି । ମଧ୍ୟପ୍ରଦେଶର ବିଜେପି ନେତା ବୀରେନ୍ଦ୍ର କୁମାର ଖାଟିକ୍ ମଧ୍ୟ ନିର୍ବାଚନ ଲଢ଼ିଛନ୍ତି ।

## ରାଜ୍ୟରେ...

ଆସିବାର ଅଛି। ଆଗାମୀ ଦିନରେ ଏହାକୁ ପାଥେୟ କରି ବିଜେପି ନିର୍ବାଚନ ଲଢ଼ିବ ବୋଲି କହିଥିଲେ ।

ଶ୍ରୀ ଶାହ କହିଛନ୍ତି, କେନ୍ଦ୍ର ସରକାର ଯେତିକି ଟଙ୍କା ଦେଉଛନ୍ତି, ରାଜ୍ୟ ସରକାର ତାହା ବିନିଯୋଗ କରିପାରୁ ନାହିଁ। ବିଜେପିର ସରକାର ଟ୍ୟାପ ଦ୍ୱାରା ପ୍ରତ୍ୟେକ ଘରକୁ ପାଣି ଯୋଗାଇବ । ନବୀନ ସରକାରଙ୍କୁ ଡର ଯେ, ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁହେଲେ ରାଜ୍ୟ ସରକାରଙ୍କ ଲୋକପ୍ରିୟତା କମି ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ବଢ଼ିଯିବ । ଦେଶର ସୁରକ୍ଷା ପ୍ରସଙ୍ଗରେ ସଭାରେ କଂଗ୍ରେସକୁ ମଧ୍ୟ ଟାର୍ଗେଟ କରି ସେ କହିଥିଲେ କଶ୍ମୀର ପ୍ରସଙ୍ଗ, ଧାରା ୩୭୦ ଉପରେ ମଧ୍ୟ କହିଥିଲେ। ୨୦୧୯ ଅଗଷ୍ଟ ୫ରେ ମୋଦୀ ଧାରା ୩୭୦କୁ ଶେଷ କରିଥିଲେ। ଆତଙ୍କବାଦ ଓ ମାଓବାଦକୁ ମୋଦୀ ଶେଷ କରିଛନ୍ତି। ମୋଦୀ ସରକାର ପୁଲୱାମାର ଜବାବ ୧୦ ଦିନ ଭିତରେ ଦେଇଥିଲେ। ପାକିସ୍ତାନରେ ପ୍ରବେଶ କରି ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲେ। ଶ୍ରୀ ଶାହ କହିଥିଲେ ଓଡ଼ିଶାର ଏହି ପବିତ୍ର ମାଟିରେ ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରଚାର ପାଇଁ ଆସିଛି। ମୁଁ ଗୁଜରାଟର ମହାପ୍ରଭୁ ଜଗନ୍ନାଥଙ୍କ ମାଟିରୁ ଆସିଛି। ଜଗନ୍ନାଥଙ୍କ ପବିତ୍ର ମାଟି ଓଡ଼ିଶାରେ ପହଞ୍ଚିଛି। ଦେଶର ଚାରିଆଡ଼େ ଯାଇଛି। ଏବେ ଓଡ଼ିଶାରେ ପହଞ୍ଚିଛି। ଚାରିଆଡ଼େ ମୋଦୀ ଲହର ଦେଖିବାକୁ ମିଳୁଛି। ଓଡ଼ିଶାର ଲୋକ ମଧ୍ୟ ମୋଦୀଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁଛନ୍ତି। ୨୦ଟି ଲୋକସଭା ଆସନରୁ ସାଂସଦ ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ଚାହୁଁଛନ୍ତି। ଓଡ଼ିଶାରେ ମଧ୍ୟ ବହୁମତ ସହିତ ବିଜେପି ସରକାର କରିବ। ୧୦ ବର୍ଷ ହେଲା ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଦେଶର ବିକାଶ ହୋଇଛି। ଶ୍ରୀ ଶାହ ବଲାଙ୍ଗିର ଲୋକସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ସଂଗୀତା କୁମାରୀ ସିଂହଦେଓଙ୍କ ସମେତ ପଶ୍ଚିମ ଓଡ଼ିଶାରେ ବିଜେପିର ଅନ୍ୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ । ଚଳିତ ନିର୍ବାଚନ ପାଇଁ ଶ୍ରୀ ଶାହଙ୍କର ଏହା ପ୍ରଥମ ଗସ୍ତ ହୋଇଥିବାରୁ ରାଜ୍ୟ ବିଜେପିର ନେତା ଓ କର୍ମୀ ଉତ୍ସାହିତ ହୋଇଛନ୍ତି।

ଶ୍ରୀ ଶାହଙ୍କ ସୋନପୁର ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜ୍ୟ ସଭାପତି ମନମୋହନ ସାମଲ, ଦଳର ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସଂଗୀତା ସିଂହଦେଓ, ସୋନପୁର ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲା, ଲୋଇସିଂହା ବିଧାୟକ ଡ଼.ମୁକେଶ ମହାଲିଙ୍ଗ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, କନକ ବର୍ଦ୍ଧନ ସିଂହଦେଓ, ଗୋଳକ ମହାପାତ୍ର, ପୂର୍ବତନ ଏମପି ଡ଼. ପ୍ରଭାଷ କୁମାର ସିଂଙ୍କ ସମେତ ରାଜ୍ୟସ୍ତରୀୟ ଶୀର୍ଷ ନେତା ଯୋଗଦେଇଛନ୍ତି ।

## ହତାଶ...

ପୁରସ୍କାର/ପ୍ରଶଂସା କରିଛନ୍ତି । ଭାରତର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ କିଏ ତାହା ଆଜି ସମଗ୍ର ଦେଶ ଜାଣିଛି । ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ପରେ ସର୍ଭେରେ ନବୀନ ପଟ୍ଟନାୟକଙ୍କୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ମାନ୍ୟତା ମିଳିଛି ।

ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯିଏ କେନ୍ଦ୍ର ସରକାରଙ୍କ ସଂସ୍ଥାର ତଥ୍ୟ ଅନୁଯାୟୀ କୃଷକଙ୍କ ଆୟ ଦ୍ୱିଗୁଣିତ କରିଛି । ବିଜେପି ଶାସିତ କୌଣସି ରାଜ୍ୟ ଏହା କରିବାରେ ସକ୍ଷମ ହୋଇନାହାନ୍ତି । କେନ୍ଦ୍ରୀୟ ସଂସ୍ଥାର ତଥ୍ୟ ଅନୁଯାୟୀ ଓଡ଼ିଶାରେ ବେକାରୀ ହାର ଦେଶରେ ସର୍ବନିମ୍ନ । ଦେଶର ଅଧିକାଂଶ ବିଜେପି ଓ କଂଗ୍ରେସ ଶାସିତ ରାଜ୍ୟରେ ବେକାରୀ ହାର ବହୁତ ଅଧିକ ରହିଛିଛ । ମିଶନ ଶକ୍ତି ଜରିଆରେ ନବୀନ ପଟ୍ଟନାୟକ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଛନ୍ତି, ଯେଉଁମାନେ ଏବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଦେଶରେ ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି ଏକ ମଡେଲ ପାଲଟିଛି, ଯାହାକୁ ବିଜେପି ଶାସିତ ରାଜ୍ୟଗୁଡ଼ିକ ନକଲ କରୁଛନ୍ତି ।

ନବୀନ ପଟ୍ଟନାୟକ ସରକାର ସଶକ୍ତୀକରଣର ଏକ ଅଂଶ ଭାବରେ ମିଶନ ଶକ୍ତି ମହିଳା ଗୋଷ୍ଠୀଙ୍କୁ ବିଦେଶ ଗସ୍ତରେ ପଠାଇବା ପାଇଁ ଏକ ପଦକ୍ଷେପ ନେଇଥିଲେ । କିନ୍ତୁ ଓଡ଼ିଶା ବିଜେପି ନେତାମାନେ ଏହାକୁ ସହ୍ୟ କରିନପାରି ବନ୍ଦ କରିଦେଇଥିଲେ । ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଓଡ଼ିଶାର ବିଏସକେୱାଇ ଏକ ରୋଲ୍ ମଡେଲ । ଓଡ଼ିଶା ବିଜେପି ଏହି ବିଏସକେୱାଇ କାର୍ଯ୍ୟକ୍ରମକୁ ବନ୍ଦ କରି ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରୁଛି ।

୫ଟି ବିଦ୍ୟାଳୟ ରୂପାନ୍ତରଣରେ ଓଡ଼ିଶା ୭୦୦୦ରୁ ଅଧିକ ବିଦ୍ୟାଳୟକୁ ସ୍ମାର୍ଟ କ୍ଲାସରୁମ୍, ସ୍ମାର୍ଟବୋର୍ଡ, ଅତ୍ୟାଧୁନିକ ଲ୍ୟାବ୍, ଡିଜିଟାଲ୍ ଲାଇବ୍ରେରୀ ଇତ୍ୟାଦିରେ ପରିଣତ କରିଛି । ୫ଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ବୋର୍ଡ ଇତ୍ୟାଦି ଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଏବେ ବି ବ୍ଲାକ୍ ବୋର୍ଡ ରହିଛି । କେନ୍ଦ୍ର ସରକାରଙ୍କ ସୂଚନା ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ଦେଶର ଶ୍ରେଷ୍ଠ ଆର୍ଥିକ ପରିଚାଳିତ ରାଜ୍ୟ । ତଥାପି ଓଡ଼ିଶା ବିଜେପି ରାଜନୈତିକ ଫାଇଦା ପାଇଁ ତାହାର ସମାଲୋଚନା ଜାରି ରଖିଛି ।

ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଯେଉଁ ପରିବର୍ତ୍ତନମୂଳକ ବିକାଶ ହୋଇଛି ଏଗୁଡ଼ିକ ତାହାର ହେଉଛି କିଛି ଉଦାହରଣ, ଯାହାକୁ ସମଗ୍ର ଦେଶ ଜାଣିଛି । ଲୋକଙ୍କ ଭଲପାଇବା ହିଁ ନବୀନ ପଟ୍ଟନାୟକ ଓ ବିଜେଡିକୁ ପ୍ରୋତ୍ସାହିତ କରୁଛି । ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ବିପୁଳ ସଂଖ୍ୟାଗରିଷ୍ଠତା ସହ ମୁଖ୍ୟମନ୍ତ୍ରୀ ଭାବେ ଆଶୀର୍ବାଦ ଦେବା ଏବଂ ଓଡ଼ିଶାରୁ ଲୋକସଭାକୁ ସର୍ବାଧିକ ଆସନ ଦେବାକୁ ଓଡ଼ିଶାବାସୀ ମନ ସ୍ଥିର କରିସାରିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

## ପୋଲିସ...

ସହିତ ତାର ଓ ବହୁ ସାମଗ୍ରୀ ଜବତ ହୋଇଛି । ତେବେ ଗୁଳି ବିନିମୟ ପରେ ମାଓବାଦୀ ମାନେ ସେଠାରୁ ଛତ୍ରଭଙ୍ଗ ଦେଇ ଅନ୍ୟତ୍ର ଚାଲିଯାଇଥିବା ବେଳେ ଜଙ୍ଗଲରେ ଏବେ ମଧ୍ୟ ୨୦ ରୁ ୩୦ ମାଓବାଦୀ ରହିଥିବା ସୂଚନା ଦେଇଛନ୍ତି ଏସପି ରାଜ ପ୍ରସାଦ । ସୂଚନା ଅନୁଯାୟୀ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏସପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ କଣ୍ଟାମାଳ ଥାନା ଏବଂ ମନମୁଣ୍ଡା ଥାନା ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ଏସଓ ଜି ଏବଂ ବିଏସଏଫ୍ ଯବାନଙ୍କ ପକ୍ଷରୁ କୁମ୍ବିଂ ଅପରେସନ ଜାରି ରହିଥିଲା । ତେବେ ଗୁରୁବାର ସକାଳେ ସୁରକ୍ଷାକର୍ମୀ ମାନେ କୁମ୍ବିଂ ଅପରେସନ କରୁଥିବା ସମୟରେ ମାଓବାଦୀଙ୍କ ଉପସ୍ଥିତି ଦେଖିବାକୁ ପାଇଥିଲେ । ମାଓବାଦୀଙ୍କୁ ଆତ୍ମସମର୍ପଣ କରିବାକୁ ବାରମ୍ବାର କହିଥିଲେ ମଧ୍ୟ ସେମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚାଳନା ଆରମ୍ଭ କରିଥିଲେ । ପ୍ରତି ବଦଳରେ ସୁରକ୍ଷାକର୍ମୀ ମାନେ ମଧ୍ୟ ଗୁଳି ଚାଳନା ଆରମ୍ଭ କରିଥିଲେ । ତେବେ ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଗୁଳି ବିନିମୟ ହୋଇଥିବା ବେଳେ ଏହି ଗୁଳି ବିନିମୟରେ ଦୁଇ ଜଣ ମାଓବାଦୀ ନିହତ ହୋଇଛନ୍ତି । ଅନେକ ମାଓବାଦୀ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି । ତେବେ ମାଓବାଦୀ ମାନେ ସ୍ଥାନେ ସ୍ଥାନେ ଆଇଇଡି ଲ୍ୟାଣ୍ଡମାଇନ ଖଞ୍ଜି ଦେଇଥିବା ବେଳେ ସୁରକ୍ଷାକର୍ମୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରିବା ସହିତ ଅନ୍ୟ ସାମଗ୍ରୀ ସବୁ ଉଦ୍ଧାର କରିବାରେ ବାଧାପ୍ରାପ୍ତ ହେଉଥିବା ବେଳେ ଯଥାଶୀଘ୍ର ମୃତଦେହକୁ ଅଣାଯିବ ବୋଲି ଏସପି ସୂଚନା ଦେଇଛନ୍ତି । ସେହି ଅଞ୍ଚଳରେ କୁମ୍ବିଂ ଅପରେସନ ଜାରି ରହିଛି ବୋଲି ଏସପି ରାଜ ପ୍ରସାଦ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ଏସପି ରାଜପ୍ରସାଦଙ୍କ ସହ କନ୍ଧମାଳ ଏସ୍ ପି ଶୁଭେନ୍ଦୁ ପାତ୍ର ମଧ୍ୟ ଉପସ୍ଥିତ ଥିଲେ ।

## ଭାରତରେ...

ରିପୋର୍ଟରେ ୧୭୫ ଜଣ ମଣିପୁରରେ ହତ୍ୟା କରାଯାଇଥିବା ଉଲ୍ଲେଖ କରାଯାଇଥିବାବେଳେ ୬୦ ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି । ମୋଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ସଂଘର୍ଷରୁ ଏହା ଘଟିଛି । ୨୦୨୩ ମେ'ରୁ ଏଡି ସଂଘର୍ଷ ଆରମ୍ଭ ହୋଇଛି । ସେହିଭଳି ରିପୋର୍ଟରେ ଦର୍ଶାଯାଇଛି ଯେ ବ୍ରିଟେନ୍ ସ୍ଥିତ ଗଣମାଧ୍ୟମ ସଂସ୍ଥା ବିବିସିର ଟିକସ ଅନିୟମିତତା ନେଇ ଚଢ଼ାଉକୁ ମଧ୍ୟ ଉଲ୍ଲେଖ କରାଯାଇଛି । ଗୁଜରାଟ ଦଙ୍ଗା ୨୦୦୨ ଉପରେ ସେମାନେ ଏକ ବୃତ୍ତଚିତ୍ର ପ୍ରସାରଣ କରିବା ପରେ ଏହି ଚଢ଼ାଉ ହୋଇଥିଲା । ସେହିଭଳି ଖଲିସ୍ଥାନୀ ଆତଙ୍କବାଦୀ ହରଦ୍ୱୀପ ସିଂ ନିଜାରକୁ କାନାଡାରେ ହତ୍ୟା କରାଯିବା ନେଇ ପ୍ରଶ୍ନ ଉଠିଥିଲା । ରିପୋର୍ଟରେ ମଧ୍ୟ ଭାରତକୁ ମାନବ ଅଧିକାର ପ୍ରତିବଦ୍ଧତାକୁ ବଜାୟ ରଖିବା ଲାଗି ପରାମର୍ଶ ଦିଆଯାଇଛି ।

## ସାକ୍ଷାତ...

ଗର୍ବ ଓ ଗୌରବ କୁହାଯାଉଥିବା ମଙ୍ଗଳସୂତ୍ରକୁ ମଧ୍ୟ ସେ ଛାଡୁନାହାନ୍ତି । ଅଳ୍ପ ସଂଖ୍ୟକଙ୍କୁ ଟାର୍ଗେଟ୍ କରି କେତେବେଳେ ସେମାନଙ୍କୁ ଅନୁପ୍ରବେଶକାରୀ ଓ ଅଧିକ ସନ୍ତାନର ଜନକ ବୋଲି ଆକ୍ଷେପ କରୁଛନ୍ତି । ଏହାର ଜବାବରେ କଂଗ୍ରେସ ଆଜି ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛି । କଂଗ୍ରେସ ତା'ର ନ୍ୟାୟ ପତ୍ରରେ ଦେଶବ୍ୟାପୀ ସାମାଜିକ-ଆର୍ଥିକ, ଜାତି ଜନଗଣନାକୁ ଗୁରୁତ୍ୱ ଦେଇଛି । ତଥ୍ୟ ଆଣିବା ପରେ ଏମାନଙ୍କ ଲାଗି ବିକାଶ କରାଯିବ ବୋଲି କହୁଛି । ହେଲେ ପ୍ରଧାନମନ୍ତ୍ରୀ ବାରମ୍ବାର ଏହାକୁ ଭୁଲ୍ ଅବତାରଣା କରୁଛନ୍ତି ।

ଖଡ୍‌ଗେ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଆପଣଙ୍କ ବକ୍ତବ୍ୟରେ ଯେଉଁ ଭାଷା ବ୍ୟବହାର କରାଯାଉଛି ତାହା ମୋତେ ଆଶ୍ଚର୍ଯ୍ୟ କରୁନାହିଁ କି ବ୍ୟଥିତ ବି କରୁନାହିଁ । କାରଣ ଆପଣଙ୍କ ଠାରୁ ଏହା ହିଁ ଆଶା କରାଯାଏ । ଆପଣଙ୍କ ଦଳର ଅନ୍ୟ ନେତାମାନେ ମଧ୍ୟ ଏଭଳି କହିବା ଆରମ୍ଭ କଲେଣି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଲୋକମାନଙ୍କ ଦ୍ୱାରା ଆପଣ ପ୍ରତ୍ୟାକ୍ଷିତ ହୋଇଥିବା ଜାଣିବା ପରେ ଲୋକଙ୍କ ଧ୍ୟାନ ବିଚ୍ୟୁତ କରିବା ପାଇଁ ଏଭଳି କରୁଛନ୍ତି । ନରେନ୍ଦ୍ର ମୋଦି ସରକାରଙ୍କୁ ସୁଟ୍-ବୁଟ୍ ସରକାର ବୋଲି ବର୍ଣ୍ଣନା କରି ଖଡ୍‌ଗେ ଉଲ୍ଲେଖ କରିଛନ୍ତି ଯେ କେଉଁମାନଙ୍କର ଟିକସ ହ୍ରାସ ହୋଇଛି । ଦରମାଭୁକ୍ତ ଲୋକମାନେ ଅଧିକ ଟିକସ ଦେଉଛନ୍ତି । ଗରିବମାନେ ଖାଦ୍ୟ ଓ ଲୁଣ ଉପରେ ଜିଏସ୍‌ଟି ଦେଉଥିବାବେଳେ ଧନୀ ଓ କର୍ପୋରେଟ୍‌ମାନଙ୍କର ଜିଏସ୍‌ଟି ଫେରାଯାଉଛି । ଆମେ ଧନୀ ଓ ଗରିବ ମଧ୍ୟରେ ଅସମାନତା କଥା କହୁଛୁ । ଆପଣ ବାରମ୍ବାର ଏହାକୁ ହିନ୍ଦୁ, ମୁସ୍‌ଲିମ୍ କରୁଛନ୍ତି । ଆପଣ ଇସ୍ତାହାର ହେଉଛି ସମଗ୍ର ଭାରତର ଲୋକଙ୍କ ପାଇଁ । ସେ ହିନ୍ଦୁ ହୁଅନ୍ତୁ କି ମୁସ୍‌ଲିମ୍ ବା ଖ୍ରୀଷ୍ଟିଆ ଓ ଶିଖ୍, ଜୈନ, ବୁଦ୍ଧିଷ୍ଟଙ୍କ ପାଇଁ ଉଦ୍ଦିଷ୍ଟ । ଆପଣ ମଙ୍ଗଳସୂତ୍ର କଥା ଆଜି ଉଠାଇଛନ୍ତି । ଏହା ଆପଣଙ୍କ ସରକାରର ଦାୟିତ୍ୱ ନୁହେଁ କି ମଣିପୁରର ମହିଳାମାନଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ରୋକିବା । ଯେଉଁ ଚାଷୀମାନେ ଆତ୍ମ ହତ୍ୟା କରିଛନ୍ତି ଆପଣ ସେମାନଙ୍କ ସ୍ତ୍ରୀ ଓ ପିଲାଙ୍କୁ କ'ଣ ସୁରକ୍ଷା ଦେଇଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରଧାନମନ୍ତ୍ରୀଙ୍କର ଅଭ୍ୟାସ ହୋଇଯାଇଛି ଯେ ସେ ସବୁବେଳେ ସାମ୍ପ୍ରଦାୟିକ ବିଭାଜନ କରୁଛନ୍ତି ।

## ପୋଖରୀରେ...

ମାତ୍ର ଦୀର୍ଘ ସମୟ ଧରି ସେମାନେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବାରେ କେତକ ସ୍ଥାନୀୟ ଲୋକେ ପୋଖରୀ ଆଡକୁ ଦୁଇ ଭଉଣୀ ଯାଉଥିବାର କହିଥିଲେ।ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ଦୀର୍ଘ ଅଧଘଣ୍ଟା ଧରି ପୋଖରୀ ଭିତରେ ଖୋଜା ଖୋଜି କରି ଉଭୟଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ଉଭୟଙ୍କୁ ଗୋପ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ମୃତିରେଖା ୫ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଶୁଭଶ୍ରୀ ୪ର୍ଥ ଶ୍ରେଣୀରେ ନିକଟସ୍ଥ ଉଭାର ସ୍କୁଲରେ ପାଠ ପଢୁଥିଲେ। ଦୁଇ ନାବାଳିକା ଭଉଣୀଙ୍କ ଏପରି ଅକାଳ ମୃତ୍ୟୁକୁ ପରିବାର ଲୋକେ ସହଜରେ ହଜମ କରିପାରୁନଥିବା ବେଳେ ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

## ବିଏସ୍‌କେୱାଇ...

ଯେ ନିର୍ବାଚନ ସମୟରେ ବିରୋଧୀ ଦଳର ନେତାମାନେ ବହୁତ ବଡ ବଡ କଥା କୁହନ୍ତି, ନିର୍ବାଚନ ସରିଗଲେ ଖୋଜିଲେ ବି ମିଳନ୍ତି ନାହିଁ, ଓଡିଶା ପାଇଁ ସେମାନେ ଗୋଟିଏ ବି କାମ କରିନାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ତେଣୁ ଆପଣମାନେ ଉଭୟ ବିଧାନସଭା ଓ ଲୋକସଭାରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଦୁଇ ଥର ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଟାଣ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଏହି ସଭାରେ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଜନଜାତି ଭାଇଭଉଣୀ ମାନଙ୍କୁ ବହୁତ ଭଲ ପାଆନ୍ତି । ଆପଣମାନଙ୍କ ପାଇଁ ସେ ଦିନରାତି କାମ କରୁଛନ୍ତି । ଜନଜାତି କଳା ଓ ସଂସ୍କୃତିର ପ୍ରସାର ପାଇଁ ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ଆପଣମାନଙ୍କ ପିଲାମାନେ ଯେପରି ଭଲ ପାଠ ପଢି ଭଲ ମଣିଷ ହେବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ୫-ଟି ସ୍କୁଲ ରୂପାନ୍ତର କରିଛନ୍ତି ।

ମହିଳା ସଶକ୍ତିକରଣ ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି । ଲୋକସଭାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ବିଜୁ ଜନତା ଦଳ ବହୁ ଆଗରୁ ଦାବୀ କରିଆସିଛି, ପଦକ୍ଷେପ ବି ନେଇଛି । ଆମର ୨୧ ସାଂସଦ ପ୍ରାର୍ଥୀରୁ ଆମ ମୁଖ୍ୟମନ୍ତ୍ରୀ ୭ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାମ ହିଁ କଥା କହେ । ମହିଳା ସଶକ୍ତିକରଣ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, କୋରାପୁଟ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଗୁ ୪ ଲକ୍ଷ ମା ଉପକାର ପାଇଛନ୍ତି ବୋଲି ସେ କହିଥିଲେ । ସେହିପରି ଚାଷୀ ମାନଙ୍କୁ ମଧ୍ୟ କାଳିଆ ଯୋଜନାରେ ଆର୍ଥିକ ସୁବିଧା ଦିଆଯାଉଛି, ଫସଲ ବୀମାର ପ୍ରିମିଅମ ରାଜ୍ୟ ସରକାର ଦେଉଛନ୍ତି ଓ ସେମାନଙ୍କୁ ମଧ୍ୟ ବିନା ସୁଧରେ ଋଣ ଦିଆଯାଇ ସଶକ୍ତିକରଣ କରାଯାଉଛି ।

ଏହି ଅବସରରେ ସେ ଜନସାଧାରଣଙ୍କୁ ଭେଟିଥିଲେ । ସରକାରଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ବିଶ୍ୱାସକୁ ମଜବୁତ କରିଛି ବୋଲି ସେ କହିଥିଲେ । ଲୋକଙ୍କଠାରୁ ଯାହା ପ୍ରସ୍ତାବ ପାଇଥିଲୁ, ସେଥିରୁ ୭୦ରୁ ୮୦ ଭାଗ କାମ ଦୁଇ-ତିନି ମାସ ମଧ୍ୟରେ ପୂରଣ ହୋଇଛି । ଏହା ହେଉଛି ନବୀନଙ୍କ ଗ୍ୟାରେଣ୍ଟି ବୋଲି ସେ କହିଥିଲେ । ଏହି ସଭାରେ ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା ଓ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀ ଏବଂ ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନିଙ୍କ ସହିତ ବିଜୁ ଜନତା ଦଳର ଅନେକ ନେତା ଅଭିଭାଷଣ ରଖିଥିଲେ ।



ଭୁବନେଶ୍ୱର ପଳାଶୁଣୀ ପ୍ରାଚୀବିହାରସ୍ଥିତ ଶ୍ରୀଶ୍ରୀ ସତ୍ୟସାଇ ବାବାଙ୍କର ଆରାଧନା ମହୋତ୍ସବ

## କୈବର୍ତ୍ତ ସମାଜ ପକ୍ଷରୁ ଚଇତି ପର୍ବ ପାଳନ

ଭଣ୍ଡାରିପୋଖରୀ (ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ କୈବର୍ତ୍ତ ସମାଜ ଆନୁକୂଲ୍ୟରେ ଚଇତି ପର୍ବ ପାଳନ ଓ ଘୋଡାନାଚ ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାଜ ପକ୍ଷରୁ ମଙ୍ଗଳବାର ଚଇତି ପୂନେଇଁ ଦିନ ଇଷ୍ଟଦେବୀ ମା' ବାଶେଳୀଙ୍କୁ ପୂଜାର୍ଚ୍ଚନା କରାଯିବା ସହ କୌଳିକ ବୃତ୍ତି ଉପକରଣ ପୂଜା କରାଯାଇଥିଲା। ଆଖୁଆପଦାସ୍ଥିତ ଜିଲ୍ଲା କୈବର୍ତ୍ତ ଭବନରେ ବୁଧବାର ଧାମନଗର ପଳିକିରି ଅଂଚଳର ସତ୍ୟନାରାୟଣ କୈବର୍ତ୍ତ ସଂଘ ପକ୍ଷରୁ ଘୋଡାନାଚ ପରିବେଷଣ କରାଯାଇଥିଲା। ଜିଲ୍ଲା କୈବର୍ତ୍ତ ସଂଘ ସଭାପତି ରମେଶ ଚନ୍ଦ୍ର ପରିଡା ପ୍ରଦୀପ ପ୍ରଜ୍ୱଳନ କରି ଘୋଡାନାଚ ଉଦଘାଟନ କରିଥିଲେ। ଗାୟକ ସାଗର ଉମାକାନ୍ତ ମାଝୀ, ଶରତ ଚନ୍ଦ୍ର ମାଝୀ ଓ ସାଥିମାନେ ପୁରାଣ ବର୍ଣ୍ଣିତ ବିଭିନ୍ନ ଉପାଖ୍ୟାନ ଆଧାରିତ ଘୋଡାନାଚ ପରିବେଷଣ କରିବା ସହ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଘୋଡାନାଚ ଶୋଭାଯାତ୍ରା ହରପାର୍ବତୀ ମନ୍ଦିର, ମା'ବୁଢ଼ୀଜାଗୁଳାଇ ମନ୍ଦିର ପରିକ୍ରମା କରି ଦର୍ଶକମାନଙ୍କ ମନମୋହିଥିଲା। ଏଥିରେ ନିଖିଳ ଓଡିଶା କୈବର୍ତ୍ତ ମହାସଭା ଉପସଭାପତି ଜଗନ୍ନାଥ ମାଝୀ, ଯାଜପୁର ଜିଲ୍ଲା ସମ୍ପାଦକ ଆଇନଜିବୀ ରାଜକିଶୋର ବେହେରା, ଉପସଭାପତି ବାସୁଦେବ ପରିଡା, ଜଳସମ୍ପଦ ବିଭାଗ ଆଖୁଆପଦା ବିଭାଜନ ଇଷ୍ଟିମେଟର କେଶବ ଚନ୍ଦ୍ର ବେହେରା, ମୋଟରଙ୍ଗାପାଳ ଗ୍ରାମ ମୁରବୀ ଭରତ ଚନ୍ଦ୍ର ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

## ବାଇକ-ସ୍କୁଟି ମୁହାମୁହିଁ ଧକ୍କା, ୨ ମୃତ

ଢ଼େଙ୍କିକୋଟ/ଘଟଗାଁ (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଢ଼େଙ୍କିକୋଟ ଫାଣ୍ଡି ୨୦ ନମ୍ବର ଜାତୀୟ ରାଜପଥ ଢ଼େଙ୍କିକୋଟ - ଘଟଗାଁ ଯିବା ରାସ୍ତାର ଭାରତ ପେଟ୍ରୋଲ୍ ପମ୍ପ ନିକଟରେ ଗୁରୁବାର ଦିନ ଘଟିଯାଇଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା। ତେବେ ଢ଼େଙ୍କିକୋଟ ପଞ୍ଚାୟତ ଅନ୍ତର୍ଗତ ଟିକିରା ଗ୍ରାମର ବିମଳ ମାଝିଙ୍କ ସାନପୁଅ ଦେବକାନ୍ତ ମାଝି ଓରଫ ପପୁ (୨୨) ଏକ ସ୍ପୀଡ ବାଇକ ନମ୍ବର ଓଡ଼ି୦୯ ଟି ୮୭୬୨ ଯୋଗେ ଢ଼େଙ୍କିକୋଟ ଠାରୁ ନିଜ ଗ୍ରାମ ଆଡକୁ ଯାଉଥିବାବେଳେ ଘଟଗାଁ ପଟରୁ ଆସୁଥବା ଏକ ସ୍କୁଟି ନମ୍ବର ଓଆର୦୯ ଏଲ ୪୨୧୪ ସହିତ ମୁହଁଝମୁହିଁ ଧକ୍କା ହୋଇଥିଲା। ତେବେ ଏ ଧକ୍କା ଏତେ ଜୋରରେ ହୋଇଥିଲା ଯେ ଦୁହେଁ ବହୁତ ଦୂରକୁ ଛିଟିକି ଯାଇଥିଲେ, ଗାଡି ଦୁଇଟି ଚୂରମାର ହୋଇଯାଇଥିଲା । ଦୁହିଁଙ୍କୁ ସଂଗେସଂଗେ ଟୋଲ ଗେଟ ଆମ୍ବୁଲାନସ୍ ୧୦୩୩ ଯୋଗେ ଘଟଗାଁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା ।ତେବେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଢ଼େଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ ଘଟଣା ସ୍ଥଳରେ ପହଂଚି ଗାଡି ଦୁଇଟିକୁ ଜବତ କରିଛନ୍ତି ଓ ତଦନ୍ତ ଚାଲୁ ରଖିଛନ୍ତି । ତେବେ ମୃତ ସ୍କୁଟି ଚାଳକଙ୍କ ନାମ ଶିବ ନନ୍ଦନ ପ୍ରଧାନ ଓ ତାଙ୍କ ନିଜଘର ଝାଡ଼ଖଣ୍ଡ ରାଜ୍ୟରେ । ସେ ଘଟଗାଁ ନିକଟସ୍ଥ ଗୋଳାବନ୍ଧ ଠାର ବନ୍ଧୁ ଘରେରହି ଡିପ୍ଲୋ କଲେଜରେ ପାଠପଢୁଥିଲା ବୋଲି ଜଣାପଡିଛି ।

## ଅସୁସ୍ଥ ବିସ୍ଥାପିତଙ୍କ ଦେହାନ୍ତ

ବ୍ୟାସନଗର,(ଜି.ପ୍ର): କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତ କୋଲୋନୀରେ ବାସ କରୁଥିବା କେଶବ ମୁଣ୍ଡା(୩୦) ଙ୍କ ବୁଧବାର ଦିନ ଦେହାନ୍ତ ହୋଇଛି । ତାଙ୍କର ପତ୍ନୀ ଓ ଦୁଇ ପୁଅ ଅଛନ୍ତି । ସେ ଦୀର୍ଘଦିନ ଧରି ଯକ୍ଷ୍ମାରେ ପୀଡିତ ଥିଲେ । ତାଙ୍କର ଅସୁସ୍ଥତା କାରଣରୁ ଡାକ୍ତର ତାଙ୍କୁ ବାହାରକୁ ଯିବାକୁ ମନାକରିଥିଲେ । ସରକାରୀ ସୁକିନ୍ଦା ହସ୍ପିଟାଲରୁ ସେ ଔଷଧ ଆଣି ମଧ୍ୟ ଖାଉଥିଲେ । ଯକ୍ଷ୍ମା ଜନିତ ଅସୁସ୍ଥତା ଯୋଗୁ ଗୋବରଗାଟୀର ଆର ଆଣ୍ଡ ଆର କଲୋନୀରେ ଥିବା ବାସଭବନରେ କେଶବଙ୍କ ଦେହାନ୍ତ ହୋଇଛି । ନୀଳାଚଳ ବିସ୍ଥାପିତ କଲୋନୀରେ ରହୁଥିବା କେଶବଙ୍କ ଦେହାନ୍ତ ଖବର ପାଇ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ ସମ୍ପନ ପାଇଁ ନୀଳାଚଳ କର୍ତ୍ତୃପକ୍ଷ ସହାୟତାର ହାତ ବଢାଇଥିଲା ।

## ଶିଶୁ ମସାଜ ଦିବସ ପାଳନ

ଭୁବନେଶ୍ୱର(ସବ୍ୟୁ) : ଶିଶୁକୁ ମସାଜ୍ କରିବାର ଅନେକ ଲାଭ ଅଛି ଏବଂ ସେଥିପାଇଁ ଏହା ଭାରତୀୟ ପରମ୍ପରାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ମସାଜ ଶରୀରରେ ରକ୍ତ ସଞ୍ଚାଳନରେ ଉନ୍ନତି ଆଣିବା, ଅଙ୍ଗକୁ ଅଧିକ ନମନୀୟ କରିବା, ଶିଶୁର ଓଜନରେ ଉନ୍ନତି ଆଣିବା ଏବଂ ଶିଶୁର କୋମଳ ଚର୍ମକୁ ପୋଷଣ କରିବାରେ ସାହାଯ୍ୟ କରେ । ମସାଜ ଶିଶୁକୁ ଆରାମ ଏବଂ ଶାନ୍ତି ଯୋଗାଇଥାଏ, ଶାରୀରିକ ଏବଂ ମାନସିକ ଚାପରୁ ମୁକ୍ତି ଦେଇଥାଏ ଏବଂ ତାଙ୍କୁ ବହୁତ ଭଲ ଶୋଇବାକୁ ସକ୍ଷମ କରିଥାଏ । ୮ ଏପ୍ରିଲରେ ଶିଶୁ ମସାଜ ଦିବସ ପାଳନ କରାଯାଇଥିଲା ।ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ (ଆଇଏପି) ନବଜାତ ଶିଶୁ, ଶିଶୁ ଏବଂ ଛୋଟ ପିଲାମାନଙ୍କର ଗୁଣାତ୍ମକ ଚର୍ମର ଯତ୍ନ ପାଇଁ ମାନକ ନିର୍ଦ୍ଦେଶାବଳୀ ଜାରି କରିଛି । ଶିଶୁର ସୂକ୍ଷ୍ମ ଚର୍ମକୁ ପୋଷଣ କରିବା ପାଇଁ ଜନସନଙ୍କ ବେବି ତେଲ ହେଉଛି ଉପଯୁକ୍ତ ସାଥୀ । ସଠିକ୍ ଶିଶୁ ମସାଜ୍ କୌଶଳ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଜନସନଙ୍କ ବେବି ଏକ ପ୍ରଭାବଶାଳୀ ଅଭିଯାନ ଆରମ୍ଭ କରିଛନ୍ତି ।

DECLARATION ABOUT CRIMINAL CASES

I, **KADRAKA APPALA SWAMY @ K. APPALA SWAMY** ** son/daughter/wife of **LATE KADRAKA D**HARMA Aged 55 Years, resident of **AMBAGUDA, PO: J.S.CO, P.S/ DIST: RAYAGADA- 765002)**

(1) I am a candidate set up by **INDIAN NATIONAL CONGRESS (INC)** (** name of the political party)/ ** am contesting as an Independent candidate.)

(2) My name is enrolled in **140- RAYAGADA (ST) ASSEMBLY CONSTITUENCY, ODISHA** here by declared the following information for the public about my criminal cases are pending against me:

| Sl. No. | | | |
|---|---|---|---|
| 1. | Criminal antecedents | | |
| | a. | Nature of the offences | (1) U/S. 143/186/188/283/149 I.P.C., R/W Sec 3 EPIDEMIC DISEASES ACT<br>(2) U/S. 143/186/188/283/149 I.P.C, R/W Sec 30 EPIDEMIC DISEASES ACT<br>(3) U/S. 283/143/149 I.P.C<br>**(4) U/S. 283/143/149 I.P.C**<br>(5) U/S. 143/149/283/431/290 I.P.C.<br>(6) U/S. 143/283/149 I.P.C. |
| | b. | Case no. | **1. GR Case 337/2021,**<br>2. GR Case 336/2021,<br>3. GR Case 98/2021<br>4. GR Case 859/2020<br>5. GR Case 138/2020<br>6. GR Case 130/2018 |
| | c | S.D.J.M. RAYAGADA | RAYAGADA P.S |
| | d | S.D.J.M. RAYAGADA | S.D.J.M. RAYAGADA |

* in the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

**Sd/- KADRAKA APPALA SWAMY**

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELS-ANGL-OT-24-25-01

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ WAG-7/WAG-9 ବିଦ୍ୟୁତ୍ ଇଞ୍ଜିନ୍ (Electric Locomotive)ଗୁଡ଼ିକରେ ଲଗା ଯାଇଥିବା ପ୍ୟାଣ୍ଟୋଗ୍ରାଫ୍ ଟାଇପ୍ AM-12ର ଓଭରହଲିଙ୍ଗ୍ ।

ବିଜ୍ଞାପିତ ମୂଲ୍ୟ : ₹ 37,97,672/-, EMD : ₹76,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/-, ଶେଷ ହେବା ଅବଧି: 24 ମାସ ।

ବିକ୍ରି ଆରମ୍ଭ ହେବା ତାରିଖ : ତା.03.05.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.05.2024ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଏସ୍)/ ଅନୁଗୁଳ
PR-51/P/24-25

AFFIDAVIT

By virtue of an affidavit in the court of executive magistrate Gop. I Kailas Kandi, aged about (48). S/o-Jata Kandi, Residence At- Girima, Po- Biratung, Ps-Gop, Dist- Puri. do here by solemly affirm that my actual Name is Kailas Kandi, D.O.B-12.03.1976, S/o- Jata Kandi in all recordes and manner. But wrongly mentioned as Kandi Kailash, D.O.B- 12.05.1981, S/o-Nath Kandi in my PAN card bearing No. BUBPK9362B. That my both name Kailas Kandi, S/o-Jata Kandi and Kandi Kailash S/o- Nath Kandi, same and one person. That the fact above are true the best of my Knowledge.

Sd/- Kailas Kandi

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର
ସିଂ ମାର୍କେଟ୍ କମ୍ପ୍ଲେକ୍ସ, ୨ୟ ମହଲା, ସିରାଜଉଦ୍ଦିନ୍ ଛକ, କେନ୍ଦୁଝର-୭୫୮୦୦୧
always with U

ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡିର ବିକ୍ରୟ ନିମିତ୍ତ ଢ଼ଉମୁଦ ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ପିଠାଗୋଳା ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) ତା.୦୮.୦୫.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର. ନଂ. | ଶାଖା, ଫୋନ୍ ନଂ. / ଲୋନ୍ ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଗାଡ଼ିର ମଡ଼େଲ / ଗାଡ଼ି ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି | ପାର୍କିଂ ସ୍ଥାନ |
|---|---|---|---|---|
| ୧. | ପିଠାଗୋଳା ଶାଖା, ମୋ: ୯୪୩୭୫୮୦୨୫୬ / ଆକାଉଣ୍ଟ ନଂ.: ୨୦୩୧୭୨୩୦୦୦୦୦୩୩୮ / ଋଣଗ୍ରହୀତା: ରୋହିତ କୁମାର ପ୍ରଧାନ, ପିତା: ବିଦ୍ୟାଧର ପ୍ରଧାନ, ସା: ହୁଣ୍ଡା, ପୋ: ପିଠାଗୋଳା, କେନ୍ଦୁଝର | TATA TIPPER-RC-OR09F2921 ENGINE NO. 697D44CUZ110447, CHASIS NO. 405121CUZ112052 | ଟ.୭୫,୦୦୦/- / ଟ.୬,୦୦୦/- | ସୂର୍ଯ୍ୟ ମାର୍ବଲ, କେନ୍ଦୁଝର |

ନିଲାମ ତାରିଖ ଏବଂ ସମୟ : ୧୦.୦୫.୨୦୨୪ ମଧାହ୍ନ ୧୨.୦୦ ଘଟିକା, ସ୍ଥାନ : ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର

ଆଗ୍ରହୀ ନିଲାମଧାରୀମାନେ ନିର୍ଦ୍ଦିଷ୍ଟ ଗାଡ଼ିର ନିଲାମରେ ଭାଗ ନେବା ନିମିତ୍ତ ପିଠାଗୋଳା ଶାଖାରେ ତା.୦୮.୦୫.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟ ମଧ୍ୟରେ ଅମାନତ ରାଶି ପିଠାଗୋଳା ଶାଖାକୁ ଦେୟ ଦର୍ଶାଇ ପୈଠ କରିବାକୁ ପଡିବ । ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଢ଼ଉମୁଦ ଟେଣ୍ଡର ଲଫାପା ଗୁଡିକ ତା.୧୦.୦୫.୨୦୨୪ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ମଧାହ୍ନ ୧୨.୦୦ ଘଟିକା ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ । ଇଚ୍ଛୁକ ନିଲାମଧାରୀମାନେ ଗାଡିକୁ ଯାଞ୍ଚ କରିବା ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡ଼ିକୁ ପାର୍କିଂ ୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ । ସର୍ବୋଚ୍ଚ ନିଲାମ ରାଶିର ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମା ରାଶି ଓ ଅନ୍ୟାନ୍ୟ ଟଙ୍କା) ୭ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ଏବଂ ପିଠାଗୋଳା ଶାଖାକୁ ପୈଠ ଦର୍ଶାଇ ଜମା କରିବେ । ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିକୁ ପୁନଃ ନିଲାମ କରାଯିବ । ଗାଡ଼ିର ମାଲିକାନା ପରିବର୍ତ୍ତନ / ବୈଧାନିକ ଦେୟ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ । ଗାଡିଟି "ଯାହା ଯେପରି ଅଛି ଏବଂ ଯେଉଁଠାରେ ଯେପରି ଅଛି" ଭିତ୍ତିରେ ନିଲାମ କରାଯିବ । ବ୍ୟାଙ୍କ କର୍ତ୍ତୃପକ୍ଷ ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ ନାକଚ / ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ । ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ । ଏହା ବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: କେନ୍ଦୁଝର, ତାରିଖ: ୨୫.୦୪.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ବୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

## ସୋନପୁରରେ ବିଜେପିର 'ବିଜୟ ସଂକଳ୍ପ ସମାବେଶ'
# ଏଥର ଓଡ଼ିଶାରେ ସରକାର ବଦଳିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ସରକାରଙ୍କ ଦୀର୍ଘ ୨୪ ବା ୨୫ ବର୍ଷ ଶାସନରେ ପ୍ରଶାସନ ତତ୍ତ୍ୱାବଧାନରେ ବଲାଙ୍ଗୀର ସମେତ ଓଡ଼ିଶାର ସହର ସହରରେ ନିଶାଦ୍ରବ୍ୟ ଓ ଧଳାଜହର ପହଞ୍ଚିଛି । ଆଜି ରାଜ୍ୟରେ ବିଫଳତା ଚରମ ସୀମାରେ ପହଞ୍ଚିଛି । ଏଥର ନିର୍ବାଚନରେ ସରକାର ନିଶ୍ଚୟ ବଦଳିବ ବୋଲି ଗୁରୁବାର ବଲାଙ୍ଗିର ଲୋକସଭା ସଂସଦୀୟ କ୍ଷେତ୍ର ସୋନପୁରରେ ଆୟୋଜିତ ରାମେଶ୍ୱର ଷ୍ଟାଡିୟମରେ ବିଜେପି ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।




ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର ସମୟରେ ବିରୋଧୀ ବିକାଶର କାମକୁ ବିରୋଧ କରୁଥିବା କହୁଛନ୍ତି । ବିରୋଧୀ ଦଳମାନେ ରାଜନୀତି କରିବା କଥା କହୁଛନ୍ତି । ଲମ୍ବା ଲମ୍ବ ଧରି ମୁଖ୍ୟମନ୍ତ୍ରୀ ହିଞ୍ଜିଳିକାଟୁକୁ ପ୍ରତିନିଧିତ୍ୱ କରୁଛନ୍ତି । ଗତ ନିର୍ବାଚନରେ ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ବିଜେପୁର ଆସନରୁ ଲଢିଥିଲେ ଛ ଏଥର କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହୋଇଛନ୍ତି । ତେବେ ଦୀର୍ଘ ବର୍ଷ ଧରି ହିଞ୍ଜିଳିକାଟୁରୁ ପ୍ରତିନିଧିତ୍ୱ କରିବା ପରେ ମଧ ସେମାନେ କଣ କାମ କଲେ । କଣ୍ଟାବାଞ୍ଜିରେ ୨୫ ବର୍ଷରେ କଣ କଲେ ? ଏ ସବୁର ଶ୍ୱେତପତ୍ର ପ୍ରକାଶ କରନ୍ତୁ ।

ସମ୍ବଲପୁର, ଝାରସୁଗୁଡା, ବରଗଡ, ସୋନପୁର, ବୌଦ୍ଧ, ଅନୁଗୋଳ ଜିଲ୍ଲା ମହାନଦୀର ଅବବାହିକା ଅଞ୍ଚଳ । ବଲାଙ୍ଗୀର ମହାନଦୀର ଶାଖା ନଦୀ ପ୍ରବାହିତ ହୋଇଛି ଛ ମାତ୍ର ମୋଦୀ ସରକାର ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେବା ପରେ ମଧ ଗ୍ରାମାଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାଣି ଆସୁନାହିଁ । ଦୀର୍ଘ ବର୍ଷର ଶାସନରେ ଜମିକୁ ପାଣି ମାଡି ନାହିଁ । ସମ୍ବଲପୁର ଅଞ୍ଚଳରେ ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ମେଡିକାଲରେ ଡାକ୍ତର ନାହାନ୍ତି । ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । ଏହି ଅଞ୍ଚଳରୁ ରୋଜଗାର ଆଶାରେ ଯୁବକ ଯୁବତୀମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଯେଉଁ ସରକାର ଜନତାଙ୍କ ଦୁଃଖ ବୁଝୁନାହିଁ ସେ କହୁଛନ୍ତି ବିରୋଧୀମାନେ ବିକାଶର କାମକୁ ବିରୋଧ କରୁଛନ୍ତି । ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଆଜି ଭିଡିଓରେ ଅଛନ୍ତି ।ଏ ସରକାର ଅପାରଗ, ରାଜ୍ୟ ବାହାରର ଠିକାଦାରପ୍ରେମୀ ସରକାର । ଏ ସରକାର ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାର ସରକାର । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ପ୍ରତ୍ୟେକ ଜନସାଧାରଣଙ୍କ ମଧ୍ୟରେ ମୋଦୀ ଗ୍ୟାରେଣ୍ଟି ଉପରେ ଭରସା ଅଛି । କଂଗ୍ରେସ ସରକାର ଶେଷ ୧୦ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଥିବା ବେଳେ ମୋଦି ସରକାର ଏବେ ସୁଦ୍ଧା ଓଡ଼ିଶା ପ୍ରତି ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି । ସୋନପୁର ଏବଂ ଓଡ଼ିଶାର ଲୋକମାନେ ଓଡ଼ିଶା ସହ ମୋଦୀ ଅଛନ୍ତି । ଯୋଡି ଶଙ୍ଖ ବହୁତ ଦୁଃଖ, ଯୋଡ଼ି ଫୁଲ ବହୁତ ଭଲ ଛ ଏଥର ଓଡ଼ିଶାରେ ସରକାର ବଦଳିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ବିଜେଡ଼ିରେ ଯୋଗଦେଲେ ସମ୍ବଲପୁର ଜିଲ୍ଲା କଂଗ୍ରେସର ଯୁବନେତା



ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଜିଲ୍ଲା କଂଗ୍ରେସର ଯୁବନେତା ଗୁରୁବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ଯୁବନେତାଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ ଯୁବନେତାଙ୍କ ଯୋଗଦାନ ଫଳରେ ବିଶେଷ କରି ସମ୍ବଲପୁର ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ।

ଏହି ମିଶ୍ରଣ ପର୍ବରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ସେଲ୍ ଉପାଧକ୍ଷ ଆଶୁତୋଷ ସ୍ୱାଇଁ, ସମ୍ବଲପୁର ଜିଲ୍ଲା ଯୁବକଂଗ୍ରେସ ସଭାପତି ପ୍ଲାବନ ବୋହିଦାର, ଏନ୍ଏସ୍ୟୁଆଇ ସମ୍ବଲପୁର ଜିଲ୍ଲାସଭାପତି ଗିରେଶ ଚନ୍ଦ୍ର ପୁରସେଠ, ସମ୍ବଲପୁର ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ସଭାପତି ଶେଖ ହାସିମ, ସମ୍ବଲପୁର ଜିଲ୍ଲା ଟାଉନ ସଭାପତି ସରୋଜ ବଞ୍ଚୋର, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିକାଶ ବେହେରା, ନୀଳକଣ୍ଠ ମେସୁଆ, ସମ୍ବଲପୁର ଲୋକସଭା ସୋସିଆଲମିଡ଼ିଆ କୋ-କୋର୍ଡ଼ିନେଟର ମୁକେଶ ନାୟକ, ସମ୍ବଲପୁର ଜିଲ୍ଲା ଯୁବକଂଗ୍ରେସ ସମ୍ପାଦକ ଦିବାକର ବାଗ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଏଓ ବୈଠକରେ ଜଳ ପରିଚାଳନା ଉପରେ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): କ୍ୟାଟରିଂ ଆସୋସିଏସନ୍ ଅଫ୍ ଓଡିଶା (ସିଏଓ)ର ସପ୍ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମାଜିକ କାର୍ଯ୍ୟ ସମୟରେ 'ଜଳ ସଂରକ୍ଷଣ ତଥା ପରିଚାଳନା' ବିଷୟ ବସ୍ତୁ ଉପରେଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ବିବାହ, ବ୍ରତଘର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଯଥାସମ୍ଭବ ଜଳ ବ୍ୟବହାର ନେଇ ଗୁରୁତ୍ୱପୂର୍ଣ୍ଣ ବିଗ ଉପରେ ଆସୋସିଏସନ କର୍ମକର୍ତ୍ତା ନିଜ ମତ ରଖିଥିଲେ । ଏଫଏଆଇସି ସଭାପତି ନରେନ୍ଦ୍ର ସୋମାନିଆ, ସାଧାରଣ ସମ୍ପାଦକ କୀର୍ତ୍ତି ବୁଦ୍ଧଦେବ, ଦକ୍ଷିଣ ଜୋନ ଚେୟାରମ୍ୟାନ୍ ଅତୁଲ ମେହେଟା ଏବଂ ପଶ୍ଚିମ ଜୋନ ଅଧକ୍ଷ ସୁନୀଲ ସୁନକିୟା ପ୍ରମୁଖ ଅଭନ ଉପାୟ ଗ୍ରହଣ କରିବା ଉପରେ ମତାମତ ଦେବା ସହ ପ୍ରଶଂସା କରିଛନ୍ତି ।




ସିଏଓ ସଭାପତି ବିନୟ ଭୂଷଣ ପଟ୍ଟନାୟକ କହିଛନ୍ତ, ଯେତେବେଳେ ଗ୍ଲୋବାଲ ୱାର୍ମିଂ ପ୍ରଭାବର ସମ୍ମୁଖୀନ ହେଉଛି ଓଡିଶାର କ୍ୟାଟେରର୍ ଆସୋସିଏସନ୍ ଏଭଳି ସମ୍ବେଦନଶୀଳ ବିଷୟକୁ ନେଇ ସଦସ୍ୟମାନେ ଚୁପ୍ ରହିପାରିବା କଥା ନୁହେଁ ଆମ ଦେଶରେ ଅନେକ ରାଜ୍ୟ ପାନୀୟ ଜଳ ସଙ୍କଟ ଦେଖା ଦେଇଛି । ତେଣୁ ସାମାଜିକ କାର୍ଯ୍ୟ ସମୟରେ ଖାଦ୍ୟ ପ୍ରସ୍ତୁତ କରୁଥିବା ଜଳ ବ୍ୟବହାର କରିବାବେଳେ ଆମକୁ ଯତ୍ନବାନ ହେବାକୁ ପଡିବ । ସମ୍ପାଦକ ଦେବୀ ପ୍ରସାଦ ରଥ ସଦସ୍ୟଙ୍କୁ ସାମାଜିକ କାର୍ଯ୍ୟ ସମୟରେ ଜଳର ଉଚିତ ବ୍ୟବହାର କରିବାକୁ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିବେଦନ କରିଛନ୍ତି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ୫୦୦ରୁ ଉର୍ଦ୍ଧ୍ୱ ସଭ୍ୟ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚେୟାରମ୍ୟାନ୍ ଅନୁପ ବାଗାଇ, କୋଷାଧକ୍ଷ ଏମ ଜୟ ପ୍ରସାଦ ରାଓ, ପାର୍ଟନ ନବ ରଂଜନ ପଟ୍ଟନାୟକ ଏହି ଆଲୋଚନାରେ ପ୍ରବୋଧ ଦାସ, ଗୁରୁ ଚରଣ ଦାସ, ସତ୍ୟଜିତ୍ ମହାନ୍ତି, କିଶୋର ଚନ୍ଦ୍ର ଦେହୁରୀ, ଧିରେନ୍ଦ୍ର କୁମାର କର ଏବଂ ସବ୍ୟସାଚୀ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଭୁବନେଶ୍ୱରରେ ଫ୍ଲିପ୍‌କାର୍ଟର ଭିଆଇପି ସବ୍‌ସ୍କ୍ରିପସନ ପ୍ରୋଗ୍ରାମ ଉପଲବ୍ଧ

ଭୁବନେଶ୍ୱର (ସବ୍ୟୁ) : ଭାରତର ଘରୋଇ ଇ-କମର୍ସ ମାର୍କେଟପ୍ଲେସ୍ ଫ୍ଲିପ୍‌କାର୍ଟ ଭୁବନେଶ୍ୱରରେ ଗ୍ରାହକଙ୍କ ପାଇଁ ଏହାର ଭିଆଇପି ସବ୍‌ସ୍କ୍ରିପଶନ ପ୍ରୋଗ୍ରାମର ଶୁଭାରମ୍ଭ କରିଛି। ଫ୍ଲିପ୍‌କାର୍ଟ ଭିଆଇପି ପ୍ରୋଗ୍ରାମ ଲକ୍ଷ ଲକ୍ଷ ପ୍ରଡକ୍ଟ ଉପରେ ୪୮ ଘଣ୍ଟାର ମାଗଣା ଡେଲିଭରି, ୧୦୦% ଉତ୍ପାଦଗୁଡିକର ପେମେଂଟ୍ ପାଇଁ ସୁପରକଏନର ବ୍ୟବହାର କରି ୫%ର ଅତିରିକ୍ତ ସଂଚୟ, ସମର୍ପିତ ଗ୍ରାହକ ସହଯୋଗ ପ୍ରତି ତତ୍କାଳ ପହଂଚ,୧ ଟଙ୍କାରେ କ୍ଲିୟରଟ୍ରିପରେ ଫ୍ଲାଇଟ୍‌ଗୁଡିକର କ୍ୟାନ୍ସେଲେଶନ କିମ୍ବା ରିସେଡ୍ୟୁଲିଙ୍ଗ୍, କ୍ଲିୟରଟ୍ରିପ ହୋଟେଲ ବୁକିଙ୍ଗ୍ ଉପରେ ଅତିରିକ୍ତ ଅଫର, ୪୮ ଘଣ୍ଟା ମଧ୍ୟରେ ରିଟର୍ଣ୍ଣ ପିକ୍‌ଅପ ଓ ସପିଙ୍ଗ ଫେଷ୍ଟିଭାଲଗୁଡିକ ପାଇଁ ନିଶ୍ଚିତ ପ୍ରାରମ୍ଭିକ ପହଂଚ ସମେତ ଅନେକ ସ୍ୱତନ୍ତ୍ର ଲାଭ ପ୍ରଦାନ କରୁଛି। ୪୯୯ ଟଙ୍କାର ଏକ ବାର୍ଷିକ ମେମ୍ବରସିପ ଫି' ସହିତ ଭିଆଇପି ପ୍ରୋଗ୍ରାମକୁ ଅପ୍‌ଗ୍ରେଡ ହୋଇ ଗ୍ରାହକମାନେ ସମୃଦ୍ଧ ରିୱାର୍ଡ ପାଇପାରିବେ ଯାହା ସେମାନଙ୍କୁ ଫ୍ଲିପ୍‌କାର୍ଟରେ ସର୍ବୋତମ ସପିଂ ଅନୁଭୂତି ପ୍ରଦାନ କରିବା ପ୍ରତ୍ୟେକ ଗ୍ରୋସରୀ ଅର୍ଡର ଉପରେ ସଂଚୟ ହାସଲ କରିବା ପାଇଁ ସମସ୍ତ ନୂଆ ଭିଆଇପି ଗ୍ରାହକଙ୍କ ପାଇଁ ଏଠାରେ ଏକ ସୀମିତ ଅବଧି ଅଫର୍ ରହିଛି। ଫ୍ଲିପ୍‌କାର୍ଟର ଲୟାଲ୍‌ଟି ପ୍ରୋଗ୍ରାମ (ଫ୍ଲିପ୍‌କାର୍ଟ ପ୍ଲସ ଓ ପ୍ଲସ୍ ପ୍ରିମିୟମ) ଲାଭ ମଧ ଗ୍ରାହକଙ୍କ ଲାଗି ଜାରି ରହିବ ଯାହାକି ଉକ୍ତ ପ୍ରୋଗ୍ରାମର ଏକ ଅଂଶ ଅଟେ ।

## ଜୀ ସାର୍ଥକ ର ଦେଖିବା ନିତି ହେବା ଲକ୍ଷପତି ମେଗା କଣ୍ଟେଷ୍ଟ

ଭୁବନେଶ୍ୱର (ସବ୍ୟୁ): ଓଡିଆ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ତା'ର ଅଗଣିତ ଦର୍ଶକମାନଙ୍କ ପାଇଁ କେବଳ ମନୋରଞ୍ଜନ ନୁହେଁ, ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ ମଧ ନେଇଆସୁଛି । ଜୀ ସାର୍ଥକରେ ଆରମ୍ଭ ହୋଇଥିବା ନିଆରା ମେଗା ପ୍ରତିଯୋଗିତା ଦେଖିବା ନିତି ହେବା ଲକ୍ଷପତି ପ୍ରତି ଦର୍ଶକଙ୍କର ଆଗ୍ରହ ବଢିବାରେ ଲାଗିଛି । ପ୍ରତିଦିନ ସନ୍ଧ୍ୟା ୬:୩୦ରୁ ରାତି ୯:୩୦ ମଧ୍ୟରେ ଜୀ ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ ମଧ୍ୟରେ ଦର୍ଶକ କିଛି ସରଳ ପ୍ରଶ୍ନର ଉତ୍ତର ମିସକଲ୍ ମାଧ୍ୟମରେ ଦେଇ ପ୍ରତ୍ୟେକ ଦିନ ୬ ଜଣ ବିଜେତା ୧ ହଜାର ଟଙ୍କାର ଗିଫ୍ଟ ଭାଉଚର ପାଇପାରୁଛନ୍ତି । ଯାହାକି ଦର୍ଶକ




ପ୍ରତ୍ୟକ ଦିନ ବିଜେତାଙ୍କ ସମ୍ପୂର୍ଣ୍ଣ ବିବରଣୀ ଟିଭି ସ୍କ୍ରିନ୍ ରେ ଦେଖିପାରୁଛନ୍ତି । ସେଇ ବିଜେତାଙ୍କୁ ନେଇ ଆଗକୁ ଏକ ମେଗା କଣ୍ଟେଷ୍ଟ ହେବ ଯାହାଙ୍କୁ ମିଳିବ ବମ୍ପର ପୁରସ୍କାର ରାଶି ୧ ଲକ୍ଷ ଟଙ୍କା । ଜୀ ସାର୍ଥକ ସର୍ବଦା ଦର୍ଶକଙ୍କ ସହିତ ନିଜ ସମ୍ପର୍କ ଯୋଡ଼ିବା ପାଇଁ ନୂଆ ନୂଆ ପ୍ରୟାସ ଜାରି ରଖିଥାଏ । ସେହିପରି ତା'ର ଅନନ୍ୟ କାର୍ଯ୍ୟକ୍ରମ ଦେଖିବା ନିତି ହେବା ଲକ୍ଷପତି ଏକ ମାଧ୍ୟମ । ତେଣୁ ଜୀ ସାର୍ଥକକୁ ଭଲ ପାଉଥିବା ଦର୍ଶକମାନେ ଏହି ପ୍ରତିଯୋଗିତାରେ ବହୁ ମାତ୍ରାରେ ଭାଗ ନେଇ ଲକ୍ଷପତି ହେବା ପାଇଁ ନିଜ ଭାଗ୍ୟର ପରୀକ୍ଷା ନିଅନ୍ତୁ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ ପ୍ରକାଶ କରିଛନ୍ତି ।

## ଜେଇଇ (ମେନ) ସେସନ-୨ ପରୀକ୍ଷା ଫଳ ପ୍ରକାଶିତ
# ଡିଏଭି ଚନ୍ଦ୍ରଶେଖରପୁରର ଅନ୍ୱେଷ ଶୁଭମ ଓଡିଶା ଟପ୍ପର

ଭୁବନେଶ୍ୱର (ସବ୍ୟୁ): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ଜେଇଇ (ମେନ) ସେସନ-୨ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏଥିରେ ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁରର ଛାତ୍ର ଅନ୍ୱେଷ ଶୁଭମ ପ୍ରଧାନ ୯୯.୯୯ ପର୍ସୋଇଲ ସହ ଓଡିଶା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ପ୍ରଧାନମନ୍ତ୍ରୀ ବାଲ ପୁରସ୍କାର ବିଜେତା ଅନ୍ୱେଷ ସେସନ-୧ରେ ୯୯.୯୩ ପର୍ସୋଇଲ ହାସଲ କରିଥିଲେ । ଏତଦଭିନ୍ନ, ଡିଏଭି ଚନ୍ଦ୍ରଶେଖରପୁରରୁ ସମୁଦାୟ ୧୧୮ ଜଣ ବିଦ୍ୟାର୍ଥୀ ଜେଇଇ ଆଡଭାନସଡ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିମଧ୍ୟରୁ, ୧୬ ଜଣ ୯୯ରୁ ଉର୍ଦ୍ଧ୍ୱ ପର୍ସୋଇଲ ହାସଲ କରିଥିବା ସ୍ଥଳେ ୩୨ ଜଣ



୯୮ରୁ ବେଶି, ୪୯ ଜଣ ୯୭ରୁ ଅଧିକ, ୫୭ ଜଣ ୯୬ରୁ ଉର୍ଦ୍ଧ୍ୱ ଓ ୭୧ ଜଣ ୯୫ରୁ ଅଧିକ ପର୍ସୋଇଲ ହାସଲ କରିଛନ୍ତି। ସ୍କୁଲ ଦ୍ୱାରା ନିଜସ୍ୱ ପରିଚାଳିତ ସୁପର-୪୦ରୁ ଅଧିକାଂଶ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପର୍ସୋଇଲ ସହ କୃତୀ ତାଲିକାରେ ସ୍ଥାନିତ ହୋଇଛନ୍ତି । ମେ ୨୬ ତାରିଖରେ ଜେଇଇ ଆଡଭାନ୍ସଡ ପରୀକ୍ଷା ଅନୁଷ୍ଠିତ ହେବ । ଅନ୍ୱେଷ ଶୁଭମଙ୍କ ସମେତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ.ସି.ଶତପଥୀ, ଡିଏଭି ଚନ୍ଦ୍ରଶେଖରପୁର ଅଧକ୍ଷା ଡ.ସୁଜାତା ସାହୁଙ୍କ ସମେତ ଅନ୍ୟ ପଦାଧିକାରୀଗଣ ଅଭିନନ୍ଦନ ଜଣାଇବା ସହ ଜେଇଇ ଆଡଭାନ୍ସଡ ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି ।

### ପ୍ରତିରୋଧକ ଶକ୍ତିକୁ ସମର୍ଥନ କରୁଥିବା ୪ଟି ପ୍ରାକୃତିକ ଖାଦ୍ୟ

ଭୁବନେଶ୍ୱର (ସବ୍ୟୁ): ଋତୁ ବଦଳିବା ସହିତ ଆପଣଙ୍କର ପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ଏବଂ ସୁସ୍ଥ ସବଳ ରହିବା ପାଇଁ ସୁସ୍ଥ, ସନ୍ତୁଳିତ ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ । ଏହା ସମ୍ପର୍କରେ ଆଲୋକପାତ କରି ନ୍ୟୁଟ୍ରିସନ ଏବଂ ୱେଲନେସ କନସଲଟାଂଟ ଶୀଲା କ୍ରିଷ୍ଣସ୍ୱାମୀ କହିଛିଁଯେ, ଆଲମଣ୍ଡ, ଋତୁଜନିତ ଫଳ ଏବଂ ପନିପରିବା ଭଳି ପ୍ରାକୃତିକ ଖାଦ୍ୟ ଆପଣଙ୍କ ଦୈନନ୍ଦିନ ଭୋଜନରେ ଯୋଗ କରିବା ଦ୍ୱାରା ଆପଣଙ୍କ ଶରୀରରେ ରୋଗକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକ ହେଉଥିବା ଅତିରିକ୍ତ ଶକ୍ତି ବୃଦ୍ଧି ପାଇଥାଏ । ଆପଣଙ୍କ ପ୍ରତିରୋଧକ ଶକ୍ତିକୁ ସମର୍ଥନ କରିବା ଏବଂ ଋତୁଜନିତ ଫ୍ଲୁ ଏବଂ ଅସୁସ୍ଥତାକୁ ଦୂର କରିବାରେ ସାହାଯ୍ୟ କରିବା ପାଇଁ ଚାରୋଟି ପ୍ରାକୃତିକ ଖାଦ୍ୟ ଅଛି । ଏହି ଖାଦ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା କରି ଶୀଲା କ୍ରିଷ୍ଣସ୍ୱାମୀ କହିଛନ୍ତି ଯେ, ସେଥିମଧ୍ୟରୁ ଗୋଟିଏ ହେଉଛି ଆଲମଣ୍ଡ । ଆଲମଣ୍ଡ କେବଳ ସ୍ୱାଦିଷ୍ଟ ନୁହେଁ ପ୍ରତିରୋଧକ କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିଟାମିନ ଇ , ଜିଙ୍କ, ଫୋଲେଟ, ଏବଂ ଆଇରନ ଆଦି ପୋଷକତତ୍ତ୍ୱ ଏଥିରେ ରହିଥାଏ ।

## ହିଟ୍ ଷ୍ଟ୍ରୋକ୍ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ
# ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକରୁଛି ସ୍ୱତନ୍ତ୍ର ୟୁନିଟ୍

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଦିନକୁ ଦିନ ବୃଦ୍ଧି ଘଟୁଥିବା ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ କାର୍ଯ୍ୟକାରୀ ହୋଇଛିଛ ଅସହ୍ୟ ଗ୍ରୀଷ୍ମ କାରଣରୁ ଦେଖାଯାଉଥିବା ସନ୍ ଷ୍ଟ୍ରୋକ୍ ତଥା ଅନ୍ୟାନ୍ୟ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଏମ୍ସରେ ଏହି ଉତ୍ସର୍ଗୀକୃତ ୟୁନିଟ୍ କାର୍ଯ୍ୟ କରିବ ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ତଥା ଏନେଇ ସୃଷ୍ଟି ହେଉଥିବା ସମ୍ଭାବ୍ୟ ଆପତକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ ବିଶେଷ ସହାୟକ ହେବାନେଇ ଆଶାବ୍ୟକ୍ତ କରିଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ । ଆବଶ୍ୟକୀୟ ଚିକିତ୍ସା ସୁବିଧା ସହିତ ବିଭିନ୍ନ ବିଭାଗର ଡାକ୍ତରଙ୍କ ପକ୍ଷରୁ ଏହି ୟୁନିଟ୍ରେ ସେବା ପ୍ରଦାନ କରାଯିବ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି । ସେହିପରି ପ୍ରଖର ଖରାରେ ନିହାତି ଆବଶ୍ୟକ ନଥିଲେ ବାହାରକୁ ନବାହାରିବାକୁ ସେ ପରାମର୍ଶ ଦେଇଛନ୍ତି । ଜରୁରୀ ପରିସ୍ଥିତିରେ ଦିନବେଳା ବାହାରକୁ ଯିବା ସମୟରେ ସମସ୍ତ




ସତର୍କତାମୂଳକ ପଦକ୍ଷେପ ଯେପରିକି ସାଙ୍ଗରେ ଛତା, ଓଦା ଗାମୁଛା କିମ୍ବା ଟାୱେଲ୍ ଏବଂ ପାଣି ବୋତଲ ଭଳି ସାମଗ୍ରୀ ନେବାକୁ ଡ. ବିଶ୍ୱାସ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ଆୟୁଷ ବିଭାଗରେ କାର୍ଯ୍ୟକ୍ଷମ ଛଅ ଶଯ୍ୟା ବିଶିଷ୍ଟ ଏହି ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ ୟୁନିଟ୍ ଗତ ସପ୍ତାହରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍ସ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ସୂଚନା ଦେଇଛନ୍ତି । ଏଯାବତ ଏମ୍ସ ଭୁବନେଶ୍ୱର ପକ୍ଷରୁ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ସନ୍ ଷ୍ଟ୍ରୋକ୍ ପିଡ଼ୀତ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଗଲାଣିଛ ଜେନେରାଲ୍ ମେଡିସିନ୍, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି ଏବଂ ଆୟୁଷ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକରେ ଏହି ୟୁନିଟ୍‌ର ସଫଳ ପରିଚାଳନା କାର୍ଯ୍ୟଶୈଳୀ ପ୍ରସ୍ତୁତି ସୁନିଶ୍ଚିତ କରାଯାଇଥିଲା ।

ମେଡିସିନ୍ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ ବେହେରାଙ୍କୁ ହିଟ୍ ଷ୍ଟ୍ରୋକ ୟୁନିଟ୍ ର ନୋଡାଲ୍ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି । ଏହି ୟୁନିଟ୍‌ରେ ଆବଶ୍ୟକୀୟ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆର୍ଏସ ଆଦି ଗଚ୍ଛିତ ରଖାଯାଇଛି । ସେହିପରି ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରୀ କର୍ମଚାରୀମାନେ ସଜାଗ ଅଛନ୍ତି । ଜନସାଧାରଣଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଏମ୍ସ ଭୁବନେଶ୍ୱର ସର୍ବଦା ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ଏଥିସହିତ ଏହି ଗ୍ରୀଷ୍ମ ପ୍ରବାହ ଏବଂ ପ୍ରଚଣ୍ଡ ତାତିର ଅବଧି ମଧ୍ୟରେ ଲୋକମାନେ ସେମାନଙ୍କ ସୁସ୍ଥତାକୁ ପ୍ରାଥମିକତା ଦେବା ଆବଶ୍ୟକ ।

## ପୃଥିବୀ ଦିବସ : ବେଦାନ୍ତ ଆଲୁମିନିୟମ୍ ନବୀକରଣ ଯୋଗ୍ୟ
# ଶକ୍ତି ଉତ୍ପାଦନ ପାଇଁ ବାୟୋମାସ୍‌ର ବ୍ୟବହାର କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ବୃହତମ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ବିଦ୍ୟୁତ୍ ଉତ୍ପାଦନ ପାଇଁ ବାୟୋମାସ୍ ବ୍ରିକେଟ୍ ନିୟୋଜନ ସହିତ ଇନ୍ଧନ ମିଶ୍ରଣକୁ ଅଧିକ ସ୍ଥାୟୀ କରିଛି। କମ୍ପାନୀ ବର୍ତ୍ତମାନ ଓଡିଶାର ଲାଞ୍ଜିଗଡରେ ଥିବା ବିଶ୍ୱ ସ୍ତରୀୟ ଆଲୁମିନା ରିଫାଇନାରୀରେ ପ୍ରତିଦିନ ୨୦ ଟନ୍ ବାୟୋମାସ୍ ବ୍ରିକେଟ୍ ବ୍ୟବହାର କରୁଛି। ଏହା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ପ୍ରତିବର୍ଷ ୧୦,୦୦୦ ଟନରୁ ଅଧିକ ଅଙ୍ଗାରକାମ୍ଳ ସମାନ୍ତରାଳ ଭାବରେ ୟୁନିଟର ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜିଏଚଜି) ନିର୍ଗମନକୁ ହ୍ରାସ କରିବା। ପୃଥିବୀ ଦିବସ ୨୦୨୪ ଅବସରରେ ଏହା ୨୦୫୦ କିମ୍ବା ଶୀଘ୍ର ନେଟ ଜିରୋ କାର୍ବନ ହାସଲ କରିବା ପାଇଁ କମ୍ପାନୀର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

ବାୟୋମାସ୍ ବ୍ରିକେଟ୍ ସ୍ଥାନୀୟ କୃଷକମାନଙ୍କ ଠାରୁ ମିଳିଥିବା କୃଷି ଅବଶିଷ୍ଟାଂଶରୁ ନିର୍ମିତ, ଯେଉଁମାନେ ଅନ୍ୟଥା ଏହାକୁ ଜଳାଇ ପରିବେଶ ପ୍ରଦୂଷଣର କାରଣ ସାଜିଥାନ୍ତି । ବୃତାକାର ଅର୍ଥବ୍ୟବସ୍ଥାକୁ ସର୍ବଦା ପ୍ରୋତ୍ସାହନ ଦେଉଥିବା ବେଦାନ୍ତ ଆଲୁମିନିୟମ୍ କୃଷକମାନଙ୍କୁ ସେମାନଙ୍କ ଫସଲର ଉପଯୁକ୍ତ



ପାରିଶ୍ରମିକ ଦେଇ ଏହି ପଦକ୍ଷେପ ମାଧ୍ୟମରେ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ କୃଷକଙ୍କ ଆୟକୁ ମଧ ବୃଦ୍ଧି କରୁଛି । ବାଲକୋ, ଭାରତର ବିଶ୍ୱସ୍ତରିୟ ଆଲୁମିନିୟମ୍ ଉତ୍ପାଦକ ତଥା ଛତିଶଗଡର କୋରବା ଠାରେ ଅବସ୍ଥିତ ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍ ପୂର୍ବରୁ ମଧ ଏହି ପରି ପଦକ୍ଷେପ ମଧ ଗ୍ରହଣ କରାଯାଇଛି। ଏହଛଡା କମ୍ପାନୀ ଏହାର କାର୍ଯ୍ୟକୁ ଦେଶବ୍ୟାପୀ ଶକ୍ତି ଯୋଗାଇବା ପାଇଁ ୧୩୩୫ ମେଗାୱାଟ ଅକ୍ଷୟ ଶକ୍ତି ଉତ୍ସ କରିବାକୁ ଦୀର୍ଘକାଳୀନ ଶକ୍ତି ବିତରଣ ଚୁକ୍ତିନାମା କରିଛି ।

ପୃଥିବୀ ଦିବସ ଅବସରରେ କମ୍ପାନୀ ଏହାର ବିକାଶ ପ୍ରକଳ୍ପ ଜୀବିକା ସମୃଦ୍ଧି ତତ୍ତ୍ୱାବଧାନରେ ଝାରସୁଗୁଡା ଓଡିଶାରେ କୃଷକମାନଙ୍କ ପାଇଁ ସଚେତନ ଅଧିବେଶନ ଆୟୋଜନ କରିଥିଲା, ଯାହା କୃଷିର ଅଧିକ ଦକ୍ଷ ପଦ୍ଧତି ମାଧ୍ୟମରେ ଆୟ ଉପାର୍ଜନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ସମନ୍ୱିତ ପୁଷ୍ଟିକର ଏବଂ କୀଟନାଶକ ପରିଚାଳନା ପାଇଁ ଜୈବ ସାରର ପ୍ରସ୍ତୁତି ଏବଂ ବ୍ୟବହାର ବିଷୟରେ ଅଧିବେଶନଗୁଡିକରେ କୌଷଳ ପ୍ରଦାନ କରାଯାଇଥିଲା । ଏଥିସହ କମ୍ପାନୀ ପିଲାମାନଙ୍କ ପାଇଁ ଏକ ଆବର୍ଜନା ରୁ ସମ୍ପଦ-ଥିମ ଆଧାରିତ ପ୍ରତିଯୋଗିତା ମଧ ଆୟୋଜନ କରିଥିଲା । ପୁରାତନ କପଡା, ପ୍ଲାଷ୍ଟିକ୍ ବାସନ, କାଡର୍ବୋଡ ଖଣ୍ଡ ଏବଂ ଏପରିକି ନଡ଼ିଆ ସେଲ ଭଳି ପୁନ ବ୍ୟବହାର ଯୋଗ୍ୟ ସାମଗ୍ରୀର ଅଭିନବ ବ୍ୟବହାର ପ୍ରଦର୍ଶନ କରିବାକୁ ଭବିଷ୍ୟତର ଷ୍ଟିୱାର୍ଡମାନଙ୍କ ପାଇଁ ଏହା ଏକ ସୁଯୋଗ ଥିଲା । ବେଦାନ୍ତ ଆଲୁମିନିୟମ୍ ୨୦୫୦ ସୁଦ୍ଧା ନେଟ୍ ଜିରୋ ହାସଲ କରିବାକୁ ପ୍ରତିଶ୍ରୁତି ଦେଇଛି ।

## ତାଜପୁର ଆଦିବାସୀ ବସ୍ତିରେ ଅଗ୍ନିକାଣ୍ଡ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ତଥା ପଥରପଦା ପଂଚାୟତର ତାଜପୁର ଆଦିବାସୀ ବସ୍ତିରେ ଗୁରୁବାର ମଧ୍ୟାନ୍ନରେ ଅଗ୍ନିକାଣ୍ଡ ଘଟି ସମସ୍ତ ଆସବାସପତ୍ର ଭସ୍ମିଭୂତ ହୋଇଯାଇଛି । ପ୍ରକାଶଯେ ତାଜପୁର ଆଦିବସୀ ବସ୍ତିର ଲକ୍ଷ୍ମଣ ମୁଣ୍ଡାଙ୍କ ଘରେ ରୋଷେଇ ଚାଲୁଥିବା ବେଳେ ଚୁଲିରୁ ନିଆଁ ଲାଗି ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଘରେ ଥିବା ଧାନ, ଚାଉଳ ସମେତ ସମସ୍ତ ଆସବାସ ପତ୍ର ପୋଡି ପାଉଁଷ ହୋଇଯାଇଥିଲା । ଖବର ପାଇ ବୈତରଣୀ ରୋଡ ଦମକଳ ବାହିନୀ ପହଂଚିଥିଲେ ହେଁ ସେତେବେଳକୁ ସବୁ ପୋଡି ଯାଇଛଥିଲା । ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଆକ୍ସିସ୍ ବ୍ୟାଙ୍କର ବାର୍ଷିକ ଫଳାଫଳ

ଭୁବନେଶ୍ୱର(ସବ୍ୟୁ) : ଆକ୍ସିସ୍ ବ୍ୟାଙ୍କ ଏହାର ଆର୍ଥିକ ବର୍ଷ ୨୦୨୪ର ଚତୁର୍ଥ ତ୍ରୈମାସିକ ଓ ୨୦୨୩-୨୪ ବାର୍ଷିକ ଫଳାଫଳ ଘୋଷଣା କରିଛି । ଆର୍ଥିକ ବର୍ଷ - ୨୦୨୩-୨୪ରେ ନେଟ୍ ଲାଭ ସମୁଦାୟ ୨୪,୮୬୧ କୋଟି ଟଙ୍କା ରେକର୍ଡ କରିଛି ଯାହା ପୂର୍ବ ଆର୍ଥିକ ବର୍ଷ ଅନୁପାତରେ ୧୬୦% ରହିଛି । ଆର୍ଥିକ ବର୍ଷ -୨୦୨୨-୨୩ରୁ କମ୍ପାନୀ ସମୁଦାୟ ୯,୫୮୦ କୋଟିରୁ ଲାଭ ଆଦାୟ କରିଥିଲା। ବ୍ୟାଙ୍କର ନେଟ୍ ସୁଧ ଆୟ (ଏନଆଇଆଇ) ବର୍ଷ ତୁଳନାରେ ୧୬% ଏବଂ ୧୧% ଚତୁର୍ଥ ତ୍ରୈମାସିକରେ ବୃଦ୍ଧି ପାଇ ଆର୍ଥିକ ବର୍ଷ୨୦୨୩-୨୪ ରେ ୪୯,୮୯୪ କୋଟିରେ ପହଞ୍ଚିଛି। ଆର୍ଥିକ ବର୍ଷ -୨୦୨୨-୨୩ ରେ ଏହା ୪୨,୯୪୬ କୋଟିଟଙ୍କା ଥିଲା। ନେଟ୍ ସୁଧ ମାର୍ଜିନ (ଏନଆଇଏମ୍) ୪.୦୬% ରହିଥିଲା ଏବଂ ଚତୁର୍ଥ ତ୍ରୈମାସିକରେ ୫ ବିପିଏସ୍ ବୃଦ୍ଧିପାଇଛି । ଚତୁର୍ଥ ତ୍ରୈମାସିକରେ ସାମ୍ପ୍ରତିକ ଏବଂ ସଞ୍ଚୟ ଆକାଉ (ସିଏଏସଏ) ୮% ବୃଦ୍ଧି ପାଇଛି ଏବଂ ସିଏଏସଏ ଅନୁପାତ୪୩% ରେ ରହିଥିଲା । ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା ବ୍ୟାଙ୍କର ମୋଟ ଏପିଏ ଏବଂ ନେଟ୍ ଏନପିଏ ସ୍ତର ଯଥାକ୍ରମେ୧.୪୩% ଏବଂ ୦.୩୧% ରହିଥିଲା, ଯାହା ମାର୍ଚ୍ଚ ୩୧, ୨୦୨୩ ସୁଦ୍ଧା ୨.୦୨% ଏବଂ ୦.୩୯% ରହିଥିଲା।ବ୍ୟାଙ୍କର ଫି ଆୟ ଗତ ବର୍ଷ ତୁଳନାରେ ୨୮% ଏବଂ ବିଗତ ତ୍ରୈମାସିକରେ ତୁଳନାରେ ୨୩% ବୃଦ୍ଧି ପାଇ ଆର୍ଥିକ ବର୍ଷ ୨୦୨୩-୨୪ ରେ ୨୦,୨୫୭ କୋଟିରେ ପହଞ୍ଚିଛି । ଆକ୍ସିସ୍ ବ୍ୟାଙ୍କ ଏମଡ଼ି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ଆର୍ଥିକ ବର୍ଷ ୨୦୨୩-୨୪ ରେ, ଆକ୍ସିସ୍ ବ୍ୟାଙ୍କ ନିରନ୍ତର ଅଭିବୃଦ୍ଧିର ଯାତ୍ରା ଜାରି ରଖିଛି।

# ଏଥର ନିର୍ବାଚନ ଅଧିକ ମହଙ୍ଗା




**ନୂଆଦିଲ୍ଲୀ:** ୨୦୨୪ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ପାଇଁ ହେଉଛି ନିର୍ବାଚନର ବର୍ଷ । କାରଣ ବିଶ୍ୱର ପ୍ରାୟ ୭୦ରୁ ୮୦ଟି ଦେଶରେ ଏବର୍ଷ ନିର୍ବାଚନ ହେଉଛି । ନିର୍ବାଚନ ହେଉଥିବା ଦେଶଗୁଡ଼ିକ ମଧ୍ୟରେ ରହିଛନ୍ତି ଆମେରିକା, ରୁଷ, ବ୍ରିଟେନ, ଅଷ୍ଟ୍ରେଲିଆ, ଇସ୍ରାଏଲ, ଇରାନ, ପାକିସ୍ତାନ, ବାଂଲାଦେଶ, ଫ୍ରାନ୍ସ,, ବ୍ରାଜିଲ, ଇଣ୍ଡୋନେସିଆ ଇତ୍ୟାଦି । କିନ୍ତୁ ସବୁଠାରୁ ମହଙ୍ଗା ନିର୍ବାଚନ ହେଉଛି ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଭାରତରେ । ଲୋକସଭା ନିର୍ବାଚନ ୨୦୨୪ ପୂର୍ବ ରେକର୍ଡ ଭାଙ୍ଗି ବିଶ୍ୱର ସବୁଠାରୁ ବ୍ୟୟବହୁଳ ନିର୍ବାଚନୀ କାର୍ଯ୍ୟକ୍ରମରେ ପରିଣତ ହେବାକୁ ଯାଉଛି । ସେଣ୍ଟର ଫର ମିଡିଆ ଷ୍ଟଡିଜ (ସିଏମଏସ) ନାମକ ଏନଜିଓ ଦାବି କରିଛି ଯେ ଏହି ଲୋକସଭା ନିର୍ବାଚନରେ ଆନୁମାନିକ ଖର୍ଚ୍ଚ ୧.୩୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ୨୦୧୯ ନିର୍ବାଚନରେ ହୋଇଥିବା ଖର୍ଚ୍ଚ ତୁଳନାରେ ଏହି ପରିମାଣ ଦୁଇଗୁଣରୁ ଅଧିକ । ସେତେବେଳେ ସାଧାରଣ ନିର୍ବାଚନ ପାଇଁ ପ୍ରାୟ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ସିଏମଏସ ୩୫ ବର୍ଷ ଧରି ନିର୍ବାଚନ ଖର୍ଚ୍ଚ ଉପରେ ନଜର ରଖିଛି । ଏହି ବ୍ୟାପକ ବ୍ୟୟରେ ରାଜନୈତିକ ଦଳ ଓ ସଂଗଠନ, ପ୍ରାର୍ଥୀ, ସରକାର ଏବଂ ନିର୍ବାଚନ କମିଶନଙ୍କ ସମେତ ନିର୍ବାଚନ ସମ୍ବନ୍ଧୀୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମସ୍ତ ଖର୍ଚ୍ଚ ଅନ୍ତର୍ଭୁକ୍ତ ବୋଲି ଅନୁଷ୍ଠାନର ସଭାପତି ଏନ୍ ଭାସ୍କର ରାଓ କହିଛନ୍ତି ।

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ

# ବିଜେପି-କଂଗ୍ରେସକୁ ଜବାବ ମାଗିଲେ ଇସି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ନିଜ ଭାଷଣ ଜରିଆରେ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରିଥିବା ଅଭିଯୋଗ ହୋଇଛି । ଆଜି ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପଡିବ । ତେବେ ଏହା ପୂର୍ବରୁ ବିଜେପି ଓ କଂଗ୍ରେସକୁ ନୋଟିସ୍ ଜାରି କଲେ ନିର୍ବାଚନ କମିଶନ । ପ୍ରଧାନମନ୍ତ୍ରୀ ମୋଦି ଏବଂ ରାହୁଲ ଗାନ୍ଧିଙ୍କ ବିରୋଧରେ ନିର୍ବାଚନ ଉଲ୍ଲଂଘନ ଅଭିଯୋଗକୁ ନେଇ ଇସି ଏହି ନୋଟିସ୍ ଜାରି କରିଛନ୍ତି । ଏଥିସହ ଉଭୟ ବିଜେପି ଓ କଂଗ୍ରେସକୁ ଏହାର ଜବାବ ମାଗିଛନ୍ତି ।



ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ନିଜ ଭାଷଣ ଜରିଆରେ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରିଥିବା ଅଭିଯୋଗ ହୋଇଛି । ଏହକାକୁ ନେଇ ଏବେ ନିର୍ବାଚନ ଆୟୋଗ ବିଜେପି ଓ କଂଗ୍ରେସକୁ ନୋଟିସ ପଠାଇଛନ୍ତି । ଏପ୍ରିଲ ୨୯ ସକାଳ ୧୧ଟା ସୁଦ୍ଧା ଏହି ନୋଟିସର ଜବାବ ଦାଖଲ କରିବାକୁ ଆୟୋଗ ଉଭୟ ପକ୍ଷଙ୍କୁ କହିଛନ୍ତି । ଲୋକସଭାର ଆଇନର ଧାରା ୭୭ ଅନୁଯାୟୀ ଉତ୍ତର ଦେବାକୁ ନିର୍ବାଚନ ଆୟୋଗ ଉଭୟ ଦଳର ସଭାପତିଙ୍କୁ କହିଛନ୍ତି ।

ରାଜନୈତିକ ଦଳଗୁଡିକ ସେମାନଙ୍କ ପ୍ରାର୍ଥୀ ତଥା ବିଶେଷ ରୂପେ ଷ୍ଟାର୍ ପ୍ରଚାରକଙ୍କ ଆଚରଣ ଓ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ରୂପେ ଦାୟିତ୍ୱ ଗ୍ରହଣ କରିବାକୁ । ନଚେତ୍ ପଦବୀରେ ଅବସ୍ଥାପିତ ନେତାଙ୍କ ଭାଷଣ ଯୋଗୁ ଗୁରୁତର ପରିଣାମ ଭୋଗିବାକୁ ପଡିପାରେ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । କହିରଖୁ ଯେ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ମୋଦି ଏବଂ ବିଜେପି ସଭାପତି ଜେପି ନାଡ୍ଡା ରାହୁଲ ଗାନ୍ଧିଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ କରିଥିଲେ । ଭାଷଣ ସମୟରେ ଆଚରଣ ବିଧି ପାଳନ କରାଯାଇ ନଥିବା ଉଭୟ ଅଭିଯୋଗ ଆଣିଥିଲେ ।

## ଜଗନ ୫୨୯.୫୦ କୋଟିର ମାଲିକ

**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ ଆଜି ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୁଲିଭେନ୍ଦୁଲା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଜଗନ କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ସରକାର ଗଠନ କରିବାକୁ ଲକ୍ଷ୍ୟରେ ରହିଛନ୍ତି । ଆଜି ସେ ହଜାର ହଜାର ସମର୍ଥକ ଓ ଦଳୀୟ ନେତାଙ୍କ ସହ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ନାମାଙ୍କନ ବେଳେ ଜଗନ ମୋହନ ନିଜ ସମ୍ପତ୍ତିର ସୂଚନା ଦେଇଛନ୍ତି । ସତ୍ୟପାଠ ଅନୁସାରେ, ଜଗନମୋହନ ରେଡ୍ଡୀ ୫୨୯.୫୦ କୋଟି ଟଙ୍କା ସମ୍ପତ୍ତିର ମାଲିକ । ସେହିପରି ତାଙ୍କ ପତ୍ନୀ ଭାରତୀ ରେଡ୍ଡୀଙ୍କ ପାଖରେ ୧୭୬.୩୦ କୋଟି ଟଙ୍କାର ସମ୍ପତ୍ତି ରହିଛି ।

## କନୌଜରୁ ନାମାଙ୍କନ ଭରିଲେ ଅଖିଳେଶ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର କନୌଜରୁ ନିର୍ବାଚନ ଲଢ଼ିବେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ । ଏଥିପାଇଁ ସେ ଆଜି ନିଜ ପରିବାର ସହ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଗୁରୁବାର ପତ୍ନୀ ଡିମ୍ପଲ ଯାଦବ, ଦାଦା ଶିବପାଲ ଯାଦବ ଓ ରାମଗୋପାଳ ଯାଦବଙ୍କ ସହ ଆସି ସେ ନିଜ ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି । ତେବେ ପୂର୍ବରୁ ଏହି ଆସନ ପାଇଁ ସମାଜବାଦୀ ପାର୍ଟି ତେଜ ପ୍ରତାପ ଯାଦବଙ୍କ ନାଁ ଘୋଷଣା କରିଥିଲା । ହେଲେ ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ବିରୋଧ ହେବାରୁ, ଶେଷରେ ଏହି ଆସନରୁ ଖୋଦ୍ ଅଖିଳେଶ ନିର୍ବାଚନୀ ମୈଦାନକୁ ଓହ୍ଲାଇଛନ୍ତି ।



## ଅମୃତପାଲ ସିଂହ ଲଢ଼ିବେ ନିର୍ବାଚନ

**ଡିବ୍ରୁଗଡ଼:** ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅନୁଯାୟୀ ଖଲିସ୍ତାନୀ ସମର୍ଥକ ଅମୃତପାଲ ସିଂହଙ୍କୁ ଡିବ୍ରୁଗଡ ଜେଲରେ ବନ୍ଦୀ ରଖାଯାଇଛି । ତେବେ ନିକଟରେ ଅମୃତପାଲଙ୍କ ଓକିଲ ରାଜଦେବ ସିଂହ ଖାଲସା ତାଙ୍କୁ ଜେଲରେ ଭେଟିଥିଲେ । ଏଠାରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ବିଷୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ସମୟ ମଧ୍ୟରେ ଅମୃତପାଲ ଗଣମାଧ୍ୟମ ପାଇଁ ଏକ ଭଏସ୍ ମେସେଜ ମଧ୍ୟ ସେୟାର କରିଛି । ଏଥିରେ କୁହାଯାଇଛି ଯେ ଅମୃତପାଲ ପଞ୍ଜାବର ଖଡୁର ସାହେବରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି ।

## ସର୍ତ୍ତ ରଖିଲା ହମାସ

# ରାଷ୍ଟ୍ର ବ୍ୟବସ୍ଥା ଲାଗୁ ହେଲେ ଛାଡିବ ଅସ୍ତ୍ରଶସ୍ତ୍ର

**ଗାଜା:** ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ଏସବୁ ଭିତରେ ଯୁଦ୍ଧ ବନ୍ଦ କରିବାକୁ ୨ ରାଷ୍ଟ୍ର ବ୍ୟବସ୍ଥାର ପ୍ରସ୍ତାବ ଦେଇଛି ହମାସ । ଇସ୍ରାଏଲ ସହ ୫ ବର୍ଷ କିମ୍ବା ତା'ର ଅଧିକ ସମୟ ଶାନ୍ତି ଚୁକ୍ତି କରିବାକୁ ହମାସ ରାଜି ଅଛି । ଏଥିସହ ଅସ୍ତ୍ର ଛାଡ଼ିବାକୁ ମଧ୍ୟ ହମାସ ପ୍ରସ୍ତୁତ । ଅସ୍ତ୍ର ଛାଡ଼ି ସଂଗଠନ ନିଜକୁ ଗୋଟିଏ ରାଜନୀତିକ ଦଳ ପରିଣତ କରିବ । କିନ୍ତୁ ଯଦି ୧୯୬୭ ସୀମା ନିୟମ ଅନୁସାରେ ପାଲେଷ୍ଟାଇନକୁ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରାଯିବ, ତା'ହେଲେ ହମାସ ଅସ୍ତ୍ର ଛାଡ଼ିବ ବୋଲି ସର୍ତ୍ତ ରଖିଛି । ହମାସର ଜଣେ ବରିଷ୍ଠ ସଦସ୍ୟ ଖଲିଲ ଅଲ ହାୟା ଏପରି ପ୍ରସ୍ତାବ ଦେଇଛନ୍ତି । କିନ୍ତୁ ଇସ୍ରାଏଲ ଏପରି ପ୍ରସ୍ତାବ ଗ୍ରହଣ କରିବା ସମ୍ଭାବନା କମ । ୧୯୬୭ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଇସ୍ରାଏଲ ଦଖଲ କରିଥିବା ପାଲେଷ୍ଟାଇନ ଅଞ୍ଚଳ ଛାଡ଼ିବା ମୁଡରେ ନାହିଁ । ବରଂ ପାଲେଷ୍ଟାଇନ କବଳରେ ଥିବା ଆଉ କିଛି ଅଞ୍ଚଳରେ ନରସଂହାର କରି ଇସ୍ରାଏଲ ସେସବୁ ଦଖଲ କରିବାକୁ ଚାହୁଁଛି । ଇସ୍ରାଏଲ ସହ ମାସିକିଆ ଅସ୍ତ୍ରବିରତି ପାଇଁ ହମାସର ବୁଝାମଣା କମିଟିରେ ଅଲ ହାୟା ରହିଛନ୍ତି । ସେ କହିଛନ୍ତି, ହମାସ ସବୁବେଳେ ପାଲେଷ୍ଟାଇନ ଲଢ଼ିବେ ରେସନ ଅର୍ଗାନାଇଜେସନରେ ସାମିଲ ହେବାକୁ ଚାହେଁ । ହମାସ ସଂପୂର୍ଣ୍ଣ ଭାବେ ୱେଷ୍ଟ ବ୍ୟାଙ୍କ ଓ ଗାଜା ଷ୍ଟ୍ରିପକୁ ନେଇ ପାଲେଷ୍ଟାଇନ ସାର୍ବଭୌମତ୍ୱ ଚାହୁଁଛି । ଏଥିସହ ଅନ୍ତର୍ଜାତୀୟ ସଂକଳ୍ପ ମାଧ୍ୟରେ ପାଲେଷ୍ଟାଇନ ଶରଣାର୍ଥୀଙ୍କ ଫେରାଯାଉଛି ଯଦି ଏପରି ହେବ, ତା'ହେଲେ ହମାସ ସଂପୂର୍ଣ୍ଣ ଭାବେ ବିଲୀନ ହୋଇଯିବ । ଇସ୍ରାଏଲ ସହ ସମାନ୍ତରାଳ ଭାବେ ପାଲେଷ୍ଟାଇନ ଗଠନ ସପକ୍ଷରେ ହମାସ ରହିଛି । କିନ୍ତୁ ରାଜନୀତିକ ଅଭିସନ୍ଧି ଯୋଗୁ ଏହା ସମ୍ଭବ ହୋଇପାରୁ ନାହିଁ । ଇସ୍ରାଏଲ ବାରମ୍ବାର ପାଲେଷ୍ଟାଇନକୁ ଦଖଲ କରିବାରେ ଲାଗିଛି ।



## ଗାଣ୍ଡେୟ ଆସନରୁ ଲଢ଼ିବେ କଳ୍ପନା ସୋରେନ

**ରାଞ୍ଚି:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ନିର୍ବାଚନ ରାଜନୀତିରେ ପ୍ରବେଶ କରିଛନ୍ତି । ଗାଣ୍ଡେୟ ବିଧାନସଭା ଆସନରୁ ଉପ-ନିର୍ବାଚନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ତାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି । ଏହି ଆସନରେ ମତଦାନ ମେ ୨୦ ରେ ଅନୁଷ୍ଠିତ ହେବ । ଜେଏମଏମ ପକ୍ଷରୁ କୁହାଯାଇଛି ଯେ ଲୋକସଭା ସାଧାରଣ ନିର୍ବାଚନ ୨୦୨୪ ଏବଂ ବିଧାନସଭା ଉପ-ନିର୍ବାଚନ ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରାର୍ଥୀଙ୍କ ଅନ୍ତିମ ତାଲିକା ପ୍ରକାଶ ପାଇଛି । ସମୀର ମହାନ୍ତି ଜାମସେଦପୁର ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । କଳ୍ପନା ସୋରେନଙ୍କୁ ଗାଣ୍ଡେୟ ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଛି । ନାମ ଘୋଷଣା ପୂର୍ବରୁ ମଧ୍ୟ କଳ୍ପନା ସୋରେନ ଗାଣ୍ଡେୟ ଆସନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଏହି ଆସନ ଝାଡଖଣ୍ଡର ଗିରିଡିହ ଜିଲ୍ଲା ଅଧୀନରେ ଆସୁଥିବାବେଳେ ନିକଟରେ କଳ୍ପନା ସେଠାରେ ଜେଏମଏମ କର୍ମୀ ସମ୍ମିଳନୀକୁ ମଧ୍ୟ ସମ୍ବୋଧିତ କରିଥିଲେ । ହେମନ୍ତ ସୋରେନ ଗିରଫ ହେବା ପୂର୍ବରୁ ମଧ୍ୟ କଳ୍ପନା ସୋରେନଙ୍କ ନାମ ଝାଡଖଣ୍ଡର ରାଜନୀତିରେ ଶୁଣିବାକୁ ମିଳିଥିଲା । ଯେତେବେଳେ ହେମନ୍ତ ସୋରେନଙ୍କୁ ଇଡି ଗିରଫ କରିବାର ଥିଲା, ସେତେବେଳେ ସେ ତାଙ୍କ ବାସଭବନରେ ଦଳର ନେତାଙ୍କ ଏକ ବୈଠକ ଡାକିଥିଲେ । ସେହି ବୈଠକରେ କଳ୍ପନା ସୋରେନ ମଧ୍ୟ ଯୋଗ ଦେଇଥିଲେ । ସେବେଠାରୁ ଆଲୋଚନା ଆରମ୍ଭ ହୋଇଥିଲା ଯେ ବର୍ତ୍ତମାନ କଳ୍ପନା ତାଙ୍କ ସ୍ୱାମୀଙ୍କ ରାଜନୀତିକୁ ଆଗକୁ ନେଇଯିବେ ।



## ଟ୍ରେନ ୱେଟିଂ ଟିକେଟ ବାତିଲ ନିୟମରେ ପରିବର୍ତ୍ତନ

**ନୂଆଦିଲ୍ଲୀ:** ରେଳବାଇ ଏବେ ୱେଟିଂ ଟିକେଟ ବାତିଲ ଶୁଳ୍କକୁ ନେଇ ନିୟମରେ ପରିବର୍ତ୍ତନ କରିଛି । ପୂର୍ବରୁ ରେଳବାଇ ଆରଏସି ଟିକେଟ କିମ୍ବା ଅନ୍ୟାନ୍ୟ ୱେଟିଂ ଟିକେଟ ଓ ବାତିଲ ହେଲେ ସର୍ଭିସ ଚାର୍ଜ ଏବଂ ସୁବିଧା ଶୁଳ୍କ ଆକାରରେ ମୋଟା ଅଙ୍କର ଟଙ୍କା ଆଦାୟ କରୁଥିଲା । ଉଦାହରଣ ସ୍ୱରୂପ ଆପଣ ଯଦି ୧୯୦ ଟଙ୍କାର ଟିକେଟ କିଣିଛନ୍ତି, ଟିକେଟ ୱେଟିଂ ରହିଛି, ତେବେ ଆପଣ ଟିକେଟ ବାତିଲ କଲେ ମାତ୍ର ୯୫ ଟଙ୍କା ଫେରସ୍ତ ମିଳୁଥିଲା । ଭାରତୀୟ ରେଳବାଇ ଟିକେଟ ବାତିଲରେ ଏକ ନୂଆ ପରିବର୍ତ୍ତନ କରିଛି, ଯାହା ଯାତ୍ରୀଙ୍କୁ ବହୁତ ସୁବିଧା ଦେଇଛି । ରେଳବାଇ ଜାରି କରିଥିବା ନୂଆ ନିୟମ ଅନୁଯାୟୀ ଯଦି କୌଣସି ଟିକେଟ ୱେଟିଂ କିମ୍ବା ଆରଏସିରେ ଅଛି ତେବେ ସର୍ଭିସ ଚାର୍ଜ ଭାବେ ଅତିରିକ୍ତ ଟଙ୍କା ଆଦାୟ କରାଯିବ ନାହିଁ । କେବଳ ଏକ ସର୍ବନିମ୍ନ ଦେୟ କଟିବ । ନୂଆ ନିୟମ ଅନୁଯାୟୀ, ସାଧାରଣ ଟିକେଟ ପାଇଁ ନିର୍ଦ୍ଧାରିତ ୬୦ ଟଙ୍କା ଏବେ କଟାଯିବ । ସ୍ଲିପରରେ ୧୨୦ ଟଙ୍କା ଓ ତୃତୀୟ ଏସିରେ ୧୮୦ ଟଙ୍କା ଚାର୍ଜ କଟାଯିବ । ଦ୍ୱିତୀୟ ଏସି ଟିକେଟ୍ ବାତିଲ କଲେ ୨୦୦ ଟଙ୍କା କଟିଯିବ । ପ୍ରଥମ ଏସିରେ କଟାଯିବ ୨୪୦ ଟଙ୍କା ।

## ହୋଟେଲରେ ଲାଗିଲା ନିଆଁ, ୬ ମୃତ

**ପାଟନା:** ପାଟନା ଜଙ୍କସନ ସ୍ଥିତ ୪ ମହଲା ବିଶିଷ୍ଟ ପାଲ୍ ହୋଟେଲରେ ଏହି ଅଗ୍ନିକାଣ୍ଡ ଅଛି । ସକାଳୁ ଲୋକେ ଜଳଖିଆ କରିବା ପାଇଁ ହୋଟେଲର ରେଷ୍ଟୁରାଣ୍ଟରେ ଲୋକେ ଏକାଠି ହୋଇଥିଲେ । ହୋଟେଲ କିଚେନ୍ ରୁମରେ ରୋଷେଇ ଚାଲିଥିଲା । ଏତିକି ବେଳେ ହଠାତ୍ ଏକ ତେଲ କରେଇରେ ନିଆଁ ଲାଗି ଯାଇଥିଲା । ପରେ ଏହି ନିଆଁ ଗ୍ୟାସ୍ ସିଲିଣ୍ଡର ଯାଏଁ ବ୍ୟାପିଥିଲା । ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ଘଟି ଚାରିଆଡେ ନିଆଁ ବ୍ୟାପି ଯାଇଥିଲା । ଫଳର ଏହି ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ତିନି ଜଣ ପୁରୁଷ ଓ ତିନି ମହିଳା ଥିବା ପୁଲିସ କହିଛି । ସେହିପରି ୨୦ରୁ ଅଧିକ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରି ପିଏମସିଏଚ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏଥିରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ହୋଟେଲରେ ନିଆଁ ଲାଗିବା ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ହୋଟେଲର ପୂରା ଉପର ମହଲାରେ ଥିବା ଲୋକେ ତଳକୁ ଆସି ନପାରି ସେଠାରେ ଫଶି ଯାଇଥିଲେ । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

# ନିର୍ବାଚନ ମୈଦାନରେ ଅନେକ ନେତାଙ୍କ ପୁଅ-ଝିଅ

**ନୂଆଦିଲ୍ଲୀ:** ଏଥର ନିର୍ବାଚନରେ ଅନେକ ନେତାଙ୍କ ପୁଅ, ପତ୍ନୀ, ଭାଇ ଅଛନ୍ତି । ଅନେକ ନେତାଙ୍କର ଝିଅ ମଧ୍ୟ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଲାଲୁ, କରୁଣାନିଧି, ଶରଦ ପାୱାର ଏବଂ ସୁଷମା ସ୍ୱରାଜଙ୍କ ଝିଅ । ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଦୁଇ ଝିଅ ରୋହିଣୀ ଆଚାର୍ଯ୍ୟ ଏବଂ ମିସା ଭାରତୀ ଏଥର ଲୋକସଭା ନିର୍ବାଚନ ଲଢୁଛନ୍ତି । ରୋହିଣୀ ବିହାରର ସରନ ଲୋକସଭା ଆସନରେ ଆରଜେଡି ପ୍ରାର୍ଥୀ ହୋଇଥିବା ବେଳେ ମିସା ଭାରତୀ ପାଟଳିପୁତ୍ର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେ ଏବେ ରାଜ୍ୟସଭା ସାଂସଦ ଅଛନ୍ତି । ସେହିଭଳି ଦିବଂଗତ ବିଜେପି ନେତ୍ରୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଝିଅ ବାଂଶୁରି ସ୍ୱରାଜଙ୍କୁ ବିଜେପି ପକ୍ଷରୁ ନୂଆଦିଲ୍ଲୀ ଆସନରେ ପ୍ରାର୍ଥୀ ହୋଇଛନ୍ତି । ପ୍ରଥମଥର ଲାଗି ସେ ନିର୍ବାଚନ ରାଜନୀତିରେ ଯୋଗଦେଇଛନ୍ତି । ତାଙ୍କୁ କେନ୍ଦ୍ର ମନ୍ତ୍ରୀ ମିନାକ୍ଷୀ ଲେଖିଙ୍କ ସ୍ଥାନରେ ପ୍ରାର୍ଥୀ କରାଯାଇଛି ।

ଏଥର ଯେଉଁ ଆସନରେ ସମସ୍ତଙ୍କର ଆଖି ରହିଛି ତାହା ହେଉଛି ମହାରାଷ୍ଟ୍ରର ବାରାମତି ଲୋକସଭା ଆସନ । ଏହି ଆସନରେ ଏନସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ପ୍ରାର୍ଥୀ ଅଛନ୍ତି । ମୁକାବିଲା ହେଉଛି ତାଙ୍କର ଭାଉଜ ତଥା ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରାଙ୍କ ସହିତ । ଏହି ନିର୍ବାଚନକୁ ଅନେକ 'ନଣନ୍ଦ ବନାମ ଭାଉଜ' ଲଢ଼େଇ କହୁଛନ୍ତି । ଏବେ ଉପମୁଖ୍ୟମନ୍ତ୍ରୀ ଥିବା ଅଜିତ ପାୱାର ଏନସିପିରେ ବିଭାଜନ ଘଟାଇ ନିଜକୁ ପ୍ରକୃତ ଏନସିପିର ଅଧ୍ୟକ୍ଷ ଘୋଷଣା କରିଛନ୍ତି । ଅଜିତ ହେଉଛନ୍ତି ଶରଦ ପାୱାରଙ୍କ ପୁତୁରା । ଏହି ନଣନ୍ଦ-ଭାଉଜ ଲଢ଼େଇ ପାୱାର ପରିବାର ପାଇଁ ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି । ତେଲେଙ୍ଗାନାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କାଡିୟମ ଶ୍ରୀହରିଙ୍କ ଝିଅ କାଡିୟମ କାବ୍ୟ ୱରାଙ୍ଗଲ ଆସନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବେଳେ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ୍ଡୀଙ୍କ ଝିଅ ୱାଇଏସ୍ ଶର୍ମିଳା କଡପ୍ପା ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି । ତାଙ୍କ ଭାଇ ଜଗନ ମୋହନ ରେଡୀ ୱାଇଏସଆର କଂଗ୍ରେସର ସଭାପତି ତଥା ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଅଛନ୍ତି । କିନ୍ତୁ ଶର୍ମିଳା ଆନ୍ଧ୍ର ପ୍ରଦେଶ କଂଗ୍ରେସର ସଭାନେତ୍ରୀ ଅଛନ୍ତି । ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନଟି ରାମାରାଓଙ୍କ ଝିଅ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡି. ପୁରନ୍ଦେଶ୍ୱରୀ ରାଜାମହେନ୍ଦ୍ରଭରମ ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ହୋଇଛନ୍ତି । ମହାରାଷ୍ଟ୍ରରେ ବିଜେପିର ବରିଷ୍ଠ ନେତା ସ୍ୱର୍ଗତ ଗୋପୀନାଥ ମୁଣ୍ଡେଙ୍କ ଝିଅ ପଙ୍କଜା ମୁଣ୍ଡେ ବିଡ୍ ଲୋକସଭା ଆସନରେ ପ୍ରାର୍ଥୀ ହୋଇଛନ୍ତି । ତାଙ୍କୁ ବିଜେପି ଟିକେଟ ଦେଇଛି । ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଫତି ମହମ୍ମଦ ସୟୀଦଙ୍କ ଝିଅ ମେହବୁବା ମୁଫତି ଅନନ୍ତନାଗ-ରାଜୌରୀ ଲୋକସଭା ଆସନରେ ପ୍ରାର୍ଥୀ ହୋଇଛନ୍ତି । ସେ ମଧ୍ୟ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ପିଡିପିର ଅଧ୍ୟକ୍ଷା ଅଛନ୍ତି । ଡିଏମକେ ପ୍ରତିଷ୍ଠାତା ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ କରୁଣାନିଧିଙ୍କ ଝିଅ କାନିମୋଝି ମଧ୍ୟ ଥୁଟୁକୁଡ଼ି ଲୋକସଭା ଆସନରୁ ଡିଏମକେ ପ୍ରାର୍ଥୀ ହୋଇଛନ୍ତି । ତାଙ୍କ ଭାଇ ଷ୍ଟାଲିନ ଏବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଅଛନ୍ତି । କାନିମୋଝି ଏବେ ବି ଏହି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି । ମହାରାଷ୍ଟ୍ରରେ ବିଜେପି ନେତା ସ୍ୱର୍ଗତ ପ୍ରମୋଦ ମହାଜନଙ୍କ ଝିଅ ପୁନମ ମହାଜନ ଏବେ ଲୋକସଭା ସଭ୍ୟ ଅଛନ୍ତି । ସେ ଉତ୍ତର କେନ୍ଦ୍ରୀୟ ମୁମ୍ବାଇରୁ ଗତ ନିର୍ବାଚନରେ ନିର୍ବାଚିତ ହୋଇଥିଲେ । ଏଥର ତାଙ୍କୁ ବିଜେପି ଟିକେଟ ଦେବ କି ନାହିଁ ତାହା ଜଣାପଡ଼ିନାହିଁ ।






## ମହୁଆ ଆଶ୍ୱସ୍ତ: ମାନହାନୀ ମାମଲା ପ୍ରତ୍ୟାହାର



**କୋଲକାତା:** ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ରାଙ୍କୁ ମିଳିଲା ଆଶ୍ୱସ୍ତି । ତାଙ୍କ ବିରୋଧରେ କରିଥିବା ମାନହାନୀ ମାମଲାକୁ ଫେରାନେଲେ ତାଙ୍କ ପୂର୍ବତନ ସାଥୀ ତଥା ଓକିଲ ଜୟ ଅନନ୍ତ ଦେହାଦ୍ରି । ଦିଲ୍ଲୀ ହାଇକୋର୍ଟରେ ମହୁଆଙ୍କ ବିରୋଧରେ ଅନନ୍ତ ଦେହାଦ୍ରି ମାନହାନୀ ମକଦ୍ଦମା କରିଥିଲେ । ତେବେ ଏହାକୁ ଆପୋଷ ବୁଝାମଣାରେ ଫେରାଇ ନେଇଥିବା ସେ ସୂଚନା ଦେଇଛନ୍ତି ।

ଗତ ବର୍ଷ ଲାଞ୍ଚ ନେଇ ସଂସଦରେ ମହୁଆ ମୋଇତ୍ରା ପ୍ରଶ୍ନ ପଚାରିବା ନେଇ ଅଭିଯୋଗ ଆଣିଥିଲେ ଅନନ୍ତ ଦେହାଦ୍ରି । ଏହାପରେ ମହୁଆ ଏହି ଅଭିଯୋଗକୁ ମିଛ ବୋଲି କହିବା ସହ ତାଙ୍କ ବିରୋଧରେ ଅପମାନଜନକ ପୋଷ୍ଟ ସେୟାର କରିଥିଲେ । ଏହାକୁ ନେଇ ତାଙ୍କ ବିରୋଧ ଦିଲ୍ଲୀ ହାଇକୋର୍ଟ ମାନହାନୀ ମକଦ୍ଦମା ରୁଜୁ କରିଥିଲେ ଓକିଲ ଅନନ୍ତ ଦେହାଦ୍ରି । ଏବେ ଏହି ମାନହାନୀ ମକଦ୍ଦମାକୁ ଅନନ୍ତ ଫେରାଇ ନେଇଛନ୍ତି । ଗୁରୁବାର ଦିଲ୍ଲୀ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା । ଏହି ସମୟରେ ଦେହାଦ୍ରିଙ୍କ ଓକିଲ, ଯଦି ମହୁଆ ମିଛ ବୟାନ ନଦେବାକୁ ପ୍ରତିଶ୍ରୁତି ଦିଅନ୍ତି ତେବେ ଏହି ମାମଲାକୁ ଶେଷ କରାଯାଇପାରେ ବୋଲି କହିଥିଲେ । ଏହାପର ଜବାବରେ ମହୁଆଙ୍କ ଓକିଲ କହିଥିଲେ ଯେ, ଆପୋଷ ବୁଝାମଣାରେ ମୁଁ ପଛକୁ ହଟିବାକୁ ପ୍ରସ୍ତୁତ ଅଛି । ଜଷ୍ଟିସ ପ୍ରତୀକ ଜାଲାନ କହିଥିଲେ ଯେ, ଯଦି ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣାରେ ମାମଲା ସମାଧାନ ହୋଇପାରୁଛି ତେବେ ଅଯଥା ନ୍ୟାୟିକ ସମୟ ନଷ୍ଟ କରିବା ଉଚିତ ନୁହେଁ ।

## ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ

**ନୂଆଦିଲ୍ଲୀ:** ମେନ୍ ସେସନ୍-୨ ରେଜଲ୍ଟ ପ୍ରକାଶ । ନ୍ୟାସନାଲ ଟେଷ୍ଟ ଏଜେନ୍ସି ସେସନ୍-୨ ଫଳାଫଳ ପ୍ରକାଶ କରିଛି । jeemain.nta.ac.in ଅଫିସିଆଲ ୱେବସାଇଟ୍ ମାଧ୍ୟମରେ ରେଜଲ୍ଟ ଜାଣିପାରିବେ । ଚଳିତ ବର୍ଷ, ଜେଇଇ ମେନ୍ ଜାନୁଆରୀ ଏବଂ ଏପ୍ରିଲରେ ଦୁଇଟି ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା । ଉଭୟ ସେସନରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ ସେମାନଙ୍କର ରେଜଲ୍ଟ ଏବଂ ମେରିଟ ଲିଷ୍ଟ ତାଲିକା ପାଇପାରିବେ । ଅଫିସିଆଲ ୱେବସାଇଟରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ । ଆପ୍ଲିକେସନ ନମ୍ବର, ପାସୱାର୍ଡ ଏବଂ ସିକ୍ୟୁରିଟି ପିନ ମାଧ୍ୟମରେ ରେଜଲ୍ଟ ଜାଣିପାରିବେ । ଭାରତର ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ଆଡମିଶନ ପାଇଁ ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ ମେନ୍) ଏଣ୍ଟ୍ରାନ୍ସ କରାଯାଏ ଏବଂ ଜେଇଇ ଆଡଭାନ୍ସ ପାଇଁ ଯୋଗ୍ୟତା ପରୀକ୍ଷା କରାଯାଏ ।

# ବିଜୟଧାରାକୁ ଫେରିଲା ବେଙ୍ଗାଲୁରୁ

## ଆଇପିଏଲ୍ ମହାସମର



ହାଇଦ୍ରାବାଦ,୨୫।୪(ଏଜେନ୍ସି): ଆଇପିଏଲ୍‌ର ୪୧ତମ ମ୍ୟାଚରେ ଘରୋଇ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୩୫ ରନ୍ ବ୍ୟବଧାନରେ ଧରାଶାୟୀ କରିଛି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ । ଚଳିତ ସଂସ୍କରଣରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇଥିବା ବେଙ୍ଗାଲୁରୁ ଦ୍ୱିତୀୟ ବିଜୟ ସହ ପୁଣି ଧାରାକୁ ଫେରିଛି । ୯ଟି ମ୍ୟାଚରୁ ୨ ବିଜୟ ସହ ୪ ପଏଣ୍ଟ ପାଇଛି ବେଙ୍ଗାଲୁରୁ । ସେହିଭଳି ସନରାଇଜର୍ସ ହାଇଦ୍ରାବାଦ ୮ ମ୍ୟାଚରୁ ୧୦ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନରେ ରହିଛି । ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ବେଙ୍ଗାଲୁରୁ ୨୦ ଓଭରରେ ୭ ୱିକେଟ ହରାଇ ୨୦୬ ରନ୍ କରିଥିଲା । ଜବାବରେ ସନ୍‌ରାଇଜର୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୧ ରନ୍‌ରେ ସୀମିତ ରହିଥିଲା ।

ଟସ୍ ଜିତି ବେଙ୍ଗାଲୁରୁ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଓପନର ବିରାଟ କୋହଲିଙ୍କ ସହ ଫାଫ ଡୁପ୍ଲେସିସ ପ୍ରଥମ ୱିକେଟ୍ ପାଇଁ ୪୮ ରନ୍ ଯୋଡି ଥିଲେ । ଡୁପ୍ଲେସିସ୍ ୧୨ ବଲ୍‌ରୁ ୨୫ ରନ୍ କରିଥିବା ବେଳେ ପାଭିଲିୟନ୍ ଫେରିଥିବା ବେଳେ ପରବର୍ତ୍ତୀ ବ୍ୟାଟର ୱିଲ ଜ୍ୟାକ୍ ୬ ରନ୍ କରିବାକୁ ସକ୍ଷମ ହୋଇଥିଲେ । ତେବେ ନଂ.୪ ସ୍ଥାନରେ ପଡିଆକୁ ଓହ୍ଲାଇଥିବା ରଜତ ପଟିଦାର ବିସ୍ଫୋରକ ଇନିଂସ ଖେଳି ଧୂମା ରନ୍ ସଂଗ୍ରହହାରକୁ ବଢ଼ାଇଥିଲେ । ସେ ଦୁଇଟି ଚୌକା ଓ ୫ଟି ଛକା ସହାୟତାରେ ୫୦ ରନ କରିଥିବା ବେଳେ ବିରାଟ କୋହଲିଙ୍କ ବ୍ୟାଟରୁ ଧୀମା ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା । କୋହଲି ୪୩ ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୫୧ ରନ୍ କରିଥିଲେ । କାମେରନ୍ ଗ୍ରୀନ୍ ୨୦ ବଲ୍‌ରୁ ୩୭, ଦିନେଶ କାର୍ତ୍ତିକ ୬ ବଲ୍‌ରୁ ୧୧ ଓ ସ୍ୱପ୍ନିଲ ସିଂ ୬ ବଲ୍‌ରୁ ୧୨ ରନ କରିବାରୁ ବେଙ୍ଗାଲୁରୁ ୨୦ ଓଭରରେ ୨୦୬/୭ ରନ୍ କରିଥିଲା । ସନ୍‌ରାଇଜର୍ସର ଜୟଦେବ ଉନାଦ କଟଙ୍କୁ ସର୍ବାଧିକ ୩ ୱିକେଟ୍ ସଫଳତା ମିଳିଥିଲା । ଟି.ନଟରାଜନ୍ ୨ଟି, ପାର୍ଟ କୁମିନ୍ସ ଓ ମୟଙ୍କ ମାର୍କେଣ୍ଡେ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୦୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ସନ୍‌ରାଇଜର୍ସ ପକ୍ଷରୁ ଓପନର ଅଭିଶେକ ଶର୍ମା ୩୧, ନୀତିଶ କୁମାର ରେଡ୍ଡୀ ୧୩, ସାହାବାଜ ଅହମ୍ମଦ ଅପରାଜିତ ୪୦, ଅବଦୁଲ ସମଦ ୧୦, ପାଟ କୁମିନ୍ସ ୩୧ ଓ ଭୁବନେଶ୍ୱର କୁମାର ୧୩ ରନ୍ କରିଥିଲେ । ଏହା ସତ୍ତ୍ୱେ ସନ୍‌ରାଇଜର୍ସ ବିଜୟଲକ୍ଷ୍ୟଠାରୁ ୩୫ ରନ୍ ପଛରେ ରହିଯାଇଥିଲା । ବେଙ୍ଗାଲୁରୁ ସ୍ୱପ୍ନିଲ ସିଂ, କର୍ଣ୍ଣ ଶର୍ମା ଓ କାମେରନ୍ ଗ୍ରୀନ୍ ଦୁଇଟି କରି ୱିକେଟ୍ ସଫଳତା ହାତେଇଥିଲେ ।

**ଆଜିର ମ୍ୟାଚ**

**କୋଲକାତା– ପଞ୍ଜାବ**
**ସମୟ: ରାତି ୭.୩୦**
**ସ୍ଥାନ: ଇଡେନ୍**
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ |
| କୋଲକାତା | ୭ | ୫ | ୨ | ୧୦ |
| ସନ୍‌ରାଇଜର୍ସ | ୮ | ୫ | ୩ | ୧୦ |
| ଲକ୍ଷ୍ନୌ | ୮ | ୫ | ୩ | ୧୦ |
| ଚେନ୍ନାଇ | ୮ | ୪ | ୪ | ୮ |
| ଦିଲ୍ଲୀ | ୯ | ୪ | ୫ | ୮ |
| ଗୁଜରାଟ | ୯ | ୪ | ୫ | ୮ |
| ମୁମ୍ବାଇ | ୮ | ୩ | ୫ | ୬ |
| ପଞ୍ଜାବ | ୮ | ୨ | ୬ | ୪ |
| ବେଙ୍ଗାଲୁରୁ | ୯ | ୨ | ୭ | ୪ |

## କିଟ୍ ଛାତ୍ରୀ ପ୍ରିୟଙ୍କାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



ଭୁବନେଶ୍ୱର,୨୫।୪(ସବ୍ୟୁ): ତୁର୍କୀର ଆଣ୍ଟାଲିଆରେ ଆୟୋଜିତ ବିଶ୍ୱ ଆଥଲେଟିକ୍ସ ରେସ୍‌ୱାର୍କିଂ ଟିମ୍ ଚାମ୍ପିଅନ୍‌ସିପ୍‌ରେ ଭାରତର ପ୍ରିୟଙ୍କା ଗୋସ୍ୱାମୀ (କିଟ୍ ଛାତ୍ରୀ) ଓ ଅକ୍ଷଦୀପ ସିଂ ୧୮ତମ ସ୍ଥାନ ହାସଲ କରି ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ଇଭେଣ୍ଟରେ ଶ୍ରେଷ୍ଠ ୨୨ ଯୋଡିଙ୍କୁ କୋଟା ସ୍ଥାନ ପ୍ରଦାନ କରାଯାଇଥିଲା । ଭାରତୀୟ ଯୋଡି ପ୍ରିୟଙ୍କା-ଅକ୍ଷଦୀପ ୪୨.୧୯୫ କିଲୋମିଟରକୁ ୩ ଘଣ୍ଟା ୫.୦୩ ମିନିଟ୍‌ରେ ଅତିକ୍ରମ କରିଥିଲେ । ଅନ୍ୟ ଭାରତୀୟ ଯୋଡି ମୁନିତା ପ୍ରଜାପତି ଓ ପରମଜିତ ସିଂ ୩୫ତମ ସ୍ଥାନରେ ଅଭିଯାନ ଶେଷ କରିଥିଲେ । ଏହି ଇଭେଣ୍ଟରେକୁ ଫ୍ରାନ୍ସିସ୍କୋ ଫର୍ଚ୍ୟୁନାଣ୍ଟୋ ଏବଂ ଭାଲେଣ୍ଟିନା ଟ୍ରାପୋଲେଟିଙ୍କ ଦ୍ୱାରା ପ୍ରତିନିଧିତ୍ୱ ଇଟାଲୀ ଦଳ ଜିତିଥିଲା । ଏହି ଯୋଡି ଫିନିସିଂ ଲାଇନ୍‌କୁ ୨ଘଣ୍ଟା ୫୬.୪୫ ମିନିଟ୍‌ରେ ଅତିକ୍ରମ କରିଥିଲେ । ପୂର୍ବରୁ ପ୍ରିୟଙ୍କା ଓ ଅକ୍ଷଦୀପ ବ୍ୟକ୍ତିଗତ ବର୍ଗ ୨ କିମି ଚାଲିରେ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିସାରିଥିଲେ ।

ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ଏଥର ନୂଆକରି ମାରାଥନ ମିକ୍ସଡ ରିଲେ ଇଭେଣ୍ଟକୁ ସାମିଲ କରାଯାଇଛି । ଏହି ବର୍ଗରେ ଅକ୍ଷଦୀପ ଓ ପ୍ରିୟଙ୍କା ଅଂଶଗ୍ରହଣ କରିବେ ।

୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଏଥର କିଟ୍‌କୁ ୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଏମାନେ ହେଲେ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ଚୌଧୁରୀ, ୨୦ କେଏମ୍ ରେସ୍‌ୱାର୍କ ଓ ମାରାଥନ ମିକ୍ସଡ ରିଲେରେ ପ୍ରିୟଙ୍କା ଗୋସ୍ୱାମୀ, ପୁରୁଷ ଜାଭେଲିନ୍ ଥ୍ରୋରେ କିଶୋର କୁମାର ଜେନା ଏବଂ ପୁରୁଷ ହକିରେ ଅମିତରୋହି ଦାସ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଗତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ୪ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ପ୍ୟାରିସ ଅଲିମ୍ପିକ୍ସରେ ଆହୁରି ୩/୪ ଜଣ ଯୋଗ୍ୟତା ଅର୍ଜନ କରିବାର ସମ୍ଭାବନା ରହିଛି । ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାବା ସହ ଅଲିମ୍ପିକ୍ସ ପ୍ରସ୍ତୁତି ନିମନ୍ତେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କଲେ ସାଇନା



ଭୁବନେଶ୍ୱର,୨୫।୪(ସବ୍ୟୁ): ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ତାରକା ସାଇନା ନେହ୍ୱାଲ । ପୁରୀ ଶ୍ରୀମନ୍ଦିରରେ ପ୍ରାୟ ୧ ଘଣ୍ଟା ବିତାଇବା ସହ ମହାପ୍ରସାଦ ସେବନ କରିଥିଲେ । ସାଇନା କହିଛନ୍ତି ଶ୍ରୀଜୀୟୁଙ୍କ ଉପରେ ସମସ୍ତଙ୍କ ଆସ୍ଥା ରହିଛି । ଆଳତୀ ଦର୍ଶନ କରିବାର ସୌଭାଗ୍ୟ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ଓ ଭାଗ୍ୟବାନ । ସାଇନାଙ୍କ ଶ୍ରୀମନ୍ଦିର ପ୍ରଶାସନଙ୍କ ପକ୍ଷରୁ ଶ୍ରୀଜୀୟୁଙ୍କ ମୂର୍ତ୍ତି ଉପହାରରେ ଦିଆଯାଇଛି । ସାଇନାଙ୍କ ସହ ତାଙ୍କ ପରିବାର ସଦସ୍ୟ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ । ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସାଇନା ନେହ୍ୱାଲ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

## ଭୁବନେଶ୍ୱରରେ ଅଭ୍ୟାସ କରିବ ଭାରତୀୟ ଦଳ

ଭୁବନେଶ୍ୱର,୨୫।୪(ସବ୍ୟୁ): ଆସନ୍ତା ମାସ ଗୁରୁତ୍ୱପୂର୍ଣ୍ଣ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଆୟୋଜନ ହେବାର ଅଛି । ଏହି ପ୍ରତିଯୋଗିତା ପାଇଁ ଭାରତୀୟ ସିନିୟର ପୁରୁଷ ଦଳ ଭୁବନେଶ୍ୱରରେ ଅଭ୍ୟାସ କରିବେ । କୋଚ ଇଗର ଷ୍ଟିମାକଙ୍କ ପ୍ରଶିକ୍ଷଣରେ ମେ' ୧୦ରୁ ଏହି ଶିବିର ଆରମ୍ଭ ହେବ । ଏହା ପରେ କୁଏତ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ କୋଲକାତା ଯିବ । ଜୁନ୍ ୨ରେ କୋଲକାତାରେ ଏହି ମ୍ୟାଚ ଖେଳାଯିବ । ଗତବର୍ଷ ନଭେମ୍ବରରେ ଭାରତ ୧-୦ ଗୋଲ୍‌ରେ କୁଏତକୁ ହରାଇଥିଲା । ଜୁନ୍ ୧୧ରେ ଭାରତ-କାତାର ମଧ୍ୟରେ ମ୍ୟାଚ ଖେଳାଯିବ । ପୂର୍ବରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଭାରତକୁ ୩-୦ ଗୋଲ୍‌ରେ କାତାର ପରାଜିତ କରିଥିଲା । ୪ଟି ବିଜୟ ସହ କାତାର ଟେବୁଲର ଶୀର୍ଷରେ ରହିଥିବା ବେଳେ ଭାରତ-ଆଫଗାନିସ୍ତାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଭାରତ ଯଦି ଦୁଇଟିଯାକ ମ୍ୟାଚ ଜିତିବାର ସଫଳ ହୁଏ ତେବେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟକୁ ଉନ୍ନୀତ ସମ୍ଭାବନା ରହିଛି ।


SALE SALE SALE

Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


## ଆଞ୍ଜେଲ୍ ୱାନ୍ ପକ୍ଷରୁ ଆଇପିଏଲ୍ ସହିତ ଅଫିସିଆଲ୍ ସହଯୋଗିତା

ଭୁବନେଶ୍ୱର,୨୫।୪(ସବ୍ୟୁ): ଅଗ୍ରଣୀ ପ୍ରଯୁକ୍ତିଭିତିକ ଆର୍ଥିକ ସେବା ପ୍ରଦାନକାରୀ ଆଞ୍ଜେଲ୍ ୱାନ୍ ଲିମିଟେଡ୍ ପକ୍ଷରୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ସହ ସହଯୋଗିତା ସ୍ଥାପନ କରାଯାଇଛି । ୨୦୨୪ରୁ ୨୦୨୮ ପର୍ଯ୍ୟନ୍ତ କମ୍ପାନୀ ଆଇପିଏଲ୍ ସହ ଯୋଡ଼ି ହୋଇ ରହିବ ଏବଂ ଆର୍ଥିକ ସେବା ବର୍ଗରେ ଆଇପିଏଲ୍‌ର ସହକାରୀ ସହଯୋଗୀ ହେବ । ଭାରତର ଯୁବବର୍ଗ ମଧ୍ୟରେ ଆର୍ଥିକ ସଚେତନତାର ପ୍ରସାର ଓ ସଶକ୍ତିକରଣ ପାଇଁ ଆଇପିଏଲ୍ ଜରିଆରେ ବିବିଧ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ଆଇପିଏଲ୍ ସହ ଯୋଡ଼ି ହୋଇ ଟେଲିଭିଜନ ଏବଂ ଡିଜିଟାଲ ପ୍ଲାଟଫର୍ମରେ ୮୦୦ ନିୟୁତରୁ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚି ବ୍ରାଣ୍ଡକୁ ବିଶାଳ ସ୍ତରରେ ପ୍ରଦର୍ଶନ କରିବା ପାଇଁ ଆଞ୍ଜେଲ ୱାନ୍‌କୁ ଏକ ଆକର୍ଷଣୀୟ ସୁଯୋଗ ପ୍ରଦାନ କରିବ । ବିସିସିଆଇ ସହିତ ଏହି ସହଯୋଗିତା ଅଭିବୃଦ୍ଧି ଏବଂ ସମ୍ପ୍ରସାରଣ ପାଇଁ ନୂତନ ମାର୍ଗ ଖୋଲିବା ପାଇଁ ଆଞ୍ଜେଲ ୱାନ୍‌ର ଦୀର୍ଘମିଆଦୀ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତାକୁ ଦର୍ଶାଉଛି । ଯଦିଓ ଆମେ ଯୁବବର୍ଗଙ୍କ ଉପରେ ଧ୍ୟାନ ଦେବାକୁ ଚାହୁଁଛୁ, ତେବେ ଏହି ସହଯୋଗିତା ଆମ ଗ୍ରାହକଙ୍କ ସହ ଯୋଡ଼ିହେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଆଞ୍ଜେଲ ୱାନ୍‌ର ଲକ୍ଷ୍ୟ ହେଉଛି ଆଇପିଏଲ୍‌ର ବ୍ୟାପକ ଉପସ୍ଥିତିକୁ ଉପଯୋଗ କରି ବ୍ରାଣ୍ଡ୍ ଆକର୍ଷଣ, ସଂପୃକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ମଧ୍ୟରେ ନିଜ ଉପସ୍ଥିତିକୁ ସୁଦୃଢ଼ କରିବା । ଆଞ୍ଜେଲ ୱାନ୍ ଲିମିଟେଡ୍‌ର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ପ୍ରଭାକର ତିୱାରୀ କହିଛନ୍ତି ଯେ, ଆଇପିଏଲ୍ ୨୦୨୪ ପାଇଁ ବିସିସିଆଇ ସହ ସହଯୋଗିତା ସ୍ଥାପନ କରି ଆମେ ଅତ୍ୟନ୍ତ ଉତ୍ସାହିତ । କେବଳ ଏକ କ୍ରୀଡ଼ା ନୁହେଁ, ତାଠାରୁ ଆଗକୁ ବଢ଼ି ଭାରତରେ କ୍ରିକେଟ୍‌ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବିପୁଳ ଲୋକଙ୍କ ପାଖରେ ଆଇପିଏଲ୍ ପହଞ୍ଚିଥିବାରୁ ଆମକୁ ଲକ୍ଷ ଲକ୍ଷକ୍ରିକେଟ ପ୍ରେମୀଙ୍କୁ ସଚେତନ ଆର୍ଥିକ ନିଷ୍ପତି ନେବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ସହିତ ସଶକ୍ତ କରିବାର ଏକଅନନ୍ୟ ସୁଯୋଗ ପ୍ରଦାନ କରୁଛି । କ୍ରୀଡ଼ା ଓ ଫିନଟେକ୍‌ର ଏହି ନିରବଚ୍ଛିନ୍ନ ସମନ୍ୱୟ ମାଧ୍ୟମରେ ଭାରତରେ ଆର୍ଥିକ ସଚେତନତାକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ। ଆଞ୍ଜେଲ ୱାନ୍ ଲିମିଟେଡ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦିନେଶ ଡି ଠକ୍କର କହିଛନ୍ତି ଯେ, ଆଇପିଏଲ ହେଉଛି ଏକ ସମ୍ମାନଜନକ କାର୍ଯ୍ୟକ୍ରମ ଯେଉଁଥିରେ ବର୍ଷ ବର୍ଷ ଧରି ଉଭୟ ପ୍ରତିଷ୍ଠା ଏବଂ ଯୋଗଦାନରେ ଅଭିବୃଦ୍ଧି ଘଟିଛି ଯାହା ଭାରତର ଅନ୍ୟତମ ପ୍ରମୁଖ ଫିନଟେକ୍ ଭାବେ ଆଞ୍ଜେଲ ୱାନ୍‌ର ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି । ଆମର ପ୍ରାଥମିକଧ୍ୟାନ ବହୁ-ସେବା କ୍ଷେତ୍ରରେ ବିସ୍ତାର କରିବା ଉପରେ ରହିଛି ଯେଉଁଠାରେ ଆମେ ଆମର ସମସ୍ତ ଗ୍ରାହକଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିପାରିବା । ଏହି ଭାଗିଦାରୀ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଖରେ ପହଞ୍ଚିବା ପାଇଁ ଆମର ପ୍ରୟାସକୁ ସୁଦୃଢ଼ କରୁଛି ଏବଂ କ୍ରିକେଟ ପ୍ରେମୀଙ୍କ ଏକ ପିଢ଼ିକୁ ପ୍ରେରଣା ଦେବା ପାଇଁ ଆମେ ଉତ୍ସାହିତ ।




## ଜାତୀୟ ଫୁଟବଲ ଚାମ୍ପିଅନ୍‌ସିପ୍: ଓଡ଼ିଶା-ମଣିପୁର ମ୍ୟାଚ ଡ୍ର'

ଭୁବନେଶ୍ୱର,୨୫।୪(ସବ୍ୟୁ): ରାମକ୍ରିଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ ଚାମ୍ପିଅନ୍‌ସିପ୍‌ରେ ଗୁରୁବାର ଓଡ଼ିଶା-ମଣିପୁର ମ୍ୟାଚ ୧-୧ ଗୋଲ୍‌ରେ ଡ୍ର' ରହିଛି । ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦ୍ୱାଦଶ ମିନିଟ୍‌ରେ ଓଡ଼ିଶାର ସୁରେଶ ଖଡିଆ ପ୍ରଥମ ଗୋଲ୍‌ସ୍କୋର କରିଥିଲେ । ପ୍ରଥମାର୍ଦ୍ଧରେ ଓଡ଼ିଶା ଦଳ ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧ ଖେଳର ଷଷ୍ଠ ମିନିଟ୍‌ରେ (୫୧ ମିନିଟ୍) ମଣିପୁରର ଆଶାଙ୍ଗବାମ ଭାସ୍କର ସିଂ ଗୋଲସ୍କୋର କରି ମ୍ୟାଚକୁ ୧-୧ରେ ବରାବର କରିଥିଲେ । ଶେଷ ପର୍ଯ୍ୟନ୍ତ ଏହି ବ୍ୟବଧାନ ଜାରି ରହିବା ସହ ମ୍ୟାଚ ଡ୍ର' ହୋଇ ପଏଣ୍ଟ ଭାଗ ହୋଇଛି । ଲିଗ୍ ପର୍ଯ୍ୟାୟରେ ଓଡ଼ିଶାର ଭଲ ପ୍ରଦର୍ଶନ ସତ୍ତ୍ୱେ ଦଳ ସମାନ ପଏଣ୍ଟ ଥାଇ ବି ଗୋଲ୍ ଆର୍ଭେଜରେ ପରବର୍ତ୍ତୀ ରାଉଣ୍ଡରେ ଯୋଗ୍ୟତା ଅର୍ଜନ କରିପାରିନାହିଁ । ମଣିପୁର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

## ଜାତୀୟ ସ୍କୁଲ ଗେମ୍ସ: ଓଡ଼ିଶା ବାଳିକା ଦଳକୁ ରୌପ୍ୟ



ଭୁବନେଶ୍ୱର,୨୫।୪(ସବ୍ୟୁ): ପୁନେର ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଦୁଇ ଦିନିଆ ୬୯ତମ ଜାତୀୟ ସ୍କୁଲ ଗେମ୍ସ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ୧୯ ବର୍ଷରୁ କମ୍ ବାଳିକା ରଗବୀ ଦଳ ରୌପ୍ୟ ପଦକ ଜିତିଛି । ପ୍ରଥମ ଲିଗ୍ ମ୍ୟାଚରେ ଓଡ଼ିଶା ୧୦-୦ ପଏଣ୍ଟରେ ସିବିଏସ୍‌ଇକୁ ହରାଇଥିଲା । ଦ୍ୱିତୀୟ ଲିଗ୍ ମ୍ୟାଚରେ ବିହାର ନିକଟରୁ ୧୯-୦ରେ ହାରିଥିଲା ଓଡ଼ିଶା । କ୍ୱାର୍ଟରଫାଇନାଲରେ ଓଡ଼ିଶା ଦଳ ୨୭-୦ ବ୍ୟବଧାନରେ ରାଜସ୍ଥାନକୁ ହରାଇଥିଲା । ସେମିଫାଇନାଲରେ ୩୬-୦ ପଏଣ୍ଟରେ ଛତିଶଗଡ଼କୁ ଧରାଶାୟୀ କରି ଫାଇନାଲରେ ପ୍ରବେଶ କରିଥିଲା । ଟାଇଟଲ ମୁକାବିଲାରେ ଓଡ଼ିଶା ୨୭-୭ ପଏଣ୍ଟ ବ୍ୟବଧାନରେ ବିହାର ନିକଟରୁ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି । ଓଡ଼ିଶା ଦଳରେ କିସ୍‌ର ୭ ଜଣ ସ୍ଥାନ ପାଇଥିଲେ । ଏମାନେ ହେଲେ ରାଇମଣି ଛତର, ବିଦ୍ୟୁତସ୍ମିତା ସିଂ, ସଞ୍ଜୁତା ଭୂମିଜ, ବାରାସାନି ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ରଞ୍ଜୁଲତା ନାୟକ ଓ ବେଳାମତି ଭତ୍ରା ସ୍ଥାନ ପାଇଥିଲେ । ସେହିଭଳି ମୟୂରଭଞ୍ଜର ଭଗ୍ୟଲକ୍ଷ୍ମୀ ମାରାଣ୍ଡି, ହିସି ଟୁଡୁ ଓ ଅମିଷାରାଣୀ ମାଝୀ ଏବଂ ବାଲେଶ୍ୱରର ଲକ୍ଷ୍ମୀପ୍ରିୟା ବେହେରା ଓ ନମିତା ମହାନ୍ତି ସ୍ଥାନ ପାଇଥିଲେ । ରଗବୀ ଦଳର ରୌପ୍ୟ ପଦକ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି ।


ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541